- Vol.- 46, Issue No. 194
- Tuesday, 13 October 2026
- ମଙ୍ଗଳବାର, ୧୩ ଅକ୍ଟୋବର ୨୦୨୬
- Bhubaneswar
- Price: Rs. 3.00, Page: 8
- R.N.I. Regd. No. 34063/81
- Postal Regd. No. BN/79/18-20
- Online Portal: www.dinalipi.com
- Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


### ଜ୍ଞାନେଶ କୁମାର ଓ 'ଏସ୍‌ଆଇଆର୍' ବିରୋଧରେ

# ସୁପ୍ରିମକୋର୍ଟରେ ଇଣ୍ଡି ମେଣ୍ଟର ମାମଲା

### ଆବେଦନରେ ୧୧ ନେତାଙ୍କ ସ୍ୱାକ୍ଷର, ଆଜି ହୋଇପାରେ ଶୁଣାଣି



ନୂଆଦିଲ୍ଲୀ,୧୨।୧୦: ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସୋମବାର ସନ୍ଧ୍ୟାରେ ସୁପ୍ରିମକୋର୍ଟରେ ନିର୍ବାଚନ କମିଶନଙ୍କ ବିରୋଧରେ ଏକ ବ୍ୟକ୍ତିଗତ ଆବେଦନ ଦାଖଲ କରିଛନ୍ତି । ଭାରତର ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତ ଭେଟିବାକୁ ମନା କରିବା ପରେ ଏବଂ ସିଜେଆଇଙ୍କ ପରାମର୍ଶ କ୍ରମେ ରାହୁଲ ନ୍ୟାୟିକ ରାସ୍ତା ଆପଣାଇଛନ୍ତି । ଏହି ଜନସ୍ୱାର୍ଥ ମାମଲାରେ ଇଣ୍ଡି ମେଣ୍ଟର ୧୧ ଜଣ ନେତା ସ୍ୱାକ୍ଷର କରିଛନ୍ତି । ଆବେଦନରେ ବଡ଼ ପରିମାଣରେ ମତଦାତାଙ୍କ ବାଦ୍ ଦେବା ଏବଂ ଭୋଟର ତାଲିକାର ଏସ୍‌ଆଇଆର୍ ଅନିୟମିତତା, ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ବିରୋଧରେ ଅନେକ ଗମ୍ଭୀର ଅଭିଯୋଗ ମଧ୍ୟ କରାଯାଇଛି। ଆବେଦନରେ 'ଭୋଟ୍ ଚୋରି' ଅଭିଯୋଗରେ ଏସ୍‌ଆଇଆର୍ ଉପରେ ସ୍ଥଗିତାଦେଶ ଜାରି କରିବା ଏବଂ ସିଇସି ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବି କରାଯାଇଛି। ରାହୁଲ ଗାନ୍ଧୀଙ୍କ ବ୍ୟତୀତ ଆବେଦନକାରୀଙ୍କ ମଧ୍ୟରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ, ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ, ଆରଜେଡି ନେତା ତେଜସ୍ୱୀ ଯାଦବ, ତୃଣମୂଳ କଂଗ୍ରେସ (ମମତା ଗୋଷ୍ଠୀ) ନେତା ସୌଗତ ରାୟ, ଶିବସେନା ନେତା ସଞ୍ଜୟ ରାଉତ, ଡି ରାଜା, ମହୁଆ ମାଝୀ, ସୁପ୍ରିୟା ସୁଲେ, ଇଟି ମହମ୍ମଦ ୱାଶୀର ଏବଂ ସିପିଆଇ(ଏମ୍) ସାଧାରଣ ସମ୍ପାଦକ ଏମଏ ବେବି ସାମିଲ ଅଛନ୍ତି। ରାହୁଲ ଗାନ୍ଧୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସୁପ୍ରିମକୋର୍ଟରେ ପହଞ୍ଚି ନ ପାରିବାରୁ ତାଙ୍କ ପକ୍ଷରୁ ଓକିଲ ଏସ୍. ପ୍ରସନ୍ନା ଆବେଦନ ଦାଖଲ କରିଥିଲେ। ରାହୁଲ ଗାନ୍ଧୀଙ୍କ ଆବେଦନ ଉପରେ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ମଙ୍ଗଳବାର ଶୁଣାଣି କରିପାରନ୍ତି ।

### ସମସ୍ତ ଆବେଦନକୁ ମିଳିଛି ଅନୁମୋଦନ

### ଅକ୍ଟୋବର ୨୭ରେ ହେବ ଶୁଣାଣି

ନୂଆଦିଲ୍ଲୀ,୧୨।୧୦: ସିଇସି ଜ୍ଞାନେଶ କୁମାରଙ୍କ ବିରୋଧରେ ହୋଇଥିବା ସମସ୍ତ ଆବେଦନକୁ ସୁପ୍ରିମକୋର୍ଟ ଅନୁମୋଦନ କରିଛନ୍ତି । ଅକ୍ଟୋବର ୨୭ ରେ ସୁପ୍ରିମକୋର୍ଟ ଏହି ମାମଲାର ଶୁଣାଣି କରିବେ । ନିର୍ବାଚନରେ ଅନିୟମିତତା ଏବଂ ଏସଆଇଆର୍ ପ୍ରକ୍ରିୟାକୁ ନେଇ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ କାର୍ଯ୍ୟକଳାପ ଉପରେ ପ୍ରଶ୍ନ ଉଠିଛି। ଏହି ସମସ୍ତ ଆବେଦନକୁ ମିଶାଇ ସୁପ୍ରିମକୋର୍ଟ ବର୍ତ୍ତମାନ ଏକାଠି ଶୁଣାଣି କରିବାକୁ ନିଷ୍ପତ୍ତି ନେଇଛନ୍ତି। ସୁପ୍ରିମକୋର୍ଟ ଏହା ସ୍ପଷ୍ଟ କରିଛନ୍ତି ଯେ ଫର୍ମ-୬ ସମ୍ବନ୍ଧୀୟ କୌଣସି ନିଷ୍ପତ୍ତି ଦେଇନାହାନ୍ତି। ବିହାରରେ ଫର୍ମ -୬ ର କୌଣସି ସମସ୍ୟା ନଥିଲା। କିମ୍ବା କୌଣସି ପ୍ରକାରର ଅନୁମୋଦନ ଦିଆଯାଇନାହିଁ । ଅନୁମୋଦନ ହୋଇଥିବା ଆବେଦନଗୁଡ଼ିକ ମଧ୍ୟରେ ସମୁଦାୟ ୧୧ ଜଣ ଆବେଦନକାରୀ ଅଛନ୍ତି। ଏହି ନିର୍ବାଚନରେ ଆୟୋଗର ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ସହ ନିର୍ବାଚନ କମିଶନର ସୁଖବୀର ସିଂ ସାନ୍ଧୁ ଏବଂ ବିବେକ ଯୋଶୀଙ୍କୁ ଅଭିଯୁକ୍ତ ବନାଯାଇଛି। ଏହା ପୂର୍ବରୁ, ଇଣ୍ଡି ମେଣ୍ଟର ନେତାଙ୍କ ସହ ଆଲୋଚନା ସମ୍ପର୍କରେ ସିଜେଆଇ ରାହୁଲ ଗାନ୍ଧୀଙ୍କୁ ଏକ ବୈଠକ କରିବା ପରିବର୍ତ୍ତେ ଆବେଦନ କରିବାକୁ କହିଥିଲେ । ଏହି ସମୟରେ ଜଷ୍ଟିସ୍ ସୂର୍ଯ୍ୟ କାନ୍ତ ମଧ୍ୟ କ୍ଷମତା ବିଭାଜନ ବିଷୟରେ କହିଥିଲେ। ମାମଲାର ଶୀଘ୍ର ଶୁଣାଣି ପାଇଁ ମଧ୍ୟ ନିଶ୍ଚିତ କରାଯାଇଛି।

# ନିର୍ବାଚନ କମିଶନଙ୍କୁ ଦିଆଯାଉ ନିର୍ଦ୍ଦେଶ

- ଏସ୍‌ଆଇଆର ସମସ୍ତ ଫାଇଲ କୋର୍ଟରେ ହେଉ ଦାଖଲ
- ଇସିନେଟ୍ ଓ ଏରୋନେଟ୍‌ର ଆକ୍ସେସ୍ ଲଗ୍ କରାଯାଉ

ନୂଆଦିଲ୍ଲୀ,୧୨।୧୦: ରାହୁଲ ଗାନ୍ଧି ବନାମ ଭାରତୀୟ ନିର୍ବାଚନ କମିଶନଙ୍କ ମଧ୍ୟରେ ହୋଇଥିବା ପିଟିସିନରେ ୧୦ଟି ବିଷୟ ଉପରେ ଉଲ୍ଲେଖ କରାଯାଇଛି। ପ୍ରଥମରେ ଏସ୍‌ଆଇଆର ସମ୍ପର୍କିତ ସମସ୍ତ ଫାଇଲ୍, ଚୁକ୍ତି, ବୈଠକର ବିବରଣୀ, ବୈଠକର ରେକର୍ଡ ଓ ଉଠାଯାଇଥିବା ଆପତ୍ତି ସମ୍ପର୍କିତ ଦସ୍ତାବିଜ କୋର୍ଟରେ ଦାଖଲ କରିବାକୁ ଭାରତୀୟ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦିଆଯାଉ।ଏଥିରେ ସମ୍ପୃକ୍ତ ଇସିନେଟ୍ ଓ ଏରୋନେଟ୍‌ର ଆକ୍ସେସ୍ ଲଗ୍ ସହିତ ୨୦୨୫ ଜୁନ୍ ୨୪ ତାରିଖରେ ଏସ୍‌ଆଇଆର ଆରମ୍ଭ କରିବା ସମ୍ପର୍କିତ ନିଷ୍ପତ୍ତିର ସମସ୍ତ ଫାଇଲକୁ ସାମିଲ ଥିବା ଆବଶ୍ୟକ। ସମ୍ବିଧାନର ଧାରା ୧୪, ୧୯ ଓ ୨୧ରେ ଥିବା ଅଧିକାରର ସୁରକ୍ଷା ଓ ଧାରା ୩୨୪ର କାର୍ଯ୍ୟକାରିତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହି ନିର୍ଦ୍ଦେଶ ଜାରି କରାଯାଉ। ଦ୍ୱିତୀୟରେ ଏସ୍‌ଆଇଆର ସମ୍ପର୍କିତ ନିଷ୍ପତ୍ତିଗୁଡ଼ିକ ସମ୍ବିଧାନର ଧାରା ୩୨୪, ମୁଖ୍ୟ ନିର୍ବାଚନ କମିଶନର ଓ ଅନ୍ୟ ନିର୍ବାଚନ କମିଶନରଙ୍କ (ନିଯୁକ୍ତି, ସେବା ସର୍ତ୍ତ ଓ କାର୍ଯ୍ୟକାଳ) ଅଧିନିୟମ, ୨୦୨୩ର ଧାରା ୧୮ ବ୍ୟବସ୍ଥା ଅନୁଯାୟୀ ନିଷ୍ପତ୍ତି ଗ୍ରହଣ କରାଯାଇଛି କି ନାହିଁ, ତାହାର ଯାଞ୍ଚ ପାଇଁ ଉପଯୁକ୍ତ ନିର୍ଦ୍ଦେଶ ଜାରି କରାଯାଉ। ଯଦି କୌଣସି ନିଷ୍ପତ୍ତି ଆଇନଗତ କ୍ଷମତା ବିନା ଗ୍ରହଣ କରାଯାଇଥାଏ, ତେବେ ସେଗୁଡ଼ିକୁ ରଦ୍ଦ କରାଯାଉ। ତୃତୀୟରେ ଭୋଟର ତାଲିକା ପ୍ରସ୍ତୁତି ଓ ସଂଶୋଧନକୁ ନିୟନ୍ତ୍ରଣ କରୁଥିବା ସାମ୍ବିଧାନିକ କିମ୍ବା ଆଇନଗତ ବ୍ୟବସ୍ଥାର ଉଲ୍ଲଂଘନ ପାଇଁ ଦାୟୀ ବ୍ୟକ୍ତିମାନଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଜାରି କରାଯାଉ। ଚତୁର୍ଥରେ ଭୋଟର ତାଲିକାକୁ ନେଇ ବର୍ତ୍ତମାନର ଆବେଦନ ଓ ଏହା ସହ ଜଡ଼ିତ ଅନ୍ୟାନ୍ୟ ମାମଲା ଉପରେ ଉପଯୁକ୍ତ ନିଷ୍ପତ୍ତି ନେବାକୁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦିଆଯାଉ। ଏଥିସହ ଏସ୍‌ଆଇଆର ସମ୍ପର୍କରେ ନିର୍ବାଚନ କମିଶନ ନେଉଥିବା ପ୍ରତ୍ୟେକ ନିଷ୍ପତ୍ତି ୨୦୨୩ ଅଧିନିୟମର ଧାରା ୧୮ ଅନୁଯାୟୀ ଗ୍ରହଣ କରାଯିବା ସହ ତାହାର ଉପଯୁକ୍ତ ରେକର୍ଡକୁ ସୁନିଶ୍ଚିତ କରାଯାଉ। ପଞ୍ଚମରେ ଅନଲାଇନ୍ ଫର୍ମ-୬କୁ ଭୋଟର ପଞ୍ଜୀକରଣ ନିୟମ, ୧୯୬୦ ଅନୁଯାୟୀ ନିର୍ଦ୍ଧାରିତ ଫର୍ମ ସହ ସମାନ କରିବାକୁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦିଆଯାଉ।ଷଷ୍ଠରେ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗୋଟିଏ ସ୍ୱାଧୀନ କମିଟି ଗଠନ କରାଯାଉ। ଏହି କମିଟିରେ ବୈଷୟିକ ବିଶେଷଜ୍ଞ ଓ ବିଶିଷ୍ଟ ନାଗରିକମାନଙ୍କୁ ମଧ୍ୟ ସାମିଲ କରାଯାଉ। ଏସ୍‌ଆଇଆର ସମୟରେ ଭୋଟର ତାଲିକାରୁ ନାଁ ବାଦ୍ ଦେବା ଓ ତାଲିକାରେ କରାଯାଇଥିବା ସଂଶୋଧନ ସମ୍ପର୍କରେ ସ୍ୱାଧୀନ ତଦନ୍ତ ଓ ଅଡିଟ୍ କରିବା,ଭୋଟର ତାଲିକାର ଡାଟାବେସ୍‌କୁ କେଉଁମାନେ ଓ କିପରି ପ୍ରବେଶ କରିଛନ୍ତି, ସେଥିରେ କେଉଁ ପରିବର୍ତ୍ତନ କରାଯାଇଛି, ତାହାର ଯାଞ୍ଚ କରାଯାଉ। ସପ୍ତମରେ ଏସ୍‌ଆଇଆର ସମୟରେ ଭୋଟର ତାଲିକାରୁ ବାଦ୍ ଦିଆଯାଇଥିବା ସମସ୍ତ ଭୋଟରଙ୍କ ନାମ ବୁଥ୍‌ୱାରୀ ଭାବେ ପ୍ରକାଶ କରିବାକୁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦିଆଯାଉ। ଭୋଟର ତାଲିକାରେ ନାଁ ରହିବାକୁ ଯୋଗ୍ୟ ବୋଲି ପ୍ରମାଣିତ ହେଉଥିବା ବ୍ୟକ୍ତିଙ୍କ ନାମ ପୁନଃ ସାମିଲ କରିବା ପାଇଁ ଏକ ପ୍ରଭାବଶାଳୀ ବ୍ୟବସ୍ଥା କାର୍ଯ୍ୟକାରୀ ହେଉ। ଅଷ୍ଟମରେ,ଆଇନ ଅନୁଯାୟୀ ନୋଟିସ୍ ଜାରି ନକରି ଓ ନିଜ ପକ୍ଷ ରଖିବା ପାଇଁ ଯୁକ୍ତିଯୁକ୍ତ ସୁଯୋଗ ପ୍ରଦାନ ନକରି କୌଣସି ଭୋଟରଙ୍କ ନାଁ ଭୋଟର ତାଲିକାରୁ ବାଦ୍ ନ ଦେବାକୁ ପ୍ରତିପକ୍ଷମାନଙ୍କୁ ନିର୍ଦ୍ଦେଶ ଦିଆଯାଉ। ନବମରେ ବର୍ତ୍ତମାନର ଆବେଦନରେ ଉଠାଯାଇଥିବା ପ୍ରସଙ୍ଗଗୁଡ଼ିକର ବିଚାର ଓ ନିଷ୍ପତ୍ତି ନହେବା ପର୍ଯ୍ୟନ୍ତ ସମସ୍ତ ରାଜ୍ୟରେ ଚାଲୁ ରହିଥିବା ଏସ୍‌ଆଇଆର ପ୍ରକ୍ରିୟାକୁ ସ୍ଥଗିତ ରଖିବା ପାଇଁ ଏକ ଅନ୍ତରୀଣ ନିର୍ଦ୍ଦେଶ ଜାରି କରାଯାଉ। ଦଶମରେ ମାମଲାର ତଥ୍ୟ ଓ ପରିସ୍ଥିତିକୁ ବିଚାରକୁ ନେଇ ନିର୍ବାଚନ ପ୍ରକ୍ରିୟାର ଅଖଣ୍ଡତା ଓ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ମତଦାନ ଅଧିକାରର ସୁରକ୍ଷା ପାଇଁ ନ୍ୟାୟାଳୟ ଯେଉଁ ଅନ୍ୟାନ୍ୟ କିମ୍ବା ଅତିରିକ୍ତ ଆଦେଶକୁ ଉପଯୁକ୍ତ ମନେ କରନ୍ତି, ତାହା ଜାରି କରିବାକୁ ନିବେଦନ କରାଯାଇଛି।

### ୬ ରାଜ୍ୟରେ ବଦଳିଲେ ରାଜ୍ୟପାଳ

## ଓଡ଼ିଶାରେ ନିଯୁକ୍ତ ହେଲେ ବ୍ରଜ ମୋହନ ରାମ



ନୂଆଦିଲ୍ଲୀ,୧୨।୧୦: ୬ ରାଜ୍ୟରେ ବଦଳିଛନ୍ତି ରାଜ୍ୟପାଳ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ରାଜ୍ୟପାଳ ନିଯୁକ୍ତି ନେଇ ସୋମବାର ମୋହର ମାରିଛନ୍ତି । ଓଡ଼ିଶା ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମପାଟିଙ୍କ ସ୍ଥାନରେ ବ୍ରଜ ମୋହନ ରାମଙ୍କୁ ନୂଆ ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି । ବ୍ରଜ ମୋହନ ରାମ ବିଜେପି ସହ ଜଡ଼ିତ ଜଣେ ଅଭିଜ୍ଞ ରାଜନେତା। ସେ ୧୯୯୬, ୧୯୯୮ ଓ ୧୯୯୯ ମସିହାରେ ଲଗାତାର ତିନିଥର ଲୋକସଭା ସାଂସଦ ଭାବେ ନିର୍ବାଚିତ ହୋଇଥିଲେ ।ସେ ଝାଡ଼ଖଣ୍ଡରେ ବିଜେପିର ଅନୁସୂଚିତ ଜାତି (ଏସସି) ମୋର୍ଚ୍ଚାର ରାଜ୍ୟ ପ୍ରଭାରୀ ଭଳି ଗୁରୁତ୍ୱପୂର୍ଣ୍ଣ ସାଂଗଠନିକ ଦାୟିତ୍ୱ ମଧ୍ୟ ତୁଲାଇଛନ୍ତି । ସିକ୍କିମର ରାଜ୍ୟପାଳ ଓମ୍ ପ୍ରକାଶ ମାଥୁରଙ୍କୁ କେରଳମର ରାଜ୍ୟପାଳ ଏବଂ କେରଳମର ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକରଙ୍କୁ ତାମିଲନାଡୁର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି । ଏଥିସହ ଡକ୍ଟର ସୁଧା ଯାଦବଙ୍କୁ କର୍ଣ୍ଣାଟକ, ଡକ୍ଟର ଡାଲ ସିଂହ ବିସେନଙ୍କୁ ଉତ୍ତରାଖଣ୍ଡ ଏବଂ ଦୁଷ୍ୟନ୍ତ ଗୌତମଙ୍କୁ ସିକ୍କିମର ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଛି ।

# ଏଣିକି ଜନ୍ତରମନ୍ତରରେ ବିକ୍ଷୋଭ ମନା

### ବିକଳ୍ପ ଭାବେ ୩ ନୂଆ ସ୍ଥାନ ନିର୍ଦ୍ଧାରିତ

ନୂଆଦିଲ୍ଲୀ,୧୨।୧୦: ଦିଲ୍ଲୀ ପୋଲିସ ଜନ୍ତରମନ୍ତରକୁ ନିର୍ଦ୍ଧାରିତ ଧାରଣା-ପ୍ରଦର୍ଶନ ସ୍ଥଳ ତାଲିକାରୁ ହଟାଇ ଦେଇଛି। ଏହା ବଦଳରେ ରାମଲୀଳା ମୈଦାନ, ବୁରାଡ଼ି ମୈଦାନ ଏବଂ ପୂର୍ବ ଦିଲ୍ଲୀର ସିବିଡି ମୈଦାନକୁ ନୂଆ ପ୍ରଦର୍ଶନ ସ୍ଥଳ ଭାବେ ନିର୍ଦ୍ଧାରଣ କରାଯାଇଛି। ଏଥି ନେଇ ପୋଲିସ କମିଶନର ଅନୁରାଗ କୁମାର ଅକ୍ଟୋବର ୧୧ ତାରିଖରେ ଏକ ସ୍ଥାୟୀ ଆଦେଶ ଜାରି କରିଛନ୍ତି ।ଉକ୍ତ ଆଦେଶ ଅନୁଯାୟୀ, କେନ୍ଦ୍ର ଗୃହ ମନ୍ତ୍ରଣାଳୟ ପକ୍ଷରୁ ଗଠିତ ଏକ କମିଟିର ସୁପାରିସ ଆଧାରରେ ଏହି ନିଷ୍ପତ୍ତି ନିଆଯାଇଛି। ନାଗରିକଙ୍କ ବିରୋଧ ପ୍ରଦର୍ଶନ କରିବାର ଅଧିକାରକୁ ଦୃଷ୍ଟିରେ ରଖି ଜନ୍ତରମନ୍ତରର ବିକଳ୍ପ ସ୍ଥାନ ଖୋଜିବା ପାଇଁ ଏହି କମିଟିକୁ ଦାୟିତ୍ୱ ଦିଆଯାଇଥିଲା। ଦିଲ୍ଲୀ ପୋଲିସ ପକ୍ଷରୁ କୁହାଯାଇଛି ଯେ, ରାମଲୀଳା ମୈଦାନ, ବୁରାଡ଼ି ମୈଦାନ ଏବଂ ସିବିଡି ମୈଦାନରେ ଧାରଣା ଓ ପ୍ରଦର୍ଶନ ଆୟୋଜନ ପାଇଁ ବିସ୍ତୃତ ମାନକ ପରିଚାଳନା ପ୍ରକ୍ରିୟା (ଏସ୍‌ଓପି) ପୃଥକ୍ ଭାବେ ଜାରି କରାଯିବ। ଏଥିରେ ପ୍ରଦର୍ଶନ ପାଇଁ ଅନୁମତି ନେବାର ପ୍ରକ୍ରିୟା, ଆୟୋଜନ ସମ୍ପର୍କିତ ସର୍ତ୍ତାବଳୀ ଏବଂ ଅନ୍ୟାନ୍ୟ ଆବଶ୍ୟକ ବ୍ୟବସ୍ଥା ସମ୍ପର୍କରେ ନିର୍ଦ୍ଦେଶାବଳୀ ରହିବ। ୨୦୨୨ ଏପ୍ରିଲ ୨୮ ତାରିଖରେ ଜାରି ହୋଇଥିବା ସ୍ଥାୟୀ ଆଦେଶରେ ଆଂଶିକ ସଂଶୋଧନ କରି ଏହି ନୂଆ ଆଦେଶ ଜାରି କରାଯାଇଛି। ଏହାର ନକଲ ଦିଲ୍ଲୀ ପୋଲିସର ବରିଷ୍ଠ ଅଧିକାରୀ ଏବଂ ସମସ୍ତ ଜିଲ୍ଲା ପୁଲିସ ୟୁନିଟକୁ ପଠାଯାଇଛି ।ଜନ୍ତର ମନ୍ତର ଦୀର୍ଘଦିନ ଧରି ବିଭିନ୍ନ ରାଜନୈତିକ ଦଳ, ସାମାଜିକ ସଂଗଠନ ଏବଂ ଅନ୍ୟାନ୍ୟ ଗୋଷ୍ଠୀର ଧାରଣା ଓ ପ୍ରତିବାଦ ପ୍ରଦର୍ଶନର ଏକ ପ୍ରମୁଖ ସ୍ଥଳ ଭାବେ ପରିଚିତ ଥିଲା। ଏଠାରେ ପ୍ରଦର୍ଶନ ଆୟୋଜନ କରିବା ପାଇଁ ପୂର୍ବରୁ ପୋଲିସର ଅନୁମତି ନେବା ସହ ନିର୍ଦ୍ଧାରିତ ସର୍ତ୍ତାବଳୀ ପାଳନ କରିବା ବାଧ୍ୟତାମୂଳକ ଥିଲା। ନୂଆ ଆଦେଶ ପରେ ପ୍ରଦର୍ଶନକାରୀମାନଙ୍କୁ ନିର୍ଦ୍ଧାରିତ ବିକଳ୍ପ ସ୍ଥଳଗୁଡ଼ିକରେ ଲାଗୁ ହେବାକୁ ଥିବା ନିୟମ ଅନୁଯାୟୀ ଅନୁମତି ନେବାକୁ ପଡ଼ିବ।

### ମୁଦ୍ରାସ୍ଫୀତି

### ୫.୫୪ପ୍ରତିଶତ ବୃଦ୍ଧି

ନୂଆଦିଲ୍ଲୀ,୧୨।୧୦: ସେପ୍ଟେମ୍ବରରେ ଭାରତର ମୁଦ୍ରାସ୍ଫୀତି ପ୍ରାୟ ଦୁଇ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଏହା କେନ୍ଦ୍ରୀୟ ବ୍ୟାଙ୍କର ୨% ରୁ ୬% ମଧ୍ୟରେ ଥିବା ସହନୀୟ ସୀମାର ଉପର ଭାଗ ନିକଟବର୍ତ୍ତୀ ହୋଇଛି ଏବଂ ପ୍ରାୟ ଚାରି ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଗତ ସପ୍ତାହରେ ସୁଧ ହାର ବୃଦ୍ଧି କରିବା ନେଇ ନିଆଯାଇଥିବା ନିଷ୍ପତ୍ତିକୁ ସୁଦୃଢ଼ କରିଛି। ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ଦ୍ୱାରା ସୋମବାର ପ୍ରକାଶିତ ତଥ୍ୟ ଅନୁଯାୟୀ, ଗତ ମାସରେ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ଗତ ବର୍ଷ ତୁଳନାରେ ୫.୫୪% ବୃଦ୍ଧି ପାଇଛି; ଅଗଷ୍ଟ ମାସରେ ଏହା ସଂଶୋଧିତ ୪.୮୩% ରହିଥିଲା। ଅର୍ଥନୀତିଜ୍ଞ ମାନଙ୍କ ମଧ୍ୟରେ କରାଯାଇଥିବା 'ବ୍ଲୁମବର୍ଗ' ସର୍ଭେର ୫.୫୮%ର ମଧ୍ୟମ ଆକଳନ ସହିତ ଏହି ତଥ୍ୟ ମୋଟାମୋଟି ଭାବେ ସମାନ ରହିଛି।

### ରବର୍ଟ ହଲ୍ ଓ ମାଇକେଲ୍

## ଉଡ୍‌ଫୋର୍ଡଙ୍କୁ ଅର୍ଥନୀତିରେ ନୋବେଲ୍



ଷ୍ଟକହୋମ୍, ୧୨।୧୦: ଷ୍ଟକହୋମ୍ ସ୍ଥିତ ରୟାଲ୍ ସ୍ୱିଡିଶ୍ ଏକାଡେମୀ ଅଫ୍ ସାଇନସେସ୍‌ରେ, ଆମେରିକୀୟ ମାକ୍ରୋ-ଅର୍ଥନୀତିଜ୍ଞ ରବର୍ଟ ଇ. ହଲ୍ ଏବଂ ମାଇକେଲ୍ ଉଡ୍‌ଫୋର୍ଡଙ୍କୁ ୨୦୨୬ ମସିହା ପାଇଁ ଯୁଗ୍ମ ଭାବରେ ନୋବେଲ ବିଜେତା ଭାବରେ ଘୋଷଣା କରାଯାଇଛି । ରୟାଲ୍ ସ୍ୱିଡିସ୍ ଏକାଡେମୀ ଅଫ୍ ସାଇନସେସ ସୋମବାର ଘୋଷଣା କରିଛି ଯେ, ଆମେରିକୀୟ ନାଗରିକ ରବର୍ଟ ହଲ୍ ଏବଂ ମାଇକେଲ୍ ଉଡଫୋର୍ଡ 'ମାକ୍ରୋ-ଇକୋନୋମିକ୍ ଷ୍ଟାବିଲାଇଜେସନ୍' (ସମଷ୍ଟିଗତ ଅର୍ଥନୈତିକ ସ୍ଥିରୀକରଣ)ର 'ମାଇକ୍ରୋ-ଇକୋନୋମିକ୍ ଫାଉଣ୍ଡେସନ୍' ଉପରେ କାର୍ଯ୍ୟ ପାଇଁ ୨୦୨୬ ମସିହାର ଅର୍ଥଶାସ୍ତ୍ରରେ ନୋବେଲ୍ ପୁରସ୍କାର ଜିତିଛନ୍ତି। 'ଆଲଫ୍ରେଡ୍ ନୋବେଲଙ୍କ ସ୍ମୃତିରେ 'ଅର୍ଥନୈତିକ ବିଜ୍ଞାନ କ୍ଷେତ୍ରରେ ସ୍ୱେରିଜେସ୍ ରିକ୍ସବ୍ୟାଙ୍କ ପୁରସ୍କାର' ଭାବେ ଜଣାଶୁଣା ଏହି ପ୍ରତିଷ୍ଠିତ ପୁରସ୍କାରଟି ଚଳିତ ବର୍ଷ ପ୍ରଦାନ କରାଯାଉଥିବା ଶେଷ ପୁରସ୍କାର ଅଟେ ଏବଂ ଏହାର ମୂଲ୍ୟ ୧ କୋଟି ୨୦ ଲକ୍ଷ ସ୍ୱିଡିସ୍ କ୍ରାଉନ୍ (୧୨ ଲକ୍ଷ ଆମେରିକୀୟ ଡଲାର) ଅଟେ ।ଏହି ଦୁଇ ବିଜେତା ନୂତନ ମାକ୍ରୋ-ଇକୋନୋମିକ୍ ମଡେଲ୍ (ସମଷ୍ଟିଗତ ଅର୍ଥନୈତିକ ମଡେଲ୍) ବିକାଶ କରିଥିଲେ ଯାହା ପ୍ରଭାବଶାଳୀ ସ୍ଥିରୀକରଣ ନୀତି କାର୍ଯ୍ୟକାରୀ କରିବାର ଆମର କ୍ଷମତାକୁ ଉନ୍ନତ କରିଛି । ଏହାଦ୍ୱାରା ଉପଯୁକ୍ତ ସମୟରେ ଆର୍ଥିକ ଏବଂ ମୁଦ୍ରାଗତ ନୀତି ଗ୍ରହଣ କରିବା ସମ୍ଭବ ହୋଇପାରିଛି, ଯାହା ଅର୍ଥନୀତିରେ କ୍ଷତିକାରକ ଉତ୍ଥାନ-ପତନର ତୀବ୍ରତାକୁ ହ୍ରାସ କରିପାରିବ।

### ଦିଲ୍ଲୀରେ ବିରୋଧୀଙ୍କ ଶକ୍ତି ପ୍ରଦର୍ଶନ

## ସୁପ୍ରିମକୋର୍ଟ ଅଭିମୁଖେ ବିରୋଧୀ ଦଳଗୁଡ଼ିକର ପଦଯାତ୍ରା

ନୂଆଦିଲ୍ଲୀ,୧୨।୧୦: ବିରୋଧୀ ଇଣ୍ଡି ମେଣ୍ଟର ସାଂସଦ ଓ ନେତାମାନେ ସୋମବାର ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ଏବଂ ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର୍) ବିରୋଧରେ ଶକ୍ତି ପ୍ରଦର୍ଶନ କରିଛନ୍ତି। ଏହାର ଅଂଶସ୍ୱରୂପ ସେମାନେ ସର୍ବୋଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ପଦଯାତ୍ରା କରିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ, ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ ଏବଂ କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ ଇଣ୍ଡି ମେଣ୍ଟର ଅନେକ ପ୍ରମୁଖ ନେତାଙ୍କୁ ନେଇ ଏକ ସ୍ୱତନ୍ତ୍ର ବସ୍ କନ୍‌ଷ୍ଟିଚ୍ୟୁସନ୍ କ୍ଲବ୍‌ରୁ ବାରାଖମ୍ବା ରୋଡ୍ ଅଭିମୁଖେ ଯାତ୍ରା କରିଥିଲା। ସେଠାରୁ ବିରୋଧୀ ନେତାମାନେ ପାଦରେ ଚାଲି ଚାଲି ସର୍ବୋଚ୍ଚ ନ୍ୟାୟାଳୟ ଅଭିମୁଖେ ଯାତ୍ରା କରିଥିଲେ। ପଦଯାତ୍ରା ପୂର୍ବରୁ ବିରୋଧୀ ସାଂସଦମାନେ କନ୍‌ଷ୍ଟିଚ୍ୟୁସନ୍ କ୍ଲବରେ ଏକାଠି ହୋଇ ଜୋରଦାର ନାରାବାଜି କରିଥିଲେ। ଏହି ପ୍ରଦର୍ଶନରେ କଂଗ୍ରେସ ନେତାଙ୍କ ସହ ଶିବସେନା (ୟୁବିଟି)ର ସଞ୍ଜୟ ରାଉତ ଓ ଅରବିନ୍ଦ ସାୱନ୍ତ, ସମାଜବାଦୀ ପାର୍ଟିର ଧର୍ମେନ୍ଦ୍ର ଯାଦବ, ତୃଣମୂଳ କଂଗ୍ରେସର ମହୁଆ ମୋଇତ୍ରା, ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚାର ମହୁଆ ମାଝୀଙ୍କ ସମେତ ବିଭିନ୍ନ ବିରୋଧୀ ଦଳର ଅନେକ ସାଂସଦ ସାମିଲ ହୋଇଥିଲେ। 'ଚଲୋ ଦିଲ୍ଲୀ-ଗଣତନ୍ତ୍ର ପାଇଁ ପଦଯାତ୍ରା' ଆହ୍ୱାନ ପରେ ବାରାଖମ୍ବା ରୋଡ୍ ଛକ ଏବଂ ଏହାର ଆଖପାଖ ଅଞ୍ଚଳରେ ବହୁ ସଂଖ୍ୟାରେ କର୍ମୀ ଓ ପ୍ରଦର୍ଶନକାରୀ ଏକାଠି ହୋଇଥିଲେ। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ସେଠାରେ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା। ବିରୋଧୀ ସାଂସଦମାନଙ୍କ କାଫିଲା ବାରାଖମ୍ବା ରୋଡ୍‌ରୁ ସର୍ବୋଚ୍ଚ ନ୍ୟାୟାଳୟ ଅଭିମୁଖେ ଆଗକୁ ବଢ଼ିଥିଲେ।

### ପୁରୀ ଜିଲ୍ଲା ପାଇଁ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ଯୋଜନାର ଫଳପ୍ରଦତା ଲୋକଙ୍କ ନିକଟରେ ପହଞ୍ଚୁ

- ବଦଳିବ ଶ୍ରୀକ୍ଷେତ୍ରର ଚେହେରା
- ବ୍ରିଜ୍, ବେଳାଭୂମି ଓ ମନ୍ଦିର ସୌନ୍ଦର୍ଯ୍ୟକରଣର ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ
- ଶ୍ରୀଜଗନ୍ନାଥ ବିମାନବନ୍ଦର ଓ ରଘୁନନ୍ଦନ ପାଠାଗାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଆଲୋଚନା
- ବିକାଶ କାର୍ଯ୍ୟରେ ସ୍ଥାନୀୟ ସେବାୟତ ଓ ନାଗରିକଙ୍କୁ ମିଳିବ ପ୍ରାଥମିକତା
- ଶ୍ରୀସେତୁ ନିକଟରେ ଥଇଥାନ ହେବେ ବଡ଼ଦାଣ୍ଡ ଉଠା ଦୋକାନୀ



ଭୁବନେଶ୍ୱର, ୧୨।୧୦(ନିପ୍ର): ଲୋକସେବା ଭବନଠାରେ ସୋମବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ପୁରୀ ଜିଲ୍ଲାର ବିଭିନ୍ନ ବିକାଶମୂଳକ ଓ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀକୁ ଏକ ବିଶ୍ୱସ୍ତରୀୟ ଐତିହ୍ୟ ଓ ପର୍ଯ୍ୟଟନ ସହର ଭାବେ ଗଢ଼ିତୋଳିବା ସହିତ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନୀତିକାନ୍ତି ଏବଂ ସେବାୟତମାନଙ୍କ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ସରକାର ସମସ୍ତ ପ୍ରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ କରୁଥିବା ଏହି ବୈଠକରୁ ପ୍ରକାଶ ପାଇଛି। ସମୀକ୍ଷା ବୈଠକରେ ଶ୍ରୀଜଗନ୍ନାଥ ଅନ୍ତର୍ଜାତୀୟ ବିମାନବନ୍ଦର ନିର୍ମାଣ କାର୍ଯ୍ୟ, ରଘୁନନ୍ଦନ ପାଠାଗାରର ପୁନଃନିର୍ମାଣ ଏବଂ ଶ୍ରୀଜଗନ୍ନାଥ ଇଣ୍ଟରପ୍ରିଟେସନ୍ ସେଣ୍ଟର ସ୍ଥାପନ କାର୍ଯ୍ୟକୁ ଦ୍ରୁତଗତିରେ ଆଗେଇ ନେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ପର୍ଯ୍ୟଟକଙ୍କ ଆକର୍ଷଣ ପାଇଁ ନୂତନ ପ୍ରମୋଦ ଉଦ୍ୟାନ ନିର୍ମାଣ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏଥିସହିତ ଶ୍ରୀଗୁଣ୍ଡିଚା ମନ୍ଦିରର ସର୍ବାଙ୍ଗୀନ ବିକାଶ ସହ ମହାପ୍ରସାଦ ରନ୍ଧନ ପାଇଁ ଏକ ସମ୍ପୂର୍ଣ୍ଣ ନୂତନ ରୋଷଶାଳା ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଛି। ଶ୍ରୀମନ୍ଦିର ବଡ଼ଦାଣ୍ଡରୁ ହଟାଯାଇଥିବା ଉଠା ଦୋକାନୀମାନଙ୍କୁ ଶ୍ରୀସେତୁ ନିକଟରେ ଜରୁରୀକାଳୀନ ଭିତ୍ତିରେ ତୁରନ୍ତ ଥଇଥାନ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ସାକ୍ଷୀଗୋପାଳର ପ୍ରସିଦ୍ଧ ଗୋପାଳଜୀଉ ମନ୍ଦିର, ଅତିବଡ଼ୀ ଜଗନ୍ନାଥ ଦାସଙ୍କ ସାତଲହଡ଼ି ମଠ ସମେତ ପୁରୀର ବିଭିନ୍ନ ପ୍ରସିଦ୍ଧ ମଠ ଏବଂ କାକଟପୁରର ମାଆ ମଙ୍ଗଳା ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ରାସ୍ତା ସଂଯୋଗୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବ। ସତ୍ୟବାଦୀ ବନବିଦ୍ୟାଳୟକୁ ପୁରାତନ ଗୁରୁକୁଳ ଶିକ୍ଷା ପଦ୍ଧତି ଆଧାରରେ ପୁନରୁଦ୍ଧାର କରାଯିବା ସହ ବକୁଳବନର ପୁନରୁଦ୍ଧାର କରାଯାଉଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ଐତିହାସିକ ଅଠରନଳା ନିକଟରେ ଏକ ଆଇକନିକ୍ ହେରିଟେଜ୍ ବ୍ରିଜର ପୁନଃନିର୍ମାଣ, ଅନ୍ନପୂର୍ଣ୍ଣା ଥିଏଟରର ପୁନଃବିକାଶ, ପୁରୀ ବେଳାଭୂମିର ସୌନ୍ଦର୍ଯ୍ୟକରଣ, ସନ୍ଧ୍ୟା ଆଳତି, ମହାପ୍ରଭୁଙ୍କ 'ସାଗର ବିଜେ' ନୀତିର ସୁପରିଚାଳନା ଏବଂ ସ୍ୱର୍ଗଦ୍ୱାରର ସାମଗ୍ରିକ ଉନ୍ନତିକରଣ ନେଇ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ଯୋଗାଯୋଗ ଓ ଭିତ୍ତିଭୂମି କ୍ଷେତ୍ରରେ ପୁରୀରୁ ବ୍ରହ୍ମଗିରି, ପୁରୀରୁ କୋଣାର୍କ ଏବଂ ପୁରୀ-ଭୁବନେଶ୍ୱର ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଉପରେ ବୈଠକରେ ଚର୍ଚ୍ଚା ହୋଇଥିଲା। ଏହାବ୍ୟତୀତ ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ, ବ୍ଲୁ ଫ୍ଲାଗ୍ ବିଚ୍, ଅସ୍ତରଙ୍ଗ ବନ୍ଦର ଏବଂ କୋଣାର୍କ ମନ୍ଦିର ସଂଲଗ୍ନ ପ୍ରକଳ୍ପଗୁଡ଼ିକର ବିସ୍ତୃତ ସମୀକ୍ଷା କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଯେ ଜନସାଧାରଣ ଓ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଆରମ୍ଭ ହୋଇଥିବା ପ୍ରକଳ୍ପଗୁଡ଼ିକୁ କୌଣସି ଅବହେଳା ନକରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବାକୁ ହେବ। ପ୍ରତ୍ୟେକଟି ଯୋଜନାର ଶେଷ ଫଳପ୍ରଦତା ସାଧାରଣ ଜନତାଙ୍କ ପାଖରେ ପହଞ୍ଚିବା ଉଚିତ ବୋଲି ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଇଥିଲେ ।ସରକାରୀ ଯୋଜନାଗୁଡ଼ିକ ଯେପରି କେବଳ କାଗଜପତ୍ରରେ ସୀମିତ ନରହି ପ୍ରତ୍ୟକ୍ଷ ଭାବେ ପୁରୀବାସୀଙ୍କ ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ଅଭିବୃଦ୍ଧିରେ ସହାୟକ ହେବ, ସେହି ନିଷ୍ଠା ଓ ଦାୟିତ୍ୱବୋଧର ସହ ସମସ୍ତଙ୍କୁ ମିଳିମିଶି କାମ କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଓ ଅନ୍ୟ ପ୍ରମୁଖ ପଦାଧିକାରୀମାନେ ଉପସ୍ଥିତ ରହି ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରାଇଥିଲେ।

## ଚନ୍ଦ୍ରସେଣା କିଏ ?



ରାଧା ହେଉଛନ୍ତି ସ୍ୱୟଂ ଲକ୍ଷ୍ମୀ ସ୍ୱରୂପା କିନ୍ତୁ ସେ ନାରାୟଣଙ୍କୁ ବିବାହ ନ କରି ଚନ୍ଦ୍ରସେଣାଙ୍କୁ ବିବାହ କଲେ କାହିଁକି ? ତାର କାରଣ କିଛି ଏହିପରି – ତ୍ରେତୟା ଯୁଗରେ ଦିନେ ମାତା ସୀତା ବନବାସ ସମୟରେ ରାମ, ଲକ୍ଷ୍ମଣ, ହନୁମାନ ତଥା ଅନ୍ୟ ବାନର ଓ ମୁନିରଷି ମାନଙ୍କୁ ଖାଦ୍ୟ ପରଷୁଥିଲେ। ଏହି ସମୟରେ ଭକ୍ତ ହନୁମାନ ସୀତାଙ୍କ ପାଦକୁ ଚାହିଁ ମନରେ ଭାବିଲେ ଯେ ଏପରି ଏକ ନାରୀ ଯଦି ମୋର ଘରଣୀ ଭାବରେ ଥାଆନ୍ତା ତେବେ ସେ ମୋତେ ମଧ୍ୟ ସବୁବେଳେ ଖାଦ୍ୟ ପରଷି ଦିଅନ୍ତା। କେତେ ସୁଖରେ ଦିନ ବିତୁଥାନ୍ତା। ହନୁମାନଙ୍କ ମନକଥା ଜାଣି ସୀତା ତାଙ୍କୁ ସ୍ନେହରେ ଚାହିଁ କହିଲେ ବାବୁ ହନୁମାନ ତୁ ଯାହା ଚିନ୍ତା କରୁଚୁ ତାହା ଏ ଯୁଗରେ ପୂରଣ ହୋଇପାରିବ ନାହିଁ କିନ୍ତୁ ଦ୍ୱାପର ଯୁଗରେ ହୋଇପାରିବ। ସେଠାରେ ମୁଁ ରାଧା ନାମରେ ଥିବି, ତୁ ଚନ୍ଦ୍ରସେଣା ହୋଇ ଗୋପାଳ କୁଳରେ ଜନ୍ମ ହେବୁ। କିନ୍ତୁ ତୋର ପୁରୁଷତ୍ୱ ରହିବ ନାହିଁ। ତୁ କେବଳ ମୋତେ ଜଗିରହିଥିବୁ, ପ୍ରଭୁ ଆସିଲେ ଛାଡ଼ିଦେବୁ। ଏହି କାରଣରୁ ରାଧାଙ୍କର ବିବାହ ଚନ୍ଦ୍ରସେଣାଙ୍କ ସହ ହୋଇଥିଲା ଏବଂ ରାଧାଙ୍କର ପ୍ରକୃତ ମିଳନ କୃଷ୍ଣଙ୍କ ସହ ହୋଇଥିଲା।

## ମାତା ଚନ୍ଦ୍ରଘଣ୍ଟା





ଶାରଦୀୟ ଦୁର୍ଗାପୂଜାର ତୃତୀୟ ଦିନ । ମାଆ ଆଜି ଚନ୍ଦ୍ରଘଣ୍ଟା ରୂପରେ ପୂଜା ପାଉଛନ୍ତି । ମାନ୍ୟତା ରହିଛି ଯେ ମାଆଙ୍କ ଘଣ୍ଟ ଧ୍ୱନିରେ ଦାନବ, ଦୈତ୍ୟ, ଅତ୍ୟାଚାରୀ ଭୟଭୀତ ହୋଇଥାନ୍ତି । ସିଂହ ବାହନରେ ବିରାଜମାନ କରନ୍ତି ମା' । ମା'ଙ୍କର ଏହି ରୂପରେ ମସ୍ତକରେ ଅର୍ଦ୍ଧଚନ୍ଦ୍ର ଥିବାରୁ ତାଙ୍କୁ ଚନ୍ଦ୍ରଘଣ୍ଟା ବୋଲି କୁହାଯାଏ । ନବରାତ୍ରୀର ତୃତୀୟ ଦିନରେ ସିନ୍ଦୂର, ଅକ୍ଷତ, ଗନ୍ଧ, ଧୂପ ଏବଂ ପୁଷ୍ପ ଅର୍ପଣ କରି ମାଆଙ୍କୁ ବିଧି ବିଧାନ ଅନୁଯାୟୀ ପୂଜା କରାଯାଏ । ଆଜିର ଦିନରେ ଦୁର୍ଗା ଚାଳିସା ପାଠ କରି ମାଆଙ୍କର ଆଳତି ମଧ୍ୟ କରାଯାଏ । ଅପରାଜିତା ଫୁଲ ଦେଇ ଦେବୀ ଚନ୍ଦ୍ରଘଣ୍ଟାଙ୍କ ପୂଜା କରନ୍ତୁ । କୁହାଯାଏ ଏହା ଆର୍ଥିକ ସ୍ଥିତିକୁ ମଜଭୁତ କରିଥାଏ । ଅର୍ଥର ଅଭାବ ରହିନଥାଏ । କିମ୍ବଦନ୍ତୀ ଅନୁଯାୟୀ, ଅସୁରମାନଙ୍କ ପ୍ରଭୁ ମହିଷାସୁର ଇନ୍ଦ୍ରଙ୍କ ସିଂହାସନ ପାଇବା ପାଇଁ ଇନ୍ଦ୍ରଲୋକ ଏବଂ ସ୍ୱର୍ଗଲୋକରେ ପହଞ୍ଚି ଦେବତାମାନଙ୍କ ଉପରେ ଆକ୍ରମଣ କରିଥିଲେ। ଅନେକ ଦିନ ଧରି ଅସୁର ଏବଂ ଦେବତାଙ୍କ ମଧ୍ୟରେ ଯୁଦ୍ଧ ଲାଗି ରହିଥିଲା । ଯୁଦ୍ଧରେ ନିଜକୁ ପରାସ୍ତ ହେଉଥିବାର ଦେଖି ସମସ୍ତ ଦେବତା ତ୍ରିମୂର୍ତ୍ତି ଯଥା ପ୍ରଭୁ ବ୍ରହ୍ମା, ବିଷ୍ଣୁ ଏବଂ ମହେଶ୍ୱରଙ୍କ ନିକଟରେ ପହଞ୍ଚିଥିଲେ । ତିନି ଜଣଙ୍କ କ୍ରୋଧରୁ ମାତା ଚନ୍ଦ୍ରଘଣ୍ଟା ଜନ୍ମିଥିଲେ । ଅସୁରମାନଙ୍କ ହତ୍ୟା କରିବା ପାଇଁ ଭଗବାନ ଶିବ ତ୍ରିଶୂଳ, ବିଷ୍ଣୁ ଚକ୍ର ପ୍ରଦାନ କରିଥିଲେ । ଅନ୍ୟ ଦେବତା ମଧ୍ୟ ମାଆଙ୍କ ହାତରେ ଅସ୍ତ୍ରଶସ୍ତ୍ର ମାନ ଦେଇଥିଲେ । ଦେବରାଜ ଇନ୍ଦ୍ର ଦେବୀଙ୍କୁ ଏକ ଘଣ୍ଟା ଦେଇଥିଲେ । ସେହିପରି ସୂର୍ଯ୍ୟଦେବ ମା'ଙ୍କ ହାତରେ ଖଣ୍ଡା ଓ ଯାତ୍ରା ପାଇଁ ସିଂହ ବାହନ ରୂପେ ପ୍ରଦାନ କରିଥିଲେ । ଦେବୀ ଚନ୍ଦ୍ରଘଣ୍ଟା ନବରାତ୍ରୀର ଶେଷ ଦିନରେ ମହିଷାସୁରର ହତ୍ୟା କରି ଜଗତକୁ ସୁରକ୍ଷା ଦେଇଥିଲେ।

## କେବେ ଆରମ୍ଭ ହେଲା ଦୁର୍ଗାପୂଜା



ସବୁଠି ଚାଲିଛି ମା'ଙ୍କ ପୂଜା । ଶକ୍ତିସ୍ୱରୂପିଣୀ ମା' ଦୁର୍ଗାଙ୍କୁ ବିଭିନ୍ନ ରୂପରେ ପୂଜା କରିବା ଏବଂ ପ୍ରସନ୍ନ କରିବା ପାଇଁ ନବରାତ୍ରୀକୁ ସ୍ୱତନ୍ତ୍ର ବିବେଚନା କରାଯାଏ । ଦେବୀଙ୍କ ପୂଜାପାଠରେ ଭକ୍ତମାନଙ୍କର ସମସ୍ତ ପାପ ନଷ୍ଟ ହୁଏ ବୋଲି ବିଶ୍ୱାସ ରହିଛି। ମଙ୍ଗଳବାର ହେଉଛି ତୃତୀୟ ଦିନ। ଏହି ପବିତ୍ର ଦିନରେ ଦେବୀ ଚନ୍ଦ୍ରଘଣ୍ଟାଙ୍କୁ ପୂଜା କରିବାର ପରମ୍ପରା ଅଛି। ଅବିଭକ୍ତ ବଙ୍ଗଳାର ଦୁର୍ଗାପୂଜା ୧୬ଶ ଶତାବ୍ଦୀ ଶେଷ ଅର୍ଥାତ୍ ୧୫୭୬ ମସିହାରେ ଆରମ୍ଭ ହୋଇଥିଲା। ଯେଉଁଠାରେ ପୂଜା ଆରମ୍ଭ ହୋଇଥିଲା ସେହି ସ୍ଥାନ ହେଉଛି ବର୍ତ୍ତମାନର ବାଂଲାଦେଶ । ବାଂଲାଦେଶର ତାହିରପୁରରେ ଜଣେ ରାଜା ଥିଲେ ଯାହାଙ୍କ ନାଁ କଂସ ନାରାୟଣ । କୁହାଯାଏ ଯେ ସେ ପ୍ରଥମେ ନିଜ ଗାଁରେ ଦେବୀ ଦୁର୍ଗାଙ୍କ ପୂଜା ଆରମ୍ଭ କରିଥିଲେ। କୋଲକାତାରେ ଦୁର୍ଗାପୂଜା: ଯଦି ଦେଖିବା କୋଲକାତାରେ ୧୬୧୦ରେ ରାୟ ଚୌଧୁରୀ ପରିବାର ପ୍ରଥମେ ଦୁର୍ଗାପୂଜା ଆୟୋଜନ କରିଥିଲେ । ସେତେବେଳେ କୋଲକାତା ଏକ ସହର ନୁହେଁ ବରଂ ଏକ ଗାଁ ଥିଲା ଯାହାର ନାମ କୋଲିକାତା ଥିଲା । ସେତେବେଳେ କୋଲକାତାର ଯେଉଁ ଅଞ୍ଚଳରେ ଦେବୀ ଦୁର୍ଗାଙ୍କୁ ପୂଜା କରାଯାଇଥିଲା, ବର୍ତ୍ତମାନ ସେହି ସ୍ଥାନ ଶୋଭାବଜାର ନାମରେ ଜଣାଶୁଣା । ଐତିହାସିକମାନଙ୍କ ମତରେ କୋଲକାତାର ଶୋଭାବଜାର ରାଜବାଡିରେ ଆଶ୍ୱିନ୍ ଶୁକ୍ଳ ପକ୍ଷରେ ନବରାତ୍ରୀରେ ଦୁର୍ଗା ପୂଜା ପ୍ରଥମେ ଆୟୋଜିତ ହୋଇଥିଲା। ଏହା ପରେ ବାଙ୍କୁଡା ଜିଲ୍ଲାର ବିଷ୍ଣୁପୁରର ପ୍ରସିଦ୍ଧ ରାଜ ପରିବାରରେ ଦୁର୍ଗାପୂଜା ଆରମ୍ଭ ହୋଇଥିଲା। ସେବେଠାରୁ ଦୁର୍ଗାପୂଜା ଆୟୋଜକଙ୍କ ସଂଖ୍ୟା ବର୍ଷକୁ ବର୍ଷ ବୃଦ୍ଧି ପାଇଲା। ୨୦୨୨ରେ ୟୁନେସ୍କୋ ଦ୍ୱାରା ବଙ୍ଗଳାର ଦୁର୍ଗା ପୂଜାଙ୍କୁ ବିଶ୍ୱ ଐତିହ୍ୟର ମାନ୍ୟତା ଦିଆଯାଇଥିଲା।

> **ପୁରୋହିତମାନେ କହିଥିଲେ ଯେ କଳିଯୁଗରେ ଶକ୍ତିର ଦେବୀ ମହିଷାସୁର ମର୍ଦ୍ଦିନୀ ମା' ଦୁର୍ଗାଙ୍କୁ ପୂଜା କରିବା ଉଚିତ। ଯାହା ସମସ୍ତଙ୍କୁ ସୁଖ, ସମୃଦ୍ଧି, ଜ୍ଞାନ ଏବଂ ଶକ୍ତିରେ ଭରିଦିଅନ୍ତି।**

ଐତିହାସିକଙ୍କ ମତରେ, ରାଜା କଂସ ନାରାୟଣ ତାଙ୍କ ଲୋକମାନଙ୍କର ମଙ୍ଗଳ ଏବଂ ତାଙ୍କ ରାଜ୍ୟ ସମ୍ପ୍ରସାରଣ ପାଇଁ ଅଶ୍ୱମେଧ ଯଜ୍ଞ ବିଷୟରେ ଚିନ୍ତା କରିଥିଲେ ଏବଂ ତାଙ୍କ କୁଳ ପୁରୋହିତମାନଙ୍କ ସହ ଏ ବିଷୟରେ ଆଲୋଚନା କରିଥିଲେ।କୁହାଯାଏ ଯେ ଅଶ୍ୱମେଧ ଯଜ୍ଞ ବିଷୟରେ ଶୁଣିବା ପରେ ପୁରୋହିତମାନେ କହିଲେ ଯେ କଳିଯୁଗରେ ଅଶ୍ୱମେଧ ଯଜ୍ଞ ପ୍ରଦର୍ଶନ କରାଯାଇପାରିବ ନାହିଁ। କଳିଯୁଗରେ ଅଶ୍ୱମେଧ ଯଜ୍ଞ ବଦଳରେ ଦୁର୍ଗା ପୂଜା କରାଯାଇପାରେ। ତା'ପରେ ପୁରୋହିତମାନେ ଦୁର୍ଗାପୂଜାର ମହିମା ବିଷୟରେ କହିଥିଲେ। ପୁରୋହିତମାନେ କହିଥିଲେ ଯେ କଳିଯୁଗରେ ଶକ୍ତିର ଦେବୀ ମହିଷାସୁର ମର୍ଦ୍ଦିନୀ ମା' ଦୁର୍ଗାଙ୍କୁ ପୂଜା କରିବା ଉଚିତ। ଯାହା ସମସ୍ତଙ୍କୁ ସୁଖ, ସମୃଦ୍ଧି, ଜ୍ଞାନ ଏବଂ ଶକ୍ତିରେ ଭରିଦିଏ।ଦେବୀ କଲ୍ୟାଣମୟୀ।

## ସତ୍ପ୍ରବୃତ୍ତି ଓ ଆତ୍ମକଲ୍ୟାଣ





> *ସତ୍ପ୍ରବୃତ୍ତି ହିଁ ବାସ୍ତବରେ ଦେବୀଦେବତା । ଯେତେ ଶ୍ରଦ୍ଧାର ସହ ତୁମେ ସତ୍ପ୍ରବୃତ୍ତିକୁ ଜାବୁଡ଼ି ଧରିବ, ସେତେଶୀଘ୍ର ମନୁଷ୍ୟ ନିଜକୁ ଆତ୍ମକଲ୍ୟାଣ ମାର୍ଗରେ ନେଇପାରିବ ।*

ଥରେ ମହର୍ଷି କାତ୍ୟାୟନ ଦେବର୍ଷି ନାରଦଙ୍କୁ ପଚାରିଲେ, ଦେବର୍ଷି ମନୁଷ୍ୟର ଆତ୍ମକଲ୍ୟାଣ ନିମନ୍ତେ ବିଭିନ୍ନ ଶାସ୍ତ୍ରରେ ଭିନ୍ନ ଭିନ୍ନ ଉପାୟ ସମ୍ପର୍କରେ ବର୍ଣ୍ଣନା କରାଯାଇଛି । ଜ୍ଞାନୀଜନମାନେ ମଧ୍ୟ ନିଜ ନିଜ ମତି ଅନୁସାରେ ସାଧନ ଏବଂ ବିଧାନର ମାହାତ୍ମ୍ୟ କହୁଛନ୍ତି । କିନ୍ତୁ ଜପ, ତପ, ତ୍ୟାଗ, ବୈରାଗ୍ୟ, ଯୋଗ, ଜ୍ଞାନ, ସ୍ୱାଧ୍ୟାୟ, ତୀର୍ଥ, ବ୍ରତ, ଧ୍ୟାନ-ଧାରଣା, ସମାଧି ଆଦି ଉପାୟଗୁଡ଼ିକର ଅଭ୍ୟାସ କରିବା ସମସ୍ତଙ୍କ ପକ୍ଷେ ସମ୍ଭବ ନୁହେଁ । ଏଣୁ ଉପରୋକ୍ତ କେଉଁ ମାର୍ଗ ଅବଲମ୍ବନ କରି ମନୁଷ୍ୟ ଆତ୍ମକଲ୍ୟାଣ ଲାଭ କରିବ ସେ ନେଇ ଅନେକ ଦ୍ୱନ୍ଦ୍ୱରେ ପଡ଼ିଥାନ୍ତି । ଏଣୁ ଅନେକ ମାର୍ଗକୁ ବାଦ୍ ଦେଇ ଆତ୍ମକଲ୍ୟାଣର ଏକମାତ୍ର ମାର୍ଗ ବିଷୟରେ ଆପଣ ମୋତେ ସୂଚାଇ ଦିଅନ୍ତୁ । ଏହା ଶୁଣି ଦେବର୍ଷି କିଛି ସମୟ ଚୁପ୍ ରହିଲେ । ପରେ ସେ କହିଲେ, ହେ ମୁନିଶ୍ରେଷ୍ଠ, ଏହି ଦୁନିଆରେ ସତ୍ଜ୍ଞାନ ଏବଂ ଭକ୍ତିର ଏକମାତ୍ର ଲକ୍ଷ୍ୟ ହେଉଛି ମନୁଷ୍ୟ ସର୍ବଦା ସତ୍କର୍ମରେ ପ୍ରବୃତ୍ତ ରହୁ । ମନୁଷ୍ୟ ନିଜେ ସଂଯମ ରହିବା ସହ ନିଜର ସାମର୍ଥ୍ୟ, ଶକ୍ତିକୁ ଅନ୍ୟ ପତିତଙ୍କ ଉଦ୍ଧାର ନିମନ୍ତେ ବିନିଯୋଗ କରିବା ଆବଶ୍ୟକ । ସତ୍ପ୍ରବୃତ୍ତି ହିଁ ବାସ୍ତବରେ ଦେବୀଦେବତା । ଯେତେ ଶ୍ରଦ୍ଧାର ସହ ତୁମେ ସତ୍ପ୍ରବୃତ୍ତିକୁ ଜାବୁଡ଼ି ଧରିବ, ସେତେଶୀଘ୍ର ମନୁଷ୍ୟ ନିଜକୁ ଆତ୍ମକଲ୍ୟାଣ ମାର୍ଗରେ ନେଇପାରିବ । ପରୋପକାର ଏବଂ ବିଶ୍ୱକଲ୍ୟାଣର ସମନ୍ୱିତ ସାଧନା ଦ୍ୱାରା ମନୁଷ୍ୟ ନିଜେ ଈଶ୍ୱରଙ୍କ ନିକଟତର ହୋଇପାରିବ । ସ୍କନ୍ଧ ପୁରାଣରେ ନାରଦ ଓ କାତ୍ୟାୟନଙ୍କ ମଧ୍ୟରେ ବର୍ଣ୍ଣିତ ଏହି ଆଖ୍ୟାନ ଦ୍ୱାରା ମନୁଷ୍ୟକୁ ଆତ୍ମକଲ୍ୟାଣ ମାର୍ଗରେ ଅଗ୍ରସର ହେବାର ଉପାୟ କହି ଦିଆଯାଇଛି ।

## ପ୍ରତିଦିନ ୩୦ ମିନିଟ୍ ଚାଲିଲେ ସୁସ୍ଥତା ମିଳିବ ସହଜରେ





ଆପଣ ଜାଣନ୍ତି କି ପ୍ରତିଦିନ ୩୦ ମିନିଟର ଚାଲିବା ଆପଣଙ୍କୁ ବହୁ ସୁବିଧା ଦେଇପାରେ। ପ୍ରତି ଡାକ୍ତର ପ୍ରତିଦିନ ଚାଲିବାକୁ ପରାମର୍ଶ ଦିଅନ୍ତି। ଏହାର କାରଣ ହେଉଛି, ଚାଲିବା ଶରୀର ପାଇଁ ଭାରି ଭଲ। ଚାଲିବା ଲାଭଦାୟକ କିନ୍ତୁ ତଥାପି ଏହା ଜାଣିବା ସତ୍ତ୍ୱେ ଚାଲିବା ଠାରୁ ଅନେକ ଲୋକ ଦୂରେଇ ରହୁଛନ୍ତି। ଆଜିକାଲି ଆମେ ଅଳ୍ପ ବାଟକୁ ଯିବା ପାଇଁ ଗାଡ଼ି ବ୍ୟବହାର କରୁଛେ। ଚାଲିବା କେବଳ ଶାରୀରିକ ନୁହେଁ ମାନସିକ ସ୍ୱାସ୍ଥ୍ୟ ଉପରେ ମଧ୍ୟ ଭଲ ପ୍ରଭାବ ପକାଇଥାଏ ଏକ ରିପୋର୍ଟ ଅନୁଯାୟୀ, ପ୍ରତିଦିନ ୩୦ ମିନିଟ୍ ଚାଲିବା ଆପଣଙ୍କ ସାମଗ୍ରିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ। ୩୦ ମିନିଟର ଚାଲିବା ହାଡକୁ ମଜଭୁତ କରିପାରେ, ହୃଦୟକୁ ସୁସ୍ଥ ରଖେ ଏବଂ ଫ୍ୟାଟ୍ ବର୍ଣ୍ଣ କରିଥାଏ। ଚାଲିବାର ଲାଭ କଣ ଆସନ୍ତୁ ଜାଣିବା... ରୋଗ ଦୂର ହେବ- ହୃଦରୋଗ ବିଶେଷଜ୍ଞ ଡକ୍ଟରଙ୍କ କହିବା ଅନୁଯାୟୀ, ନିଜକୁ ସୁସ୍ଥ ରଖିବା ପାଇଁ ଚାଲିବା ହେଉଛି ସର୍ବୋତ୍ତମ କୌଶଳ। ଜାଣି ଆଶ୍ଚର୍ଯ୍ୟ ହେବେ ଯେ ପ୍ରତିଦିନ ମାତ୍ର ୩୦ ମିନିଟ୍ ଚାଲିବା ଦ୍ୱାରା ହୃଦ୍‌ରୋଗ ଏବଂ ଟାଇପ୍ -୨ ଡାଇବେଟିସ୍ ହେବାର ଆଶଙ୍କା କମିଯାଏ। କେବଳ ଏତିକି ନୁହେଁ, ୩୦ ମିନିଟର ଚାଲିବା ମଧ୍ୟ ଅଷ୍ଟିଓପୋରୋସିସ୍ ଭଳି ମାରାତ୍ମକ ରୋଗକୁ ରୋକିପାରେ। ଏକ ରିପୋର୍ଟ ଅନୁଯାୟୀ, ପ୍ରତିଦିନ ୩୦ ମିନିଟ୍ ଚାଲିବା ଆପଣଙ୍କ ସାମଗ୍ରିକ ସ୍ୱାସ୍ଥ୍ୟରେ ଉନ୍ନତି ଆଣିବ। ୩୦ ମିନିଟର ଚାଲିବା ହାଡକୁ ମଜଭୁତ କରିପାରେ, ହୃଦୟକୁ ସୁସ୍ଥ ରଖେ ଏବଂ ଫ୍ୟାଟ୍ ବର୍ଣ୍ଣ କରିଥାଏ। ଚାଲିବାର ଲାଭ କଣ ଆସନ୍ତୁ ଜାଣିବା... ରୋଗ ଦୂର ହେବ- ହୃଦରୋଗ ବିଶେଷଜ୍ଞଙ୍କ କହିବା ଅନୁଯାୟୀ, ନିଜକୁ ସୁସ୍ଥ ରଖିବା ପାଇଁ ଚାଲିବା ହେଉଛି ସର୍ବୋତ୍ତମ କୌଶଳ। ଜାଣି ଆଶ୍ଚର୍ଯ୍ୟ ହେବେ ଯେ ପ୍ରତିଦିନ ମାତ୍ର ୩୦ ମିନିଟ୍ ଚାଲିବା ଦ୍ୱାରା ହୃଦ୍‌ରୋଗ ଏବଂ ଟାଇପ୍ -୨ ଡାଇବେଟିସ୍ ହେବାର ଆଶଙ୍କା କମିଯାଏ। କେବଳ ଏତିକି ନୁହେଁ, ୩୦ ମିନିଟର ଚାଲିବା ମଧ୍ୟ ଅଷ୍ଟିଓପୋରୋସିସ୍ ଭଳି ମାରାତ୍ମକ ରୋଗକୁ ରୋକିପାରେ।

## କିମ୍ବଦନ୍ତୀରେ ଜଗନ୍ନାଥ ଦାସଙ୍କ ଅଷ୍ଟଭୁଜ ରୂପ



ଜଗନ୍ନାଥ ଦାସଙ୍କ ଅନେକ ଅଲୌକିକ ଘଟଣାରେ ପରିପୂର୍ଣ୍ଣ। ସେଥିରୁ ଗୋଟିଏ ହେଉଛି ତାଙ୍କର ଅଷ୍ଟଭୁଜ ରୂପ। କୁହାଯାଏ, ଦିନେ ଗଜପତି ପ୍ରତାପରୁଦ୍ର ଦେବ କଳ୍ପବଟ ନିକଟକୁ ଯାଇ ଜଗନ୍ନାଥ ଦାସଙ୍କ ଭାଗବତ ପାଠ ଓ ବ୍ୟାଖ୍ୟା ଶୁଣୁଥିଲେ। ଭକ୍ତମାନେ ଜଗନ୍ନାଥଙ୍କ ଭାଗବତ ପାଠ ଶୁଣି ଆତ୍ମହରା ହୋଇ ପଡ଼ିଥାନ୍ତି। ଏହି ସମୟରେ ଗଜପତି ମହାରାଜା, ଜଗନ୍ନାଥ ଦାସଙ୍କର ଆଠଗୋଟି ହାତ ଶୋଭା ପାଉଥିବାର ଦେଖିବାକୁ ପାଇଲେ। ଚାରିଗୋଟି ହାତରେ ଶଙ୍ଖ, ଚକ୍ର, ଗଦା, ପଦ୍ମ ଥିଲା। ଦୁଇ ହାତରେ ଶ୍ରୀରାମଙ୍କର ସଙ୍କେତ ଧନୁ ଓ ତୀର ଏବଂ ଅନ୍ୟ ଦୁଇ ହାତରେ ଶ୍ରୀକୃଷ୍ଣଙ୍କର ସଙ୍କେତ ବଂଶୀ ଥିଲା। ତାଙ୍କୁ ଲାଗିଲା ସତେ ଯେପରି ସ୍ୱୟଂ ନାରାୟଣ ଜଗନ୍ନାଥ ଦାସଙ୍କ ଶରୀରରେ ଆବିର୍ଭାବ ହୋଇଛନ୍ତି।

## ସକାରାତ୍ମକ ଦୃଷ୍ଟିଭଙ୍ଗୀରେ ରୁହନ୍ତୁ



ଯଦି ଆପଣ କେବଳ ଦୁଃଖ ଉପରେ ଧ୍ୟାନ ଦେବେ ତା'ହେଲେ ସର୍ବଦା ଦୁଃଖୀ ରହିବେ । ଆଉ ସୁଖ ଉପରେ ଧ୍ୟାନ ଦେଲେ ସର୍ବଦା ସୁଖୀ ରହିବେ । ଏହା ଜୀବନର ଶାଶ୍ୱତ ନିୟମ ଅଟେ । ଯଦି ଆପଣ ଯାହା ଉପରେ ଧ୍ୟାନ ଦେବେ ସେହି ଜିନିଷ ସକ୍ରିୟ ହୋଇ ଯାଇଥାଏ । ଯଦି ଆପଣ ଦୁଇଟା ଗଛକୁ ଏକା ସାଙ୍ଗରେ ଲଗାନ୍ତି ଆଉ ଦେଖାଶୁଣା କେବଳ ଗୋଟିଏ ଗଛର କରନ୍ତି ତା'ହେଲେ ଆପଣ ପାଇବେ କି ଦେଖା-ଶୁଣା ଅଭାବରୁ ଦ୍ୱିତୀୟ ଗଛଟି ଝାଉଁଳି ଯାଏ । ସୁଖ ଅଥବା ଦୁଃଖ,ଯାହା ଉପରେ ଆମେ ଧ୍ୟାନ କେନ୍ଦ୍ରିତ କରିଥାଉ,ତାହା ଜୀବନରେ ନିଜର ପ୍ରଭାବହୀନ ହୋଇଯାଏ । ବିଜ୍ଞାନରେ ମଧ୍ୟ ଏହି କଥାକୁ ସିଦ୍ଧ କରାଯାଇଛି ଯେ ଜୀବନରେ ଯେଉଁ ବସ୍ତୁକୁ ଆମେ ଉପେକ୍ଷା କରିବାକୁ ଲାଗିଥାଉ ସେହି ବସ୍ତୁ ଧୀରେ-ଧୀରେ ନିଜର ଅସ୍ତିତ୍ୱକୁ ହରେଇବା ଆରମ୍ଭ କରିଦିଏ । ତେଣିକି ତାହା ପ୍ରେମ,କରୁଣା,ଜୀବନର ଉଲ୍ଲାସ ଅଥବା ସୁଖ ହୋଇଥାଉ ନା' କାହିଁକି। ଯେଉଁଠି ସକାରାତ୍ମକ ଦୃଷ୍ଟି ଜୀବନରେ ସୁଖର ଜନନୀ ହୋଇଥାଏ ସେଠାରେ ନକାରାତ୍ମକ ଦୃଷ୍ଟି ଜୀବନକୁ ଦୁଃଖ ଆଉ ବିଷାଦର ଭାବ ଦେଇଥାଏ । ସେଥିପାଇଁ ଜୀବନରେ ସର୍ବଦା ସକାରାତ୍ମକ ଦୃଷ୍ଟି ହିଁ ରଖିବା ଜରୁରୀ । ଯାହାଦ୍ୱାରା ବ୍ୟକ୍ତିର ଦୁଃଖ ଆଉ ବିଷାଦର କାଳ୍ପନିକ ଶତ୍ରୁଙ୍କର ସମୂଳ ନାଶ ହୋଇପାରିବ ।

ଦିନଲିପି

୧୩ .୧୦. ୨୦୨୬ ମଙ୍ଗଳବାର

## କୁମାର ଉତ୍ସବ ପୂର୍ବରୁ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା

ପୁରୀ,(ନିପ୍ର): ଶ୍ରୀକ୍ଷେତ୍ରର କଳା, ସଂସ୍କୃତି ଓ ପରମ୍ପରାର ସୁରକ୍ଷା ସହ ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭାର ବିକାଶ ଲକ୍ଷ୍ୟରେ ଶ୍ରୀକ୍ଷେତ୍ର ଯୁବ ସାଂସ୍କୃତିକ ସଂସଦ ପକ୍ଷରୁ ୪୭ତମ କୁମାର ଉତ୍ସବ ଆୟୋଜନ କରାଯାଉଛି। ଆସନ୍ତା ଅକ୍ଟୋବର ୨୫ ଓ ୨୬ ତାରିଖରେ ସ୍ୱର୍ଣ୍ଣାଭ ବେଳାଭୂମିରେ ମୁଖ୍ୟ ଉତ୍ସବ ଅନୁଷ୍ଠିତ ହେବ। ଏହା ପୂର୍ବରୁ



ସ୍ଥାନୀୟ ପୌରସଦନ ଭବନରେ ଦୁଇଦିନିଆ ଜିଲ୍ଲାସ୍ତରୀୟ ଆନ୍ତଃବିଦ୍ୟାଳୟ ପ୍ରତିଯୋଗିତା ଆରମ୍ଭ ହୋଇଛି। ପ୍ରତିଯୋଗିତାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର ବିଚାରକମାନଙ୍କୁ ମଧ୍ୟ ସାଂସଦ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। ପ୍ରଥମ ଦିନରେ ଗଣିତ ଦୌଡ଼, ବାଟି ଚାମଚ, ଚିତ୍ରାଙ୍କନ, ଏକକ ଆଧୁନିକ ନୃତ୍ୟ, ଦଳଗତ ନୃତ୍ୟ ଓ ବେଲୁନ ଫୁଟା ଭଳି ପ୍ରତିଯୋଗିତା ହୋଇଥିଲା। ଏଥିରେ ୧୦୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଦ୍ୱିତୀୟ ଦିନରେ ଶିଶୁମାନଙ୍କୁ ନେଇ ମିନି ମାରାଥନ୍ ଆୟୋଜିତ ହେବ। ଏହାକୁ ପୁରୀ ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂ ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ୨୫ ଓ ୨୬ ତାରିଖରେ ସ୍ୱର୍ଣ୍ଣାଭ ବେଳାଭୂମି ଆୟୋଜିତ ହେବାକୁ ଥିବା ମୁଖ୍ୟ ଉତ୍ସରେ ପୁରସ୍କୃତ କରାଯିବ। ଅନୁଷ୍ଠାନର ସଭାପତି ଡା. ତାପନ ଚାନ୍ଦ, ସାଧାରଣ ସମ୍ପାଦକ ସନ୍ତୋଷ କୁମାର ଶତପଥୀ ଓ କ୍ରୀଡ଼ା ସମ୍ପାଦକ ଗୋପୀନାଥ ସ୍ୱାଇଁ, କ୍ରୀଡ଼ା ସହ ସମ୍ପାଦକ ଅରୁଣ ଭଟାଚାର୍ଯ୍ୟ ଓ ରାଜୀବ ସତପଥି ପ୍ରମୁଖ ସହଯୋଗ କରିଥିଲେ।

## ସାହିତ୍ୟିକ ଆଲୋଚନା ଓ କବିତା ପାଠୋତ୍ସବ

ହିଞ୍ଜିଳିକାଟୁ,(ନି.ପ୍ର): ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଓଡ଼ିଆ ଭାଷା ସାହିତ୍ୟ ସମିତି ମିଳିତ ଆନୁକୂଲ୍ୟରେ ରବିବାର ବରିଷ୍ଠ ନାଗରିକ ଚିତ୍ତ ବିନୋଦନ କେନ୍ଦ୍ର ପରିସରର ବିଜୁ ପଟ୍ଟନାୟକ ପାଠାଗାର କକ୍ଷରେ ସାହିତ୍ୟିକ ଆଲୋଚନା, କବିତା ପାଠୋତ୍ସବ ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଚନ୍ଦ୍ର ଶେଖର ହୋତା ଓ ଓଡିଆ ଭାଷା ସାହିତ୍ୟ ସମିତି ସାଧାରଣ ସମ୍ପାଦକ ରଞ୍ଜନ କୁମାର ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମର ପ୍ରଥମ ଅଧିବେଶନରେ ବ୍ରହ୍ମାକୁମାର ନିତ୍ୟାନନ୍ଦ ସାହୁ ଅଧକ୍ଷତା କରିଥିଲେ। ଡଃ ହରିହର ଦାସ ଉଦ୍‌ଘାଟକ ଭାବେ ଯୋଗ ଦେଇଥିବା ବେଳେ ଶରତ ଚନ୍ଦ୍ର ପାଠୀ, ଡଃ ହରେକୃଷ୍ଣ ନାୟକ ଓ ଡଃ ଅନନ୍ତରାମ କର କୌଣ୍ଡିନ୍ୟ ଉପସ୍ଥିତ ଥିଲେ। ଦ୍ୱିତୀୟ ଅଧିବେଶନରେ ପ୍ରତିଷ୍ଠାତା ସଭାପତି ଆକାଶ ପଟ୍ଟନାୟକ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଡଃ ସିଦ୍ଧାର୍ଥ ଶଙ୍କର ପାଢ଼ୀ, ମୁଖ୍ୟ ବକ୍ତା ଭାବେ ଉପାଧକ୍ଷା ସୁଚିତ୍ରା ପଣ୍ଡା ଓ ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପଦ୍ମବନର ନାୟକ ଓ ମନୋରମା ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତୃତୀୟ ଅଧିବେଶନରେ ରିତାଞ୍ଜଳି ମିଶ୍ର, ନୃସିଂହ ପ୍ରସାଦ ପଟ୍ଟନାୟକ, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଓ ଅଧ୍ୟାପକ ସଞ୍ଜୟ କୁମାର ଷଡ଼ଙ୍ଗୀ ପ୍ରମୁଖ କବିତା ପାଠୋତ୍ସବରେ ଉପସ୍ଥିତ ଥିଲେ।

## ଏକଲବ୍ୟ ଶିକ୍ଷାନୁଷ୍ଠାନର ପୁରସ୍କାର ବିତରଣ

ଚଣ୍ଡିଖୋଲ,(ନିପ୍ର): ଚଣ୍ଡିଖୋଲ ଛକ ସନ୍ନିକଟ ଗାନ୍ଧୀଛକ ଠାରେ ଅବସ୍ଥିତ 'ଏକଲବ୍ୟ +୨ ବିଜ୍ଞାନ ଶିକ୍ଷାନୁଷ୍ଠାନ'ର ବାର୍ଷିକ ପ୍ରତିଷ୍ଠା ଦିବସ ଏବଂ ପୁରସ୍କାର ବିତରଣ ଉତ୍ସବ ଅତ୍ୟନ୍ତ ଉତ୍ସାହର ସହ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଆଦିତ୍ୟ ନାରାୟଣ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର୍ ଜୟନ୍ତୀ ମିଶ୍ର ,ମୁଖ୍ୟ ବକ୍ତା: ଅବସରପ୍ରାପ୍ତ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପ୍ରଫେସର୍ ନିତ୍ୟାନନ୍ଦ ମହାନ୍ତି ,ସମ୍ମାନିତ ଅତିଥିବୃନ୍ଦ: ଅଧ୍ୟାପକ ଚତୁର୍ଭୁଜ ବେହେରା, ପ୍ରତାପ ଚନ୍ଦ୍ର ନାୟକ, ଇଶିପ୍ତା ଶତପଥୀ, ଅନୁଷ୍ଠାନର ସଭାପତି ଅନନ୍ତ କୁମାର ପାଢ଼ୀ, ପ୍ରତିଷ୍ଠାତା ଶ୍ରୀମତୀ ମଞ୍ଜୁଲତା ପାଢ଼ୀ ଏବଂ ବାଳିକା ମହାବିଦ୍ୟାଳୟର ଅଧ୍ୟକ୍ଷ ସେକ୍ ଫର୍ ଜାନ୍ ଅଲ୍ଲୀ ପ୍ରମୁଖ ଯୋଗଦେଇଥିଲେ। ସଭାରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଥିଲେ ଯେ, ଆଜି ଦେଶରେ ଶିକ୍ଷାର ବୈପ୍ଳବିକ ପରିବର୍ତ୍ତନ ହୋଇଛି। ଆମ ଦେଶର ଛାତ୍ରଛାତ୍ରୀମାନେ ଭଲ ପାଠ ପଢ଼ି ବିଦେଶୀ ରାଷ୍ଟ୍ରରେ କର୍ମନିଯୁକ୍ତି ପାଇବା ସହ ଦେଶର ସୁନାମ ବୃଦ୍ଧି କରୁଛନ୍ତି।




ପିତାମାତାଙ୍କ ପ୍ରଚେଷ୍ଟା ଏବଂ ନିଜର ଦୃଢ଼ ଇଚ୍ଛାଶକ୍ତି ବଳରେ ବିଜ୍ଞାନ ପଢୁଥିବା ପିଲାମାନେ ଆଗାମୀ ଦିନରେ ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ ଓ ମେଧାବୀ ବ୍ୟକ୍ତିତ୍ୱ ଭାବେ ପ୍ରତିଷ୍ଠିତ ହୋଇପାରିବେ।

## ପଞ୍ଚାୟତସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି

କାଶୀନଗର,(ନିପ୍ର): କାଶୀନଗର ପଞ୍ଚାୟତ ଅଧୀନରେ ଥିବା ବୁଦୁରା ଗ୍ରାମ ପଞ୍ଚାୟତ କାର୍ଯାଳୟ ପରିସରରେ ପଂଚାୟତ ସ୍ତରୀୟ ଗ୍ରାମ୍ୟ ମୁଖି ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ହୋଇଛି। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ମାନସ ରଞ୍ଜନ ପ୍ରଧାନ, ସାମାଜିକ ସୁରକ୍ଷା ଅଧିକାରୀ ଚନ୍ଦନ ପାଣି,ପି.ଓ କେ. ସୁନିତା ମଂଚାସୀନ ହୋଇ ଅଭିଯୋଗ ଶୁଣାଣି କରିଥିଲେ.ଏ.ବି.ଡ଼ି.ଓ ଶ୍ରୀ ପ୍ରଧାନ ଆସିଥିବା ଆସିଥିବା ଅଭିଯୋଗ ଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ ବିଭଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ଦଳରେ ଭର୍ତ୍ତି ହେଲାଣି ସାକ୍ଷୀଗୋପାଳ ମୁଖ୍ୟ ବ୍ରାଞ୍ଚ କେନାଲ

### ◆ ଧାନ କ୍ଷେତକୁ ମାଡୁନି ପାଣି, ନୀରଦ୍ରଷ୍ଟା କନିଷ୍ଠ ଯନ୍ତ୍ରୀ !

### ◆ ଉଚ୍ଚ ପଦାଧିକାରୀ ତଦନ୍ତ ପୂର୍ବକ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି



ପିପିଲି,(ନିପ୍ର): ସାକ୍ଷୀଗୋପାଳ ଉପଖଣ୍ଡ ଜଳସମ୍ପଦ ବିଭାଗ ଅଧୀନ ରୂପଦେଇପୁର ସେକ୍ସନ ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ଅପାରଗତା ଯୋଗୁଁ ଏବେ ଅଞ୍ଚଳର ଚାଷୀ ଚିନ୍ତାରେ ପଡିଛନ୍ତି। ଚାଷୀ ହଜାର ହଜାର ଟଙ୍କା କରଜ ସହିତ ବିଭିନ୍ନ ବ୍ୟାଙ୍କରୁ ଋଣ ଆଣି ଧାନ ଚାଷ କରିଛନ୍ତି। ତାହାରି ମଧ୍ୟରେ ଚାଷୀ ନିଜର ସୁନାର ଫସଲ ଅମଳ ପାଇଁ ଆଶାବାନ୍ଧି ଥିବାବେଳେ ଧାନ ଗଛରେ ପୋକ ନ ଲାଗିବା ନିମନ୍ତେ କୀଟନାଶକ ଔଷଧ ଅହରହ ବ୍ୟବହାର କରି ଚାଲିଛନ୍ତି। ତାହାରି ମଧ୍ୟରେ ଭଗାରି ସାଜିଛନ୍ତି ଜଳସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ। ଯନ୍ତ୍ରୀ ଅଞ୍ଚଳକୁ ନ ଆସିବା ଦ୍ୱାରା ସାକ୍ଷୀଗୋପାଳ ମୁଖ୍ୟ ବ୍ରାଞ୍ଚ କେନାଲ ଶାଖା କେନାଲ ମଧ୍ୟରେ ଦଳ ଓ ଘାସ ପରିପୂର୍ଣ୍ଣ ଥିବାରୁ ତଳ ମୁଣ୍ଡକୁ କେନାଲ ପାଣି ଯାଇ ପାରୁ ନାହିଁ। ଫଳରେ ତଳମୁଣ୍ଡରେ ଥିବା ଶହ ଶହ ହେକ୍ଟର ଧାନ ଜମି ଫାଟି ଆଁ କଲାଣି। ଏଥି ସହିତ ଧାନ ବିଲ ଘାସମୟ ହୋଇଯାଇଥିବା ଅଞ୍ଚଳର ଚାଷୀକୁଳ ରୂପଦେଇପୁର କନିଷ୍ଠ ଯନ୍ତ୍ରୀଙ୍କ ବିରୁଦ୍ଧରେ ଆଣିଛନ୍ତି ଅଭିଯୋଗ। ଉକ୍ତ ସେକ୍ସନ ଅଫିସ କାର୍ଯ୍ୟାଳୟରେ ଅସ୍ଥାୟୀ ଭାବରେ ନିଯୁକ୍ତି ପାଇଥିବା କନିଷ୍ଠ ଯନ୍ତ୍ରୀ ନିଜର ପଦବୀ ପାଇଁ ଅଞ୍ଚଳରେ ପରିଦର୍ଶନ ନ କରି ଚାଷୀଙ୍କ ସମସ୍ୟା ନ ବୁଝି ନିଜର ପାରିବାପଣିଆ ବଜାୟ ରଖିବା ଲାଗି ପୁରୀ ଜିଲ୍ଲା ଅଧୀକ୍ଷଣ ଯନ୍ତ୍ରୀ ମୁଖ୍ୟ କାର୍ଯ୍ୟାଳୟରେ ଅହରହ ରହୁଥିବା ଚର୍ଚ୍ଚା ଜୋର୍ ଧରିଛି। ଏହି ଚର୍ଚ୍ଚା ନେଇ ବିଭାଗୀୟ ଉଚ୍ଚପଦାଧିକାରୀଙ୍କ ଦ୍ୱାରା ଯାଞ୍ଚ ଜରୁରୀ ହୋଇପଡିଥିବା ଏଠାରେ ସଚେତନ ନାଗରିକମହଲ ମତ ବ୍ୟକ୍ତ କରିଛନ୍ତି। କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟ ଦକ୍ଷତା କେତେ ସେନେଇ ଅଙ୍ଗୁଳି ଉଠିସାରିଥିବା ହେତୁ ଏହା ପଛରେ ବିଭାଗୀୟ ନ୍ୟସ୍ତସ୍ୱାର୍ଥ ଅଧିକାରୀଙ୍କ ଛତ୍ରଛାୟା ରହିଛି କି ଏପରି ଆଲୋଚନା ଆରମ୍ଭ ହେଲାଣି। କନିଷ୍ଠ ଯନ୍ତ୍ରୀ ଜଣକ ଅଞ୍ଚଳର ଜନୈକ ପ୍ରଭାବଶାଳୀ ବ୍ୟକ୍ତିଙ୍କ ସମ୍ପର୍କୀୟ ହୋଇଥିବା କୁହାଯାଉଛି। ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀ, ସର୍ବୋଚ୍ଚ ଯନ୍ତ୍ରୀ ଏବଂ ଅତିରିକ୍ତ ସଚିବ କେହି ଉକ୍ତ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟ ଦକ୍ଷତା ଉପରେ ବିଭାଗୀୟ ଅଧିକାରୀମାନେ କୌଣସି କାର୍ଯ୍ୟାନୁଷ୍ଠାନ ନେବେ ନାହିଁ ବୋଲି କନିଷ୍ଠ ଯନ୍ତ୍ରୀ ନିଜ ମୁଖରେ କହି ବୁଲୁଥିବା ସୂଚନା ମଧ୍ୟ ମିଳିଲାଣି।

ଖାଲି ସେତିକି ନୁହେଁ ପୁରୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ବିଭାଗର ପଦାଧିକାରୀ ସଚିବ ପୁରୀ ଆସିଥିବାବେଳେ ଜନୈକ କନିଷ୍ଠ ଯନ୍ତ୍ରୀ ତାଙ୍କର ଦାୟିତ୍ୱରେ ରହିଥିଲେ। ଦାୟିତ୍ୱରେ ଥାଇ ମଧ୍ୟ ସେ ବିଭାଗୀୟ ପଦାଧିକାରୀ ସଚିବଙ୍କ ସେବା ଯୋଗାଇବାରେ ବିଫଳ ହୋଇ ସର୍ବ ଶେଷରେ ପଦାଧିକାରୀ ସଚିବକୁ ବଡ଼ ବାନା ଦେଖାଇ ଦେବେ ଏପରି ତାଚ୍ଛଲ୍ୟ କରିବାରୁ ପୁରୀ ଗସ୍ତରେ ଆସିଥିବା ପଦାଧିକାରୀ ସଚିବ ପୁରୀ ଜିଲ୍ଲାରୁ ବିତାଡିତ କରିବା ପାଇଁ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ଦିଗରେ ଜଳସମ୍ପଦ ବିଭାଗର ମୁଖ୍ୟ ଶାସନ ସଚିବ ନଜର ଦେବା ସହ ଏହି 'ପ୍ରଭାବଶାଳୀ ଯନ୍ତ୍ରୀ'ଙ୍କ କାର୍ଯ୍ୟକଳାପ ଅନୁସନ୍ଧାନ ପୂର୍ବକ ଯୁଦ୍ଧ କାଳୀନ ଭିତ୍ତିରେ ପୁରୀ ଜିଲ୍ଲାରୁ ବଦଳି କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି। ଏଭଳି ସମ୍ବେଦନଶୀଳ ସମସ୍ୟା ଉପୁଜୁ ଥିବା ନେଇ ଏହି ପ୍ରତିନିଧିଙ୍କ ନିକଟକୁ ଅଭିଯୋଗ ଆସିବା ପରେ ଜଳସମ୍ପଦ ବିଭାଗର ସେଣ୍ଟ୍ରାଲ ସର୍କଲ ମୁଖ୍ୟଯନ୍ତ୍ରୀ ଓଡିଶା ଭୁବନେଶ୍ୱରଙ୍କ ମତାମତ ଲୋଡ଼ିବାଥିଲେ ହେଁ ରିପୋର୍ଟ ଲେଖାଯିବା ବେଳକୁ କୌଣସି ଉତ୍ତର ମିଳି ନଥିଲା।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

ସାଲେପୁର,(ନିପ୍ର): ବିଜୁ ଜନତା ଦଳ ପକ୍ଷରୁ ଆରମ୍ଭ ହୋଇଥିବା ଜନସମ୍ପର୍କ ପଦଯାତ୍ରା ରବିବାର ୯ମ ଦିନରେ ପହଁଚଥିଲା। ସାଲେପୁର ବିଧାୟକ ପ୍ରଶାନ୍ତ ବେହେରାଙ୍କ



ନେତୃତ୍ୱରେ ସାଲେପୁର ବ୍ଲକର ସିଢ଼ୋ , ମିର୍ଜାପୁର , ତେନ୍ତୋଳ ଓ ମଧଗଛ ପଂଚାୟତରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶହ ଶହ ଦଳୀୟ କର୍ମୀ ଓ ପଂଚାୟତ ଜନପ୍ରତିନିଧି ମାନେ ପଦଯାତ୍ରାରେ ସାମିଲ ହୋଇ ୪ ପଂଚାୟତର ବିଭିନ୍ନ ୱାର୍ଡରେ ବୁଲି ସାଧାରଣ ଲୋକଙ୍କ ସୁବିଧା ଅସୁବିଧା ପଚାରି ବୁଝିଥିଲେ । ମିଛ ପ୍ରଲୋଭନ,ମିଛ ପ୍ରତିଶ୍ରୁତି ଦେଇ ସରକାରକୁ ଆସିଥିବା ଡବଲ ଇଞ୍ଜିନ ସରକାର ଆଜି ସବୁ କ୍ଷେତ୍ରରେ ବିଫଳ ହୋଇଛି ବୋଲି ଅଭିଯୋଗ ଆଣିଥିଲେ। ଏହି ଜନସମ୍ପର୍କ ପଦଯାତ୍ରାରେ ବିଧାୟକଙ୍କ ସହିତ ବିଜେଡି ବରିଷ୍ଠ ନେତା ଦିଲ୍ଲୀପ ଦାଶ, ଚିତ୍ତରଞ୍ଜନ ମହାନ୍ତି,ଆଲୋକ ଭୂୟାଁ,ରାଜ୍ୟ ମହିଳା ବିଜେଡି ଉପସଭାନେତ୍ରୀ ଜ୍ୟୋତିରେଖା ନାୟକ,ବ୍ଲକ ମହିଳା ବିଜେଡି ସଭାନେତ୍ରୀ ରାଜଶ୍ରୀ ଜେନା,ନାରୀନେତ୍ରୀ ସୌମ୍ୟା ପତି, ତୃପ୍ତିରେଖା ପରିଡା, ବ୍ଲକ ବିଜେଡି ଯୁବସଭାପତି ସଞ୍ଜିତ ଦାଶ, ଜିଲ୍ଲା ପରିଷଦ ସଭ୍ୟ ହର ପ୍ରସନ୍ନ ବେହେରା, ରଞ୍ଜିତା ସେଠୀ ସିଢ଼ୋ ସରପଞ୍ଚ ମମତା ଦାସ, ସମିତିସଭ୍ୟ ପ୍ରଫୁଲ୍ଲ ଓଝା,ବିଜେଡି ସଭାପତି ଯତୀନ୍ଦ୍ରବିଶ୍ୱାଳ, ମିର୍ଜାପୁର ସରପଞ୍ଚ ଇଂ ଶ୍ରଦ୍ଧାଞ୍ଜଳି ସାହୁ, ସମିତିସଭ୍ୟା ଲକ୍ଷ୍ମୀପ୍ରିୟା ଦାସ, ବିଜେଡି ସଭାପତି ସୟଦ ନୁର ଉଦ୍ଦିନ ପ୍ରମୁଖ ସାମିଲ ହୋଇଥିଲେ ।

## ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର

ନିଆଳି,(ନିପ୍ର): କଟକ ଜିଲ୍ଲା ନିଆଳି ବ୍ଲକ ଅଧୀନ ଐତିହାସିକ ଦୋପଟି ମେଳଣ ପଡିଆ ଠାରେ ରବିବାର ଜାତୀୟ ମାନବଅଧିକାର ମୌଳିକ ପରିଷଦ ଭାରତ ପକ୍ଷରୁ କଟକ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଗଠନର ମୁଖ୍ୟ ତଥା ରାଜ୍ୟ ସଭାପତି ଚନ୍ଦ୍ରକାନ୍ତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ରାଜ୍ୟ ଚେୟାରମ୍ୟାନ୍ ଡଃ. ସ୍ୱର୍ଣ୍ଣମୟୀ ରାଉତ, ଭାଇସ୍ ଚ୍ୟାୟାରମ୍ୟାନ୍ ରିତାରାଣୀ ତ୍ରିପାଠୀ,ମୁଖ୍ୟ ଉପଦେଷ୍ଟା ଅଧ୍ୟାପକ ଲକ୍ଷ୍ମୀଧର ପ୍ରଧାନ, ହାଇକୋର୍ଟର ବରିଷ୍ଠ ଆଇନ୍‌ଜୀବୀ ମଧୁସୁଦନ ମିଶ୍ର, କଟକ ଜିଲ୍ଲା ସଭାପତି ତଥା ଆଇନ୍‌ଜୀବୀ ଅନ୍ତର୍ଯ୍ୟାମୀ ବଡୁ, ଯୋଗଦେଇ ଜନସାଧାରଣଙ୍କ ମୌଳିକ ସମସ୍ୟା ମାନ ସମାଧାନ ଉପରେ ଦିଗ୍‌ଦର୍ଶନ ଦେଇଥିଲେ। ଶିକ୍ଷକ ତଥା ଜଗତସିଂହପୁର ଜିଲ୍ଲା ଆଲିପିଙ୍ଗଳ ସରକାରୀ ଉଚ୍ଚ ବିଦ୍ୟାଳୟର ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ପଦରାଜ ଉମାକାନ୍ତ ନାୟକଙ୍କୁ ସଂଗଠନ ପକ୍ଷରୁ ସମ୍ମାନୀତ କରାଯାଇଥିଲା।

## ଛାତ୍ର ସଂସଦ ନିର୍ବାଚନ ପାଇଁ ମହାବିଦ୍ୟାଳୟର ପ୍ରଚାର ଜୋର୍‌ଦାର

ପୁରୀ,(ନିପ୍ର): ଦୀର୍ଘ ଆଠବର୍ଷ ପରେ ଚଳିତ ବର୍ଷ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ଗୁଡ଼ିକରେ ଛାତ୍ର ସଂସଦ ନିର୍ବାଚନ ପାଇଁ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳିଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ନିର୍ବାଚନ ମାହୋଲ କିପରି ଥିଲା ସ୍ଥିତି ପରଖିଥିଲା ଆମର କ୍ୟାମେରା ଟିମ୍। ମହାବିଦ୍ୟାଳୟ ପରିସର ମଧ୍ୟରେ ଛାତ୍ର ଛାତ୍ରୀ ମାନେ ଦଳ ଦଳ ହୋଇ ଭୋଟ ପ୍ରଚାର କରୁଥିବା ଦେଖାଯାଇଥିଲା। ମହାବିଦ୍ୟାଳୟର ବିଭିନ୍ନ ଅଭାବ ଅସୁବିଧା, ପୁରାତନ ମହାବିଦ୍ୟାଳୟକୁ ଏକକ ବିଶ୍ୱବିଦ୍ୟାଳୟ ଭାବରେ ସ୍ୱୀକୃତି ଦେବା ଛାତ୍ର ଛାତ୍ରୀ ମାନଙ୍କର ମୌଳିକ ଅସୁବିଧା ଗୁଡିକ ପୁରଣ କରିବା ଆଦି ଦାବିରେ ପ୍ରାର୍ଥୀ ମାନେ ଭୋଟ ଦେବାପାଇଁ ପ୍ରଚାର କରୁଥିବା ଦେଖାଯାଇଥିଲା।

## ପୁରୁଣାବଜାର ଥାନା ତରଫରୁ ଜୁଭେଣ୍ଟିକା ଆଉଟ୍‌ରିଚ୍ ବାଲ୍ୟ ବିବାହ ବନ୍ଦ କରନ୍ତୁ

ଭଦ୍ରକ,(ନିପ୍ର): ଅର୍ନ୍ତଜାତୀୟ ବାଳିକା ଦିବସ ଅବସରରେ ଭଦ୍ରକ ପୁରୁଣାବଜାର ଥାନା ଓ ଆସିଆନା ସଂଗଠନର ମିଳିତ ଆନୁକୂଲ୍ୟରେ ଜୁଭେଣ୍ଟିକା ଆଉଟ୍‌ରିଚ୍ ସଚେତନତା କାର୍ଯ୍ୟକ୍ରମ ପୁରୁଣା ବଜାର ଥାନା ଭାରପ୍ରାପ୍ତ ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ସଭାପତିତ୍ୱରେ ବାଇପାସସ୍ଥିତ ସୋସାଇଟ୍ ଫର୍ ଉଇକର କମ୍ୟୁନିଟ୍ (ଆସିଆନା) ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ଶିଶୁ ମଙ୍ଗଳ କମିଟିର ସଦସ୍ୟ ପ୍ରଦୀପ୍ତ କୁମାର କର, ଆସିଆନାର ସମ୍ପାଦିକା ସୋଫିଆ ସେକ୍ ଯୋଗଦେଇ ବାଲ୍ୟ ବିବାହର ନିରାକରଣ, ବାଳିକାମାନଙ୍କର ଅଧିକାରର, ସୁରକ୍ଷା ଏବଂ ଲିଙ୍ଗଗତ ସମାନତା ପ୍ରତିଷ୍ଠା ପାଇଁ ସମାଜର ସମସ୍ତ ସ୍ତରରେ ସଚେତନତା ଓ ସାମୂହିକ ପ୍ରୟାସ ଜାରି ରଖିବା ପାଇଁ ଆବଶ୍ୟକୀୟ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଚଳିତ ବର୍ଷର ଜୁଭେଣ୍ଟିକା ଆଉଟ୍‌ରିଚ୍ କାର୍ଯ୍ୟକ୍ରମର ମୁଖ୍ୟ ବାର୍ତ୍ତା ହେଉଛି 'ବାଲ୍ୟ ବିବାହ ବନ୍ଦ କରନ୍ତୁ ଏବଂ ବାଳିକାଙ୍କ ଅଧିକାର ପାଇଁ ନିବେଶ କରନ୍ତୁ'। କାର୍ଯ୍ୟକ୍ରମରେ ଆସିଆନା ଶକ୍ତି ସଦନ ଓ ଓପନ୍ ସେଲ୍‌ଟର ହୋମ୍‌ର ଅନ୍ତେବାସୀ ଓ କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ।

# ଜିଲ୍ଲାସ୍ତରୀୟ ମହକ ଓ ଉତ୍ସାହ -୨୦୨୬

### ||||||||||||||||||||||| ୧୪୮ ପ୍ରତିଯୋଗୀ, ୧୪ ବିଭାଗରେ କଲେ ଅଂଶଗ୍ରହଣ |||||||||||||||||||||||



ପୁରୀ,(ନିପ୍ର): ସ୍ଥାନୀୟ ତାଳବଣିଆ ଇଣ୍ଡୋର ଷ୍ଟାଡିୟମ ଠାରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଜିଲ୍ଲା ପ୍ରଶାସନ, ପୁରୀ ଆନୁକୂଲ୍ୟରେ ଦୁଇଦିନିଆ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ମହକ ଓ ଉତ୍ସାହ ୨୦୨୬ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଜିଲ୍ଲାର ୫ ଟି ଶିଶୁ ଯତ୍ନ ଅନୁଷ୍ଠାନର ୧୪୮ ଜଣ ପ୍ରତିଯୋଗୀ ୧୪ ଟି ବିଭାଗରେ ଅଂଶଗ୍ରହଣ କରିଥିଲେ। ଶିଶୁ ମାନଙ୍କ ମଧ୍ୟରେ ଫୁଟବଲ, ଉଚ୍ଚଡିଆଁ, ଲମ୍ୱଡିଆଁ, ଚେସ, କ୍ୟାରମ, ଦୌଡ଼, ବକ୍ତୃତା, ଦଳଗତ ନୃତ୍ୟ, ସଂଗୀତ, ଚିତ୍ରାଙ୍କନ, କୁଇଜ୍ ଆଦି କନିଷ୍ଠ, ବରିଷ୍ଠ, ବାଳକ, ବାଳିକା ବର୍ଗରେ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ୬୮ ଜଣ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ, ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କହିଥିଲେ ଯେ, ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଅନ୍ତେବାସୀମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବାରେ ଅନ୍ୟମାନଙ୍କ ଠାରୁ ପଛରେ ନାହାନ୍ତି। ସେମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ନିମନ୍ତେ ସବୁ ସ୍ତରରେ ଉଦ୍ୟମ ନିରନ୍ତର ଭାବେ ହେବା ଉଚିତ। ସେମାନେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ ପାଇଁ ନିଷ୍ଠା, ପରିଶ୍ରମ ଓ ସାଧନା ବଳବତ୍ତର ରଖିଲେ ରାଜ୍ୟ ଓ ଦେଶ ପାଇଁ ଜଣେ ଜଣେ ସଫଳ ହୋଇ ବାହାରିବେ ବୋଲି ଆଶା ବ୍ୟକ୍ତ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକ ସମ୍ପର୍କ ଯୁଗ୍ମ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ, ଶକ୍ତିପାଦ ମିଶ୍ର ସଦସ୍ୟ, ସିଡବ୍ଲୁସି, ପ୍ରୋଟେକ୍ସନ ଅଫିସର ସୁହାଗୀ ହେମ୍ବ୍ରମ ପ୍ରମୁଖ ଯୋଗ ଦେଇ ଶିଶୁମାନଙ୍କୁ ପୁରସ୍କୃତ କରିବା ସହିତ ଆଗକୁ ବଢ଼ିବା ନିମନ୍ତେ ପ୍ରୋତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀ ରାଜ୍ୟ ସ୍ତରରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଚାରକ ଭାବେ ଶିକ୍ଷାବିତ ଶିବ ସୁନ୍ଦର ମିଶ୍ର, କୁମାର ଭୀମସେନ, ରୋଜାଲିନ ସାମନ୍ତରାୟ, ଦୁର୍ଗା ମାଧବ କର ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଓ ଚାଇଲଡ ହେଲ୍ପ ଲାଇନର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

## ବାଳିକାଙ୍କ ଅଧିକାର ସୁରକ୍ଷା ଉପରେ ଗୁରୁତ୍ୱ

ଯାଜପୁର,(ନିପ୍ର): ଅନ୍ତର୍ଜାତୀୟ ବାଳିକା ଦିବସ-୨୦୨୬ ଅବସରରେ ଯାଜପୁର ଜିଲ୍ଲା ପୋଲିସ ମୁଖ୍ୟାଳୟ, ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ରୁଚିକା ସମାଜ ସେବା ସଂଗଠନର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ 'ଜୁଭେଣ୍ଟିକା ଆଉଟରିଚ୍ କାର୍ଯ୍ୟକ୍ରମ' ଯାଜପୁର ଇଣ୍ଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ଏହି କାର୍ଯ୍ୟକ୍ରମର ମୁଖ୍ୟ ବାର୍ତ୍ତା




ହେଉଛି— "ବାଲ୍ୟ ବିବାହ ବନ୍ଦ କରନ୍ତୁ ଏବଂ ବାଳିକାଙ୍କ ଅଧିକାର ପାଇଁ ନିବେଶ କରନ୍ତୁ।" ବାଲ୍ୟ ବିବାହର ନିରାକରଣ, ବାଳିକାମାନଙ୍କ ଅଧିକାରର ସୁରକ୍ଷା ଏବଂ ଲିଙ୍ଗଗତ ସମାନତା ପ୍ରତିଷ୍ଠା ପାଇଁ ସମାଜର ସମସ୍ତ ସ୍ତରରେ ସଚେତନତା ଓ ସାମୂହିକ ପ୍ରୟାସ ଜାରି ରଖିବା ଆବଶ୍ୟକ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ପୋଲିସ ଅଧିକାରୀ ଓ ଅନ୍ୟ ଅତିଥିମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ଯାଜପୁର ହକି ପ୍ରଶିକ୍ଷଣ କେନ୍ଦ୍ରର ୭୦ରୁ ଊର୍ଦ୍ଧ୍ୱ ପ୍ରଶିକ୍ଷାର୍ଥୀ ଯୋଗଦେଇଥିଲେ। ଜିଲ୍ଲା ପୋଲିସ କାର୍ଯ୍ୟାଳୟର ମହିଳା ଓ ଶିଶୁ ସମ୍ପର୍କିତ ଅପରାଧ ନିୟନ୍ତ୍ରଣ ୟୁନିଟ୍‌ର ଉପଆରକ୍ଷୀ ଅଧୀକ୍ଷକ ରେଣୁବାଳା ତ୍ରିପାଠୀଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ଯାଜପୁର ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ପ୍ରଶାନ୍ତ କୁମାର ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ କହିଥିଲେ ଯେ, କୌଣସି ବିପଦପୂର୍ଣ୍ଣ ବା ଅସୁରକ୍ଷିତ ପରିସ୍ଥିତିରେ ଥିବା ମହିଳା ଓ ବାଳିକାମାନେ ପୋଲିସର ଜରୁରୀକାଳୀନ ସହାୟତା ନମ୍ବର ୧୧୨ରେ ଫୋନ୍ କରି ତୁରନ୍ତ ସହାୟତା ପାଇପାରିବେ।

## ମା' ଦୁର୍ଗାଙ୍କ ବ୍ରହ୍ମଚାରିଣୀ ବେଶ

**ସାଲେପୁର/ନିରାକାରପୁର(ନିପ୍ର):** ସାଲେପୁର ବ୍ଲକ ଶିଶୁଆ ପଂଚାୟତର ପୁରାଣ ପ୍ରସିଦ୍ଧ ଭୀଷ୍ମକୁଣ୍ଡି ନଗର ମା'କନକ ଦୁର୍ଗାଙ୍କ ପୀଠରେ ନବରାତ୍ର ପୂଜା ରବିବାର ଠାରୁ ଆରମ୍ଭ ହୋଇଯାଇଛି । ମା'ନବଦୁର୍ଗାଙ୍କ ଦ୍ୱିତୀୟ ସ୍ୱରୂପ ହେଉଛନ୍ତି ମା'ବ୍ରହ୍ମଚାରିଣୀ । ମା'କନକ ଦୁର୍ଗାଙ୍କ ମୁଖ୍ୟ ପୂଜକ ତୃପ୍ତି ରଞ୍ଜନ ଦାଶ ନବରାତ୍ର ପରିପେକ୍ଷୀରେ ପ୍ରାତଃ ସମୟରୁ ମା'ଙ୍କୁ ରୀତିନୀତି ଅନୁଯାୟୀ ସ୍ନାନ କରାଇ ମା' ଙ୍କ ବେଶ କରାଇ ଥାନ୍ତି।



ସେହିପରି ନିରାକାରପୁର ଠାରେ ମା' ବନଦୁର୍ଗା ଦିବ୍ୟ ବ୍ରହ୍ମଚାରିଣୀ ବେଶରେ ପ୍ରକାଶିତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଶ୍ରୀମନ୍ଦିରର ସେବାୟତ ଶମ୍ଭୁନାଥ ଗୋପାଳ ଖୁଣ୍ଟିଆ, ନରସିଂହ ମେକାପ, ସତ୍ୟନାରାୟଣ ପୁରାଣ ପଣ୍ଡା, ବିପିନି ଷଡ଼ଙ୍ଗୀ, ବିପିନି ପତ୍ରି, ରମାକାନ୍ତ ଦାଶ, ବାଳକୃଷ୍ଣ ପଣ୍ଡା ଏବଂ ଦାମୋଦର ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ମା'ଙ୍କ ନିକଟରେ ଜଗନ୍ନାଥଙ୍କ ପଦକ, ଶିରି କପଡ଼ା, ଆଜ୍ଞାମାଳ ସହିତ ସୁଆର ପିଠା, ଆରିଶା, ବିରି ପିଠା, ତ୍ରିପୁରି, ମାଳପୁଆ, ଲଡୁ ମହାପ୍ରସାଦ ଏବଂ ଦହି ପଖାଳ ଆଦି ବହୁ ପ୍ରକାରର ମହାପ୍ରସାଦ ସମର୍ପଣ କରାଯାଇଥିଲା।

## ପୁରୀ: ଚିକିତ୍ସାଳୟରେ ରୋଗୀ ମୃତ୍ୟୁକୁ ନେଇ ତୀବ୍ର ଉତ୍ତେଜନା

ପୁରୀ,(ନିପ୍ର): ପୁରୀ ଚିକିତ୍ସାଳୟରେ ରୋଗୀ ମୃତ୍ୟୁକୁ ନେଇ ତୀବ୍ର ଉତ୍ତେଜନା ହୋଇଛି। ମୃତକ ହେଉଛନ୍ତି ବାସେଳୀସାହି ଥାନା ଅନ୍ତର୍ଗତ ମଙ୍ଗଳାଘାଟ ନୀଳାଦ୍ରି ବିହାରର ଦାମୋଦର ମହାନ୍ତି । ୧୦ ଜଣ ସାଙ୍ଗଙ୍କ ସହ ସେ ରୋଷେଇ ପାଇଁ ନୂଆନଈ ଯାଇଥିଲେ ।ସନ୍ଧ୍ୟାରେ ପରିବାର ଲୋକଙ୍କୁ ଦାମୋଦରଙ୍କ ମୃତ୍ୟୁ ହୋଇଥିବା ଖବର ମିଳିଥିଲା।ଖବର ପାଇ ପରିବାର ଲୋକେ ହସ୍ପିଟାଲରେ ତୁରନ୍ତ ପହଞ୍ଚିଥିଲେ।ତେବେ ମୃତ ଦେହ ପରିବାର ଲୋକଙ୍କୁ ନ ଦେଖାଇ ଶବ ବ୍ୟବଚ୍ଛେଦ ଗୃହରେ ରଖାଯାଇଥିବା ଅଭିଯୋଗ ହୋଇଛି। ତାଙ୍କ ଶରୀରରେ କୌଣସି କ୍ଷତ ଚିହ୍ନ ନ ଥିବାରୁ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି । ମୃତକଙ୍କ ସ୍ତ୍ରୀ ଓ ଗୋଟିଏ ପୁଅ ଅଛନ୍ତି। ତେବେ ଦାମୋଦର ଗତକାଲି ନିଜ ଘରେ ଆବଶ୍ୟକ ସାମଗ୍ରୀ ଦେଇ ମାଆଙ୍କୁ ରୋଷେଇ ହେଉଥିବା ଜଣାଇଥିଲେ ।ମୃତକଙ୍କ ପୁଅ ପୁରୀ ସମୁଦ୍ରକୂଳ ଅଞ୍ଚଳ ଯାଇ ବାପାଙ୍କୁ କିଛି ସାମଗ୍ରୀ ଦେଇଥିଲା।ପରେ ଦାମୋଦର ନିଜ ୧୦ ଜଣ ସାଙ୍ଗଙ୍କ ସହ ରୋଷେଇ ପାଇଁ ନୂଆନଈ ଯାଇଥିଲେ ।ତେବେ ହଠାତ୍ ତାଙ୍କ ପୁଅ ଗୁରୁତର ଥିବା ପରିବାର ଲୋକଙ୍କୁ ଖବର ଦିଆଯାଇଥିଲା। ଖବର ପାଇ ପରିବାର ଲୋକେ ତୁରନ୍ତ ସଦର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ ହେଁ ସେତେବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା ।ଦାମୋଦର ସାଙ୍ଗମାନଙ୍କ ସହ ରୋଷେଇ ପରେ ନୂଆନଈରେ ଗାଧୋଉଥିଲେ।ସମ୍ଭବତଃ ଗାଧୋଇବା ସମୟରେ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି।ସାଙ୍ଗମାନେ ତାଙ୍କୁ ଉଦ୍ଧାର କରି ସଦର ମୁଖ୍ୟ ଚିକିତ୍ସାଳୟ ଆଣିଥିଲେ ହେଁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଖବର ପାଇ ମାରାଇନ୍ ଥାନା ଓ କୁମ୍ଭାରପଡ଼ା ଥାନା ପୋଲିସ ହସ୍ପିଟାଲରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଛି।

## ଗୁଦାରୀ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ

କନ୍ଧମାଳ,(ହି.ସ.): କନ୍ଧମାଳ ଜିଲ୍ଲା ଖଜୁରୀପଡା ବ୍ଲକ ଗୁଦାରୀ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ଏବଂ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଲାଡ଼ି ଗ୍ରାମ ସ୍ଥିତ ମା ବରାଳଦେବୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି ।ଏହି ଅବସରରେ ବିଦ୍ୟାଳୟରେ ଛାତ୍ର ଛାତ୍ରୀଙ୍କ ଅନ୍ତଃର୍ନିହିତ ପ୍ରତିଭାର ବିକାଶ ନିମନ୍ତେ ବିଭିନ୍ନ ପ୍ରତିଯୋଗୀତା ଏବଂ ତର୍କ, ବକ୍ତୃତା, ପ୍ରବନ୍ଧଲିଖନ, ଶ୍ରୁତଲିଖନ, ସୁନ୍ଦର ହସ୍ତାକ୍ଷର, ଚିତ୍ରାଙ୍କନ, କୁଇଜ, ସଙ୍ଗୀତ, ନୃତ୍ୟ, ପି.ଏମ ପୋଷଣ ଚିତ୍ରକଳା, ହସ୍ତଶିଳ୍ପ, ମୌଳିକ ସାକ୍ଷରତା, ସଂଖ୍ୟା ଜ୍ଞାନ ଆଧାରିତ ଚିତ୍ରାଙ୍କନ, ଗଣିତ ଦୌଡ, ଗଣିତ କୁଇଜ ଓ ଗଳ୍ପକଥନ ଭଳି ପ୍ରତିଯୋଗୀତା ଆଦି ଆୟୋଜିତ ହୋଇଥିଲା । ଏଥିରେ ଗୁଦାରୀ କ୍ଲଷ୍ଟରର ଦଶ ଗୋଟି ବିଦ୍ୟାଳୟରୁ ସମୁଦାୟ ୧୩୦ ଜଣ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ । ପରେ ପରେ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଥିଲା। ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟର ସଭାପତି ଲମ୍ବୋଦର କହଁର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ରାଜେନ୍ଦ୍ର କୁମାର ବିଶି, ଯୁଧିଷ୍ଠିର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଫକୀର ଚରଣ ମୁଦୁଲି ସଭା ପରିଚାଳନା କରିଥିଲେ। ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରମାକାନ୍ତ ପୃଷ୍ଟି ଯୋଗ ଦେଇଥିବା ବେଳେ ମୂଳଗୁଦାରୀ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟତ୍ରୀ ସଞ୍ଜୁକ୍ତା ଦିଗାଲ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ମହୋତ୍ସବରେ କୃତି ଛାତ୍ରଛାତ୍ରୀମାନଙ୍କୁ ସାର୍ଟିଫିକେଟ ସହିତ ପୁରସ୍କାର ବଣ୍ଟନ କରାଯାଇଥିଲା । କାର୍ଯ୍ୟକ୍ରମକୁ ଗୁଦାରୀ କ୍ଲଷ୍ଟରର ସି.ଆର.ସି.ସି ସୁଜାତା କୁମାରୀ ପ୍ରଧାନ ସୁଚାରୁରୂପେ ପରିଚାଳନା କରିଥିଲେ ।

## ଏସ୍‌ଆଇଆର ନେଇ ନବୀନ ବାବୁଙ୍କ ମନରେ କେଉଁଠି ଦ୍ୱନ୍ଦ୍ୱ ରହୁଛି ତାହା ଆଗେ ସ୍ପଷ୍ଟ କରନ୍ତୁ: ମନମୋହନ ସାମଲ

ଭୁବନେଶ୍ୱର,(ହି.ସ.): ନବୀନ ବାବୁଙ୍କ ମନରେ କେଉଁଠି ଦ୍ୱନ୍ଦ୍ୱ ରହୁଛି ତାହା ଆଗେ ସ୍ପଷ୍ଟ କରନ୍ତୁ। ଯଦି ତାଙ୍କ ମନରେ ସ୍ପଷ୍ଟତା ନାହିଁ ତେବେ ନବୀନ ବାବୁ ନିଜେ କୁହନ୍ତୁ ସ୍ପଷ୍ଟତା ନାହିଁ ତାଙ୍କୁ ସ୍ପଷ୍ଟିକରଣ ଦିଆଯିବ ବୋଲି କହିଛନ୍ତି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ସେ କହିଛନ୍ତି ଯେ, ଯେଉଁମାନେ ଯୁକ୍ତି କରୁଛନ୍ତି, ସେମାନେ ଉପଯୁକ୍ତ ଯୁକ୍ତି କରନ୍ତୁ। ନିର୍ବାଚନ କମିଶନଙ୍କଠାରୁ କେଉଁ ବାବଦରେ ସ୍ପଷ୍ଟୀକରଣ ଦରକାର, ମାଗିଲେ କିଏ ଦେବାକୁ ମନା କରୁଛି। କଂଗ୍ରେସ ସମୟରେ ସବୁବେଳେ ଏସଆଇଆର ହୋଇଛି, ଆମ ସମୟରେ ଥରେ ମାତ୍ର ହୋଇଛି। ଯଦି ମୃତ ଏବଂ ଜାଲି ଭୋଟରଙ୍କ ନାଁ କଟିବ ନାହିଁ ତେବେ ଏସଆଇଆର ମାନେ କ'ଣ ? ଯଦି କଟିଲା ଭୁଲ ତ୍ରୁଟି କେଉଁଠି ରହିଲା ? ରାହୁଲ ଗାନ୍ଧୀ ନିଜେ କହୁଥିଲେ, ଭୋଟର ଲିଷ୍ଟ ସଂଶୋଧନ ହେବା ଦରକାର, ସ୍ୱାଭାବିକ ଭାବେ ଏସଆଇଆରରେ ପ୍ରତିଫଳିତ ହେଲା। ଏବେ ରାହୁଲ ଗାନ୍ଧୀଙ୍କ ଅସୁବିଧା କଣ ହେଲା ବୋଲି ପ୍ରଶ୍ନ କରିଛନ୍ତି ବିଜେପି ରାଜ୍ୟ ସଭାପତି।

ତିଥି :(ତୃତୀୟା): (ବିଶାଖା ତୁଳା)
ଅମୃତ ବେଳା: ଦିବା ଘ ୬।୩୨ ମଧ୍ୟେ ଘ୭।୨୦ଗତେ

## ଆଜିର ଅନୁଚିନ୍ତନ

ତେଜ, କ୍ଷମା, ଧୈର୍ଯ୍ୟ, ଶାରୀରିକ ଶୁଦ୍ଧି, ନିର୍ବୈରଭାବ ଏବଂ ସମ୍ମାନ ନ ଚାହିଁବା, ହେ ଭରତବଂଶଜ ଅର୍ଜୁନ! ଏସବୁ ଦୈବୀସମ୍ପଦପ୍ରାପ୍ତ ମନୁଷ୍ୟଙ୍କର ଲକ୍ଷଣ ଅଟେ।। - ଶ୍ରୀମଦ୍ ଭଗବଦ୍ ଗୀତା

# ସାମୁଦ୍ରିକ ସୁରକ୍ଷା

ପୂର୍ବତନ ସେନା ମୁଖ୍ୟ ଜେନେରାଲ ମନୋଜ ନରଓ୍ୱାଣେ ନିକଟ ଅତୀତରେ କହିଥିଲେ ପାକିସ୍ତାନ ପ୍ରତି ଭାରତର ଦୃଷ୍ଟିଭଙ୍ଗୀ ମୁଖ୍ୟତଃ ଆତଙ୍କବାଦର ନିରନ୍ତର ବିପଦ ଦ୍ୱାରା ପରିଚାଳିତ ହୋଇଆସୁଛି। ମାତ୍ର ଦୀର୍ଘମିଆଦୀ ଭିତ୍ତିରେ ଦେଖିଲେ ଚୀନ୍ ନୂଆଦିଲ୍ଲୀର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ହେବାକୁ ଯାଉଛି। ଏ ଦୃଷ୍ଟିରୁ ଏକ ଶକ୍ତିଶାଳୀ ସାମରିକ ପ୍ରତିରୋଧ ବ୍ୟବସ୍ଥା ବଜାୟ ରଖିବାର ଆବଶ୍ୟକତା ରହିଛି । ପାକିସ୍ତାନ ଏବଂ ଚୀନ୍ ସମ୍ପୂର୍ଣ୍ଣ ଭିନ୍ନ ବର୍ଗର ଦେଶ; ଯଦିଓ ଭାରତ ଉଭୟ ଦେଶ ସହିତ ଯୁଦ୍ଧ କରିଛି ଏବଂ ସେମାନଙ୍କ ସହ ସୀମା ବିବାଦ ମଧ୍ୟ ରହିଛି। ପାକିସ୍ତାନ ପ୍ରତି ଭାରତର ତୁରନ୍ତ ଧ୍ୟାନ ମୁଖ୍ୟତଃ ଆତଙ୍କବାଦର ନିରନ୍ତର ବିପଦ ଯୋଗୁଁ ରହିଛି, ଅନ୍ୟପକ୍ଷରେ ଚୀନ୍ ଦୀର୍ଘ ସମୟ ମଧ୍ୟରେ ଭାରତର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାବରେ ଉଭା ହେବାର ସମ୍ଭାବନା ରହିଛି। ଏହା ଜଣାଶୁଣା ଯେ ଚୋରା ସାମଗ୍ରୀ ଚାଲାଣ ସମୁଦ୍ରପଥ ଦେଇ ପାକିସ୍ତାନ କରିବା ଓ ଏକଦା ମୁମ୍ବାଇ ଉପରେ ଆତଙ୍କବାଦୀ ଆକ୍ରମଣ ପୂର୍ବକ ବିଭୀଷିକା ରଚିଥିବା ସାରା ବିଶ୍ୱ ଜାଣେ। ବିଶେଷ କରି 'ଅପରେସନ ସିନ୍ଦୂର' ପରଠାରୁ ଭାରତ ପ୍ରତି ପାକିସ୍ତାନର ବୈରତା ବଢ଼ିଛି। ତେଣେ ଚୀନ ଭାରତ ସହ ଭଲ ସଂପର୍କ ରଖିଥିବା କହୁଥିଲେ ହେଁ ଅତୀତରେ ବାଂଲାଦେଶ ଜରିଆରେ ଭାରତର ପୂର୍ବାଞ୍ଚଳରେ ଆତଙ୍କବାଦ ରଚିବାର ଷଡଯନ୍ତ୍ର କରୁଥିବା ଅପପ୍ରୟାସ ସଂପର୍କରେ ବିଭିନ୍ନ ସମୟରେ ଆଲୋଚନା ହୋଇଆସିଛି। ଏହି ଦୃଷ୍ଟିରୁ ଭାରତ ପକ୍ଷେ ସାମୁଦ୍ରିକ ପଥରେ ସର୍ତକତା ତଥା ସଜାଗତା କେତେ ତାହା ଉଲ୍ଲେଖ ବାହୁଲ୍ୟ ହେବ ।

ଏପରି ସମୟରେ ଭାରତୀୟ ତଟରକ୍ଷୀ ବାହିନୀ ଏବଂ ଜାତୀୟ ସାମୁଦ୍ରିକ ସନ୍ଧାନ ଅଭିଯାନ ଓ ଉଦ୍ଧାର ବୋର୍ଡର ତତ୍ତ୍ୱାବଧାନରେ ଓଡ଼ିଶାର ପାରାଦ୍ୱୀପ ଉପକୂଳଠାରେ ଦ୍ୱାଦଶ ଜାତୀୟ ସାମୁଦ୍ରିକ ସନ୍ଧାନ ଅଭିଯାନ ଓ ଉଦ୍ଧାର ଅଭ୍ୟାସ (ସାରେକ୍ସ-୨୦୨୬) ରେ ତଟରକ୍ଷୀ ବାହିନୀ, ନୌସେନା, ବାୟୁସେନା, ସିପିଂ କର୍ପୋରେସନ୍ ଅଫ୍ ଇଣ୍ଡିଆ, ଡାଇରେକ୍ଟୋରେଟ୍ ଜେନେରାଲ୍ ଅଫ୍ ସିପିଂ, ମତ୍ସ୍ୟ ବିଭାଗ, କଷ୍ଟମ୍ସ, ମେରାଇନ୍ ପୋଲିସ୍, ପାରାଦ୍ୱୀପ ପୋର୍ଟ ଅଥୋରିଟି ଏବଂ ଓଡ଼ିଶା ରାଜ୍ୟ ପ୍ରଶାସନ ଅଂଶଗ୍ରହଣ ଏକ ସମୁଦ୍ର ପଥର ସୁରକ୍ଷା ପ୍ରତି ଆଶ୍ୱାସନା ଦିଏ। କାର୍ଯ୍ୟକ୍ରମରେ ୧୫ଟି ତଟରକ୍ଷୀ ଜାହାଜ, ତିନୋଟି ଡୋର୍ନିୟର ବିମାନ, ତିନୋଟି ଆଡଭାନ୍ସ ଲାଇଟ୍ ହେଲିକପ୍ଟର, ଗୋଟିଏ ଚେତକ ହେଲିକପ୍ଟର, ଭାରତୀୟ ବାୟୁସେନାର ସି-୧୩୦ ଜେ ଏବଂ ଏମଆଇ-୧୭ ବିମାନ, ଦୁଇଟି ଭାରତୀୟ ନୌସେନା ଜାହାଜ ସହିତ ବେସାମରିକ ଓ ରାଜ୍ୟ ଏବଂ ସ୍ଥଳଭାଗ-ଆଧାରିତ ସହାୟକ ୟୁନିଟ୍ ସାମିଲ ହୋଇଥିଲେ। ଏକ ସଙ୍ଗେ ଘଟୁଥିବା ବୈମାନିକ ଏବଂ ସାମୁଦ୍ରିକ ବିପଦ ଜରୁରୀକାଳୀନ ପରିସ୍ଥିତିରେ ଏକ ବ୍ୟାପକ ଉଦ୍ଧାର କାର୍ଯ୍ୟର କାଳ୍ପନିକ ଚିତ୍ରଣ ଏହି ଅବସରରେ କରାଯାଇଥିଲା। ଏହି ପରିସ୍ଥିତିର ଏକ ଅଂଶ ଭାବରେ, ୨୨୮ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଯାତ୍ରୀବାହୀ ବିମାନ ପାରାଦ୍ୱୀପ ବନ୍ଦର ନିକଟ ସମୁଦ୍ରରେ ଜରୁରୀକାଳୀନ ଅବତରଣ କରିଥିଲା, ଯାହାର ମୁଖ୍ୟ ଭାଗ 'ଏମ୍‌ଭି ଜୁମ୍ବା' ନାମକ କଣ୍ଟେନର ଜାହାଜ ସହ ଧକ୍କା ହେବା ଫଳରେ ଗଠନମୂଳକ କ୍ଷତି ଏବଂ ଅଗ୍ନିକାଣ୍ଡ ଘଟିଥିଲା। ପ୍ରତ୍ୟେକ ବିପଦକୁ ଏକ ସମନ୍ୱିତ ପ୍ରତିକ୍ରିୟା ମିଳିବା ଆବଶ୍ୟକ ଏବଂ ସମୁଦ୍ରରେ ଜୀବନ ରକ୍ଷା କରିବା ପାଇଁ ସମସ୍ତ ପ୍ରକାର ଉଦ୍ୟମ କରାଯିବାର ଜରୁରୀ ଆବଶ୍ୟକତାକୁ ଏହି ଅଭ୍ୟାସ ଯେ ଏକ ମାର୍ଗଦର୍ଶକ, ଏଥିରେ ସନ୍ଦେହ ନାହିଁ। ଜରୁରୀକାଳୀନ ସାମୁଦ୍ରିକ ବିପଦ ପ୍ରତି ନିରନ୍ତର ଦୃଷ୍ଟି ରଖିବା ଦ୍ୱାରା ଦେଶର ପ୍ରତିରକ୍ଷା ପ୍ରତି ଏକ ସତର୍କତା କେବଳ ନୁହେଁ,ଅଧିକନ୍ତୁ ଏହା ସୁରକ୍ଷାର ଅନ୍ୟତମ ପ୍ରତିଶ୍ରୁତି ।

# ଭସ୍ମାସୁର ପାଲଟିବ ଏଆଇ !

**ମନସିଜ୍ ଦାସ**

ବର୍ତ୍ତମାନର ସମୟରେ କୃତ୍ରିମ ବୁଦ୍ଧିମତ୍ତା ବା ଏଆଇର ବ୍ୟାପକ ବିକାଶ ହୋଇଛି। ସେପଟେ କେନ୍ଦ୍ର ସରକାର ତାଙ୍କ ବାର୍ଷିକ ବଜେଟରେ ମଧ୍ୟ ଏହାକୁ ଗୁରୁତ୍ୱ ପ୍ରଦାନ କରିଛନ୍ତି। ତେବେ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱର ଭଲ ଓ ମନ୍ଦ ପରି ଏହି ତଥାକଥିତ ଏଆଇର ଭସ୍ମାସୁର ଦିଗ ମଧ୍ୟ ରହିଛି। କହିବାକୁ ଗଲେ ସରକାରଙ୍କୁ ଏଆଇ ଏପରି ଏକ ବୁଢ଼ିଆଣୀ ଜାଲରେ ପକାଇ ଦେଇଛି ଯେ ଯେଉଁ କ୍ଷେତ୍ରରେ ନୀତି, ନିୟମ, ବ୍ୟବସ୍ଥା ଓ ନିଷ୍ପତ୍ତି ସବୁ ଏପଟ ସେପଟ ହୋଇଗଲାଣି।

ବର୍ତ୍ତମାନ ସମୟରେ ଯେଉଁପରି ଭାବରେ ଏଆଇର ବ୍ୟାପକତା ଦେଖାଦେଲାଣି ଏହାର ସକାରାତ୍ମକ ଦିଗ ତ ରହିଛି । କିନ୍ତୁ ନକରାତ୍ମକ ଦିଗଟି କେବଳ ସରକାର ବା ବ୍ୟବସ୍ଥା ନୁହେଁ ଅନେକ ବ୍ୟକ୍ତିବିଶେଷଙ୍କର ମଧ୍ୟ କ୍ଷତି ପହଞ୍ଚାଇଲାଣି। କେତେକ କ୍ଷେତ୍ରରେ ଦେଖା ଦେଉଛି ସାମାଜିକ ଗଣମାଧ୍ୟମରେ ଏଆଇର ଉଦ୍ଦେଶ୍ୟମୂଳକ ତ୍ରୁଟିପୂର୍ଣ୍ଣ ଦୁରୁପଯୋଗ। ଅନେକ ତାଗିଦା, କଟକଣା ନିୟମ କାନୁନ ସତ୍ତ୍ୱେ ସାମାଜିକ ଗଣମାଧ୍ୟମ ଏଆଇର ବୋଲ ମାନୁନାହିଁ। ଏବେ ଭାରତ ସରକାର ଚରମବାଣୀ ଶୁଣାଇ ଦେଇ କହିଛନ୍ତି ଯେ ଏଆଇ ଦ୍ୱାରା ବିକଶିତ ବା ପ୍ରକ୍ରିୟାକୃତ ଭିଡ଼ିଓ, ଫଟୋ ଆଦିକୁ ଅପ୍‌ଲୋଡ଼ ହେବାର ତିନିଘଣ୍ଟା ଭିତରେ ହଟାଇବାକୁ ପଡ଼ିବ। ନଚେତ୍ ସମ୍ପୃକ୍ତ ସାମାଜିକ ଗଣମାଧ୍ୟମ ସଂସ୍ଥା ବା ମଞ୍ଚ ଆଇନ ଅନୁଯାୟୀ ଦଣ୍ଡ ଭୋଗିବେ। ଗଣମାଧ୍ୟମ ସଂସ୍ଥାମାନେ ଭାରତ ସରକାରଙ୍କ ଏହି ଚରମ ଘୋଷଣାକୁ ପାଳନ କରିବାରେ କେତେ ଆନ୍ତରିକତା ପ୍ରଦର୍ଶନ କରିବେ ଏବଂ ଏହାର ପ୍ରଭାବ କ'ଣ ରହିବ ତାହା ସନ୍ଦେହରେ। ବିଭିନ୍ନ ରାଷ୍ଟ୍ର ସହିତ ତାଳ ଦେଇ ଭାରତ ଏବେ ଏଆଇ ଡାଟାସେଣ୍ଟର ପ୍ରତିଷ୍ଠା ପାଇଁ ପ୍ରୋତ୍ସାହନ ଯୋଗାଇ ଦେଉଛି। ଏହାର ତତ୍କାଳ ପ୍ରଭାବ ଅଟୋମୋବାଇଲ କ୍ଷେତ୍ରରେ ପଡ଼ିଥିବା ବେଳେ ପରୋକ୍ଷ ପ୍ରଭାବରେ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀର ମୂଲ୍ୟ ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି।

ଏଆଇର ବ୍ୟବସ୍ଥା ବଢ଼ିବା ସହିତ ଏହା ବିଶେଷ ଭାବେ ବୌଦ୍ଧିକ କ୍ଷେତ୍ରକୁ ପ୍ରଭାବିତ କରୁଛି ଯାହାର ଫଳସ୍ୱରୂପ ସତ୍ତ୍ୱାଧିକାର ସଂକ୍ରାନ୍ତ ମାମଲା ପ୍ରସଙ୍ଗକୁ ଜଟିଳ ମଧ୍ୟ କରୁଛି। ବର୍ତ୍ତମାନ ଏଆଇର ସହଯୋଗରେ କିଛି ସମୟ ଭିତରେ ଗଳ୍ପ ଠାରୁ କବିତା, ପ୍ରବନ୍ଧ ଠାରୁ ଉପନ୍ୟାସ ପ୍ରସ୍ତୁତ ହୋଇଯାଉଛି। ଏହାକୁ କେହି କେହି ନିଜ ନାମରେ ପ୍ରକାଶିତ କରିବା ପାଇଁ ପଛାଉ ନାହିଁ। ଏହା ନୀତିଗତ ଭାବେ ବିକଶିତ ସୃଜନଶୀଳତା ପାଇଁ ବାଧକ। ସେହିପରି ଏହି ନୂତନ ସୃଜନଶୀଳତା ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ ସ୍ୱତ୍ତ୍ୱାଧିକାର ଆଇନ ୧୯୫୭କୁ ନ୍ୟାୟିକ କାଠଗଡ଼ା ଭିତରକୁ ଟାଣି ନେବାର ପରିସ୍ଥିତି ସୃଷ୍ଟି ହେଲାଣି।

ମୂଳକଥା ହେଉଛି ଏହି ଏଆଇ ବ୍ୟବସ୍ଥାର ଚାଟ୍‌ବଟ ସବୁ ଯାହାକିଛି ସଂଗୀତ ଠାରୁ ଚିତ୍ର, ପୁସ୍ତକ ଠାରୁ ରିପୋର୍ଟିଂ ଏହାର ସ୍ୱତ୍ତ୍ୱ ଦିଗକୁ ଦେଖିଲେ ସୁରକ୍ଷିତ କିମ୍ବା ଅସୁରକ୍ଷିତ ଏହା ଏକ ବଡ଼ ଆହ୍ୱାନ। ତେଣୁ ସ୍ୱତ୍ତ୍ୱ ସୁରକ୍ଷିତ ବିଷୟବସ୍ତୁଗୁଡ଼ିକ ଏଆଇ କିଭଳି ବ୍ୟବହାର କରିପାରିବ ତାହାକୁ ନେଇ ଆଇନଗତ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଏଥିପାଇଁ ଏଆଇକୁ ଯେଉଁ ଜଟିଳ ତାଲିମର ଆବଶ୍ୟକତା ରହିଛି ତାହା ଏ ପର୍ଯ୍ୟନ୍ତ ଆରମ୍ଭ ମଧ୍ୟ ହୋଇନାହିଁ।

ତେଣୁ ଭାରତରେ ସ୍ୱତ୍ତ୍ୱ ସୁରକ୍ଷିତ କୌଣସି ସୃଜନ ହୁଏତ ବିଶ୍ୱର ଆଉ କେଉଁ କୋଣରେ ଆଉ କାହାର ନାମରେ ପ୍ରକାଶିତ ହୋଇଯିବ। ତାହା ଜାଣିବା ବେଳକୁ ଗୋଟିଏ ପିଢ଼ିର ସମୟ ଅତିକ୍ରାନ୍ତ ହୋଇସାରିଥିବ। ଆମ ଦେଶର ନ୍ୟାୟିକ ପ୍ରକ୍ରିୟାର ମନ୍ଥରତା ପୃଷ୍ଠଭୂମିରେ ମୌଳିକ ଲେଖାଟିଏ ନ୍ୟାୟ ପାଇବା ବେଳକୁ ହୁଏତ ଇହଧାମରେ ନ ଥିବ। ଦିଲ୍ଲୀ ଉଚ୍ଚନ୍ୟାୟାଳୟରେ ନିକଟରେ ଏକ ମାମଲାରେ ଯେଉଁ ନୂଆ ବିତର୍କ ଦେଖାଦେଇଥିଲା ତାହା ମଧ୍ୟ ଅନେକ ଚର୍ଚ୍ଚା ସୃଷ୍ଟି କରିଛି। ଏହି ଆଲୋଚନା ଓ ତର୍କବିତର୍କକୁ ନେଇ ଗୋଟିଏ ପକ୍ଷ ଚାଟ୍‌ବଟର ଉତ୍ପାଦ ସ୍ୱତ୍ତ୍ୱଚୋରି ସହିତ ସମାନ ବୋଲି ଯୁକ୍ତି କରୁଥିବାବେଳେ ଅନ୍ୟପକ୍ଷର ଯୁକ୍ତି ହେଉଛି ଚାଟ୍‌ବଟ କେବଳ ଏକ ମେସିନ ଲର୍ଣ୍ଣିଂ ପ୍ରକ୍ରିୟା, ଯାହା ପଢ଼େ, ଦେଖେ ଓ କହେ। ତେଣୁ ପଢ଼ିବା, ଦେଖିବା, ଶିଖିବା ସ୍ୱତ୍ତ୍ୱାଧିକାର ଆଇନ ଉଲ୍ଲଂଘନ ନୁହେଁ। ବିଶ୍ୱରେ ଏଆଇକୁ ଅଧିକ ବ୍ୟବସ୍ଥିତ ଓ ବିକଶିତ କରିଥିବା ଦେଶ ଭିତରେ ଜାପାନ ଓ ସିଙ୍ଗାପୁର ବେଶ ଜଣାଶୁଣା। ସେହି ଦେଶରେ ଏଆଇ ଯୁଗୋପଯୋଗୀ ଆଇନ ପ୍ରଣୟନ ପାଇଁ ସରକାର କେବଳ ତତ୍ପର ହୋଇନାହାନ୍ତି ବରଂ ଡିପ୍‌ଫେକ ପାଇଁ କଠୋର କଟକଣା ଓ ଏଆଇ ସୃଜନଚୋରି ପାଇଁ ମଧ୍ୟ ଦଣ୍ଡ ବିଧାନର ବ୍ୟବସ୍ଥା ରଖିଛନ୍ତି। ଭାରତ ମଧ୍ୟ ଏପରି କଠୋର ଦଣ୍ଡ ବ୍ୟବସ୍ଥା ରଖିବା ସହ ଏଆଇ ବ୍ୟବସ୍ଥା ସୃଜନଶୀଳତାର ବୌଦ୍ଧିକ ଭସ୍ମାସୁର ନ ସାଜୁ ଏହା ହିଁ ଆମର ଆଶା।

ବ୍ୟବସାୟ ରଣନୀତି ଓ କର୍ପୋରେଟ ନେତୃତ୍ୱ ବିଶେଷଜ୍ଞ, ଗୁରୁଗ୍ରାମ, ହରିୟାନା

# ଆମେରିକାର ଆଗାମୀ ମଧ୍ୟବର୍ତ୍ତୀ ନିର୍ବାଚନ ଓ ଟ୍ରମ୍ପଙ୍କ ଚିନ୍ତା

**ଡା. ରାଜକିଶୋର ପଣ୍ଡା**

> ଓ୍ୱାଶିଂଟନରେ ଟ୍ରମ୍ପଙ୍କର ଲୋକପ୍ରିୟତା ମଧ୍ୟ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ବିଫଳତା ହେତୁ ହ୍ରାସ ପାଉଛି। ଆମେରିକା ତରଫରୁ ଦିଆଯାଉଥିବା ଏଚ୍.ଓ୍ୱାନ୍.ବି ଭିସାର ସିଂହଭାଗ ଭାରତୀୟମାନେ ହିଁ ହାସଲ କରିଥାନ୍ତି। ପୂର୍ବରୁ ପ୍ରଚଳିତ ଥିବା ନିୟମ ଅନୁଯାୟୀ ଯଦି କୌଣସି ପ୍ରବାସୀ ନାଗରିକ ନିଯୁକ୍ତି ହରାନ୍ତି, ତେବେ ତାଙ୍କ ପାଖରେ ଆହୁରି ଷାଠିଏ ଦିନ ରୁହେ ନୂଆ କର୍ମସଂସ୍ଥାନର ବ୍ୟବସ୍ଥା କରିବା ନିମନ୍ତେ। ଏହାକୁ କୁହାଯାଏ ଗ୍ରେସ୍ ପିରିୟଡ଼। ଏବେ କିନ୍ତୁ ହ୍ୱାଇଟ୍ ହାଉସ୍ ତରଫରୁ ଦିଆଯାଇଥିବା ପ୍ରସ୍ତାବରେ ଷାଠିଏ ଦିନ ସମୟସୀମାକୁ କମାଇ ଗୋଟିଏ ଦିନ କରିବା ପାଇଁ ଜୋର୍ ଦିଆଯାଇଛି। ଟ୍ରମ୍ପଙ୍କର ଏହା ହେଉଛି ଏକ ମାରାତ୍ମକ ପ୍ରବାସୀ ନାଗରିକ ବିରୋଧୀ ଯୋଜନା। ଟ୍ରମ୍ପଙ୍କର ପ୍ରବାସୀ ନୀତି ପ୍ରକୃତ ପକ୍ଷରେ ଭବିଷ୍ୟତରେ ଆମେରିକାକୁ ହିଁ କ୍ଷତି ପହଞ୍ଚାଇବ।

ଓ୍ୱାଶିଂଟନର ବୈଦେଶିକ ନୀତି ବର୍ତ୍ତମାନ ସମୟରେ ଉଭୟ ସାଧାରଣ ଓ ଭାରତ ପରିପ୍ରେକ୍ଷୀରେ ଏକ ବିଚିତ୍ର ରିଏଲିଟି ସୋ ଭଳି ମନେହୁଏ, ଯେଉଁଭଳି ସୋ ଗୁଡ଼ିକୁ ତାଙ୍କର ଟି.ଭି. ଦିନମାନଙ୍କରେ ପରିଚାଳନା କରୁଥିଲେ ରାଷ୍ଟ୍ରପତି ଟ୍ରମ୍ପ। ଏହି ନୀତି ଭାରତକୁ ବାଧ୍ୟ କରୁଛି, ଯୁକ୍ତରାଷ୍ଟ୍ର ଠାରୁ ବିଲିଅନ୍ ବିଲିଅନ୍ ମୂଲ୍ୟର ଦ୍ରବ୍ୟ ଓ ସେବା କିଣିବା ସହିତ ହ୍ୱାଇଟ୍ ହାଉସ୍ ସମ୍ମୁଖରେ ନତମସ୍ତକ ହେବା ପାଇଁ।

ଆମେରିକା ବର୍ତ୍ତମାନ ଆଗେଇ ଚାଲିଛି ଏକ ନିର୍ଣ୍ଣାୟକ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନକୁ ଯାହାକି ଅନୁଷ୍ଠିତ ହେବ ନଭେମ୍ବର ତିନି, ୨୦୨୬ ରେ ଓ ଯେଉଁ ଗୁରୁତର ସମସ୍ୟା ଗୁଡ଼ିକ ସମ୍ପ୍ରତି ଭାରତ - ଆମେରିକା ସମ୍ବନ୍ଧକୁ ପ୍ରଭାବିତ କରୁଛନ୍ତି, ସେଗୁଡ଼ିକ ହେଲେ ବାଣିଜ୍ୟ, ଶୁଳ୍କର ଦର ଓ ଇମିଗ୍ରେସନ୍ ବା ପ୍ରବାସୀ ସମସ୍ୟା। ଏହି ନିର୍ବାଚନ ଯାହା ଟ୍ରମ୍ପଙ୍କ ଦ୍ୱିତୀୟ ପାଳିର ଠିକ୍ ଅଧା ସମୟର ପୂର୍ତ୍ତି ବେଳକୁ ଅନୁଷ୍ଠିତ ହେଉଛି, ଏକଶହ କୋଡ଼ିଏ ତମ ଆମେରିକୀୟ କଂଗ୍ରେସର ଗଠନ ଓ ରୂପରେଖ ନିର୍ଣ୍ଣୟ କରିବ। ଏଥିରେ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ର ଚାରିଶହ ପଇଁତିରିଶଟି ଆସନ ଓ ସିନେଟ୍‌ର ପଇଁତିରିଶଟି ଆସନ ପାଇଁ ମତଦାନ କରାଯିବ। ଯଦି ନିର୍ବାଚନରେ ଶାସକ ରିପବ୍ଲିକାନ ଦଳ ସଂଖ୍ୟା ଗରିଷ୍ଠତା ହାସଲ କରନ୍ତି, ତେବେ ବାକି ରହିଥିବା କାର୍ଯ୍ୟ ଅବଧିକୁ ଟ୍ରମ୍ପ ନିଜ ଇଚ୍ଛାନୁସାରେ ପରିଚାଳନା କରିପାରିବେ ଓ ଏଥିରେ ତାଙ୍କୁ ବିଶେଷ ସହାୟକ ହେବେ ଗୃହର ବାଚସ୍ପତି ମାଇକ୍ ଜନସନ୍। ଏହାର କାରଣ ଗୃହର ନିୟମାବଳୀ ଅପେକ୍ଷା ନିଜକୁ ଟ୍ରମ୍ପଙ୍କ ଅନୁଚର ଭାବରେ ପ୍ରତିପାଦିତ କରିବା ପାଇଁ ଜନସନ୍‌ଙ୍କ ପ୍ରଚେଷ୍ଟା ଅଧିକ ରହୁଛି। କିନ୍ତୁ ଯଦି ନିର୍ବାଚନରେ ଡେମୋକ୍ରାଟ୍‌ମାନେ ବିଜୟ ଲାଭ କରନ୍ତି ତେବେ କଂଗ୍ରେସ ନେତୃତ୍ୱର ଚାବିକାଠି ସେମାନଙ୍କ ହାତକୁ ଯିବ ଓ ଯେକୌଣସି ସରକାରୀ ନିଷ୍ପତ୍ତି ଏବଂ ଆଲୋଚନାରେ ଚେକ୍ ବାଲାନ୍ସ ପରିସ୍ଥିତି ସୃଷ୍ଟି ହେବା ସାଙ୍ଗକୁ ଟ୍ରମ୍ପଙ୍କ "ଏକଛତ୍ରବାଦ" ମଧ୍ୟ ବାଧାପ୍ରାପ୍ତ ହେବ।

ତେବେ ଏହି ଭିତରେ ଆମେରିକାର ସୁପ୍ରିମକୋର୍ଟ ଓ ଜିଲ୍ଲା କୋର୍ଟ ସମୂହ ଟ୍ରମ୍ପଙ୍କୁ ଗୋଟିଏ ପରେ ଗୋଟିଏ ଧକ୍କା ଦେଇ ଚାଲିଛନ୍ତି। ଡାକ ଯୋଗେ ମତଦାନ ବ୍ୟବସ୍ଥାକୁ ବନ୍ଦ କରିବା ପାଇଁ ଟ୍ରମ୍ପଙ୍କର ଆଦେଶକୁ ସର୍ବୋଚ୍ଚ ନ୍ୟାୟାଳୟ ଖାରଜ କରିଦେଇଛନ୍ତି। ଯୁକ୍ତରାଷ୍ଟ୍ରର ସମଗ୍ର ମତଦାନର ପାଖାପାଖି ତିରିଶ ପ୍ରତିଶତ ଡାକ ଯୋଗେ ସମ୍ପନ୍ନ ହୋଇଥାଏ। ଟ୍ରମ୍ପ ଏହି ବ୍ୟବସ୍ଥାଟିକୁ ବନ୍ଦ କରିବା ପାଇଁ ଇଚ୍ଛୁକ କାରଣ ତାଙ୍କ ଅନୁଯାୟୀ ବେଆଇନ ପ୍ରବାସୀ ଗୋଷ୍ଠୀ ଯେଉଁମାନଙ୍କର କୌଣସି ବୈଧ ପରିଚୟ ପତ୍ର ନ ଥାଏ, ସାମୂହିକ ଭାବରେ ଡାକ ମାଧ୍ୟମରେ ଡେମୋକ୍ରାଟିକ୍ ଦଳକୁ ଭୋଟ ଦେଇଥାନ୍ତି। ଟ୍ରମ୍ପଙ୍କର ଲୋକପ୍ରିୟତା ବା ଆପ୍ରୁଭାଲ୍ ରେଟିଙ୍ଗ୍ କ୍ରମାଗତ ଭାବରେ ହ୍ରାସ ପାଉଛି। ରିପବ୍ଲିକାନ୍ ପ୍ରାର୍ଥୀମାନେ ମଧ୍ୟ ଚାହୁଁ ନାହାନ୍ତି କି ସେ, ଆଗାମୀ ନିର୍ବାଚନରେ ସେମାନଙ୍କ ପାଇଁ ପ୍ରଚାର କରନ୍ତୁ।

ଇରାନ ଯୁଦ୍ଧ ଯୋଗୁଁ ଯୁକ୍ତରାଷ୍ଟ୍ରରେ ମୁଦ୍ରାସ୍ଫୀତି ବଢ଼ିବା ସହିତ ଗ୍ୟାସୋଲିନ ଓ ଡିଜେଲର ଦର ମଧ୍ୟ ବଢ଼ିବାରେ ଲାଗିଛି। ଗୋଟିଏ କାର୍ ବହୁଳ ଦେଶ ପାଇଁ ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ। ପଶ୍ଚିମ ରାଷ୍ଟ୍ରମାନଙ୍କ ମଧ୍ୟରେ ଆମେରିକାର ହିଁ ସବୁଠାରୁ ଦୁର୍ବଳ ରେଳ ଭିତ୍ତିଭୂମି ଅଛି, ଯାହା ବ୍ୟାପକ ଭାବରେ ଡିଜେଲ ଉପରେ ହିଁ ନିର୍ଭରଶୀଳ। ଏହାର ବିପରୀତରେ ଭାରତର ଅନେଶତ ପ୍ରତିଶତ ରେଳ ନେଟ୍‌ୱାର୍କ ବିଦ୍ୟୁତ୍ ଚାଳିତ ଅଟେ।

ଆମେରିକା ଭେନେଜୁଏଲାରେ କରିଥିବା କାର୍ଯ୍ୟକଳାପକୁ ଆମେ ନିଓକଲୋନିଆଲିଜିମ୍ ବୋଲି କହିପାରିବା। ଏଥିରେ ଗୋଟିଏ ଶକ୍ତିଶାଳୀ ଦେଶ ଅନ୍ୟ ଗୋଟିଏ ଦୁର୍ବଳ ଦେଶକୁ ସିଧାସଳଖ ଦଖଲ ନ କରି, ଦୁର୍ବଳ ଦେଶଟିର ଅର୍ଥନୀତି, ଖଣିଜ ସମ୍ପଦ, ସାଂସ୍କୃତିକ ଐତିହ୍ୟ ଉପରେ ଅପ୍ରତ୍ୟକ୍ଷ ଭାବରେ ନିଜର ପତିଆରା ଜାହିର କରିଥାଏ।

ଇରାନ ଉପରେ ମଧ୍ୟ ଏହି ଉପାୟଟି ଆମେରିକା ଓ ବ୍ରିଟେନ୍ ପ୍ରୟୋଗ କରିଥିଲେ ତେସ୍ତରୀ ବର୍ଷ ତଳେ। ୧୯୫୩ ରେ ଏକ ସାମରିକ ବିଦ୍ରୋହ ଜରିଆରେ ଗଣତାନ୍ତ୍ରିକ ପ୍ରକ୍ରିୟାରେ ନିର୍ବାଚିତ ଇରାନର ରାଷ୍ଟ୍ରପତି "ମହମ୍ମଦ ମୋସାଦେଘ"ଙ୍କୁ ଆମେରିକା ଓ ବ୍ରିଟେନ୍ ଗାଦିରୁ ବିତାଡ଼ିତ କରିଥିଲେ। କାରଣ ଥିଲା ଇରାନର ତୈଳ ସମ୍ପଦକୁ ଜାତୀୟକରଣ କରିବା ପାଇଁ ମୋସାଦେଘ୍‌ଙ୍କର ନିଷ୍ପତ୍ତି ୧୯୫୧ ମସିହାରେ। ମୋସାଦେଘଙ୍କ ପରେ ଇରାନରେ ନୂଆ ନେତା "ମହମ୍ମଦ ରେଜା ପାହାଲ୍‌ଭି" ଆମେରିକାର "ନିଓ କଲୋନିଆଲିଜିମ୍" ଚିନ୍ତାଧାରା ଅନୁଯାୟୀ ଦେଶର ତୈଳ ସମ୍ପଦଗୁଡ଼ିକୁ ଯୁକ୍ତରାଷ୍ଟ୍ର ଓ ବ୍ରିଟେନ୍‌ର ତୈଳ କମ୍ପାନୀ ହାତକୁ ଟେକି ଦେଇଥିଲେ।

ଏଠାରେ ଅତୀତ ପୃଷ୍ଠାକୁ ଯିବାର କାରଣ, ସେତେବେଳେ ଯଦିଓ ଆମେରିକାର ଇରାନକୁ ନିୟନ୍ତ୍ରଣ କରିବାର ଚେଷ୍ଟା ସଫଳ ହୋଇଥିଲା ବର୍ତ୍ତମାନ ସମୟରେ କିନ୍ତୁ ଟ୍ରମ୍ପଙ୍କର ନିଓ କଲୋନିଆଲିଜିମ୍‌ର ପ୍ରୟାସ ତେହେରାନ୍‌ରେ ବିଫଳ ହେବାର ସମ୍ଭାବନା ଅଧିକ। ଓ୍ୱାଶିଂଟନରେ ଟ୍ରମ୍ପଙ୍କର ଲୋକପ୍ରିୟତା ମଧ୍ୟ ମଧ୍ୟପ୍ରାଚ୍ୟ ଯୁଦ୍ଧରେ ବିଫଳତା ହେତୁ ହ୍ରାସ ପାଉଛି। ଆମେରିକା ତରଫରୁ ଦିଆଯାଉଥିବା ଏଚ୍.ଓ୍ୱାନ୍.ବି ଭିସାର ସିଂହଭାଗ ଭାରତୀୟମାନେ ହିଁ ହାସଲ କରିଥାନ୍ତି। ପୂର୍ବରୁ ପ୍ରଚଳିତ ଥିବା ନିୟମ ଅନୁଯାୟୀ ଯଦି କୌଣସି ପ୍ରବାସୀ ନାଗରିକ ନିଯୁକ୍ତି ହରାନ୍ତି, ତେବେ ତାଙ୍କ ପାଖରେ ଆହୁରି ଷାଠିଏ ଦିନ ରୁହେ ନୂଆ କର୍ମସଂସ୍ଥାନର ବ୍ୟବସ୍ଥା କରିବା ନିମନ୍ତେ। ଏହାକୁ କୁହାଯାଏ ଗ୍ରେସ୍ ପିରିୟଡ଼। ଏବେ କିନ୍ତୁ ହ୍ୱାଇଟ୍ ହାଉସ୍ ତରଫରୁ ଦିଆଯାଇଥିବା ପ୍ରସ୍ତାବରେ ଷାଠିଏ ଦିନ ସମୟସୀମାକୁ କମାଇ ଗୋଟିଏ ଦିନ କରିବା ପାଇଁ ଜୋର୍ ଦିଆଯାଇଛି। ଟ୍ରମ୍ପଙ୍କର ଏହା ହେଉଛି ଏକ ମାରାତ୍ମକ ପ୍ରବାସୀ ନାଗରିକ ବିରୋଧୀ ଯୋଜନା।

ଟ୍ରମ୍ପଙ୍କର ପ୍ରବାସୀ ନୀତି ପ୍ରକୃତ ପକ୍ଷରେ ଭବିଷ୍ୟତରେ ଆମେରିକାକୁ ହିଁ କ୍ଷତି ପହଞ୍ଚାଇବ। ଯୁକ୍ତରାଷ୍ଟ୍ରର ଶକ୍ତି ଏହାର ପ୍ରବାସୀ ନାଗରିକ। ଯୁକ୍ତରାଷ୍ଟ୍ରର ସମ୍ପଦ, ବିବିଧ ଇତିହାସ ଓ ବୈଜ୍ଞାନିକ ଗବେଷଣାରେ ସେମାନଙ୍କର ଅବଦାନ ଅତୁଳନୀୟ। ଟ୍ରମ୍ପ ଏହି ବ୍ୟବସ୍ଥାଟିକୁ ନଷ୍ଟ କରିଦେବା ପାଇଁ ବର୍ତ୍ତମାନ ଉଦ୍ୟମରତ ଅଛନ୍ତି।

ବିଶ୍ୱର ଶ୍ରେଷ୍ଠତମ ଧନୀ 'ଏଲୋନ୍ ମସ୍କ' ଜଣେ ଦକ୍ଷିଣ ଆଫ୍ରିକୀୟ ପ୍ରବାସୀ। ଅଗ୍ରଣୀ ଏ.ଆଇ. ଫାର୍ମ 'ଆନ୍‌ଥ୍ରୋପିକ୍'ର ପ୍ରତିଷ୍ଠାତା "ଡାରିଓ ଆମୋଦେଇ"ଙ୍କର ପିତା ଜଣେ ଇଟାଲୀୟ ଚମଡ଼ା ଶିଳ୍ପୀ, ଯିଏ ୧୯୭୦ ରେ ଟସ୍କାନରୁ ଆମେରିକା ଆସିଥିଲେ। ଗୁଗୁଲ୍‌ର ସହପ୍ରତିଷ୍ଠାତା ସର୍ଜିବ୍ରିନ୍ ଓ ଏନଭିଡିଆର ପ୍ରତିଷ୍ଠାତା "ଜେନ୍‌ସେନ୍ ହୁଆଙ୍ଗ" ମଧ୍ୟ ଯଥାକ୍ରମେ ଋଷିଆ ଓ ତାଇଓ୍ୱାନର ଜଣେ ଜଣେ ପ୍ରବାସୀ ଅଟନ୍ତି। ଜୀବ ବିଜ୍ଞାନ ଓ ରସାୟନ ବିଜ୍ଞାନରେ ଯଥାକ୍ରମେ ନୋବେଲ୍ ପୁରସ୍କାର ପାଇଥିବା ଦୁଇ ବୈଜ୍ଞାନିକ ସ୍ୱର୍ଗତ ହରଗୋବିନ୍ଦ ଖୁରାନା ଓ ଭେଙ୍କଟରମନ୍ ରାମକ୍ରିଷ୍ଣନ୍ ଭାରତର ମୂଳ ବାସିନ୍ଦା ଥିଲେ।

କଥିତ ଅଛି ଯେ ୧୯୪୯ ମସିହାରେ ହରଗୋବିନ୍ଦ ଖୁରାନା ଦିଲ୍ଲୀରେ କୌଣସି କର୍ମନିଯୁକ୍ତି ପାଇ ନ ପାରି ଆମେରିକା ଯାଇଥିଲେ ଓ ସେଠାରେ ଗବେଷଣା କରି ପରବର୍ତ୍ତୀ ସମୟରେ ନୋବେଲ ପୁରସ୍କାର ପାଇଥିଲେ।

"ନ୍ୟାସନାଲ ଫାଉଣ୍ଡେସନ୍ ଫର୍ ଆମେରିକାନ୍ ପଲିସି" ତରଫରୁ ପ୍ରକାଶିତ ରିପୋର୍ଟ ଅନୁଯାୟୀ ଯୁକ୍ତରାଷ୍ଟ୍ରକୁ ପ୍ରବାସୀ ନାଗରିକଙ୍କର ଆଗମନ ହାର କମିଲେ, ଏହାର ଶ୍ରମଶକ୍ତି ମଧ୍ୟ ହ୍ରାସ ପାଇବ। ରିପୋର୍ଟ ଦର୍ଶାଇଛି ଯେ ଏହାଦ୍ୱାରା ୨୦୨୮ ସୁଦ୍ଧା ଊଣେଇଶି ମିଲିୟନ୍ ଶ୍ରମିକ ବର୍ଷ ଓ ୨୦୩୫ ସୁଦ୍ଧା ଏକଶହ ଦୁଇ ମିଲିଅନ୍ ଶ୍ରମିକ ବର୍ଷର ସମ୍ଭାବ୍ୟ କ୍ଷୟ ଘଟିବ। ଶ୍ରମିକ ବର୍ଷରେ ହ୍ରାସ ଘଟିଲେ ଆମେରିକାର ଆର୍ଥିକ କ୍ଷତି ମଧ୍ୟ ଘଟିବ ଯାହାକି ହେଉଛି ୨୦୨୮ ସୁଦ୍ଧା ପାଖାପାଖି ୧.୯ ଟ୍ରିଲିଅନ୍ ଡଲାର ଓ ୨୦୩୫ ସୁଦ୍ଧା ପ୍ରାୟ ୧୨.୧ ଟ୍ରିଲିଅନ୍ ଡଲାର। ପ୍ରତି ବ୍ୟକ୍ତି ପିଛା ଏହି ଆର୍ଥିକ କ୍ଷତିର ପରିମାଣ ହେବ ୩୪,୩୬୯ ଡଲାର। ଏହାଦ୍ୱାରା ଯୁକ୍ତରାଷ୍ଟ୍ରର ଆର୍ଥିକ ଅଭିବୃଦ୍ଧି କମିବ ଓ ଋଣଭାର ବଢ଼ିବ। ଯଦି ଟ୍ରମ୍ପଙ୍କର ପ୍ରବାସୀ ନାଗରିକ ନୀତିକୁ ଆଗାମୀ ଭବିଷ୍ୟତରେ ସମ୍ପୂର୍ଣ୍ଣ ଭାବରେ ନ ବଦଳାଯାଏ ତେବେ ଆମେରିକା ସମଗ୍ର ପୃଥିବୀର ପ୍ରତିଭାବାନ ଲୋକମାନଙ୍କର ଇପ୍ସିତ ଦେଶ ହୋଇ ଆଉ ରହିବ ନାହିଁ। ଏହାଦ୍ୱାରା ଆମେରିକା ହିଁ ଦିନେ ନା ଦିନେ ପଶ୍ଚାତାପ କରିବ। ପ୍ରବାସୀ ନାଗରିକମାନେ ହିଁ ଆମେରିକାକୁ ଏକ ଯୁବବର୍ଗର ଦେଶରେ ପରିଣତ କରିଛନ୍ତି ଯାହାର ହାରାହାରି ବୟସ ହେଉଛି ଅଣଚାଳିଶ ବର୍ଷ। ଏହା ତୁଳନାରେ ଜାପାନରେ ଏହା ହେଉଛି ପଚାଶ ବର୍ଷ ଓ ଜର୍ମାନୀରେ ସତଚାଳିଶ ବର୍ଷ।

ଟ୍ରମ୍ପ ସେହି ଦେଶର ମୂଳଭୂତ ଆଧାରକୁ ହିଁ ନଷ୍ଟ କରିବାରେ ଲାଗିଛନ୍ତି, ଯେଉଁଠି ତାଙ୍କ ମା' ମ୍ୟାରୀ ମ୍ୟାକ୍‌ଲିଅଡ୍ ନିଜେ ହିଁ ସ୍କଟଲ୍ୟାଣ୍ଡର ଜଣେ ପ୍ରବାସୀ। ଭାରତ ସନ୍ଦର୍ଭରେ ଦେଖିଲେ ଏହା ଅଶୋଧିତ ତୈଳ ପାଇଁ ପଶ୍ଚିମ ଏସିଆ ଉପରେ ବ୍ୟାପକ ଭାବରେ ନିର୍ଭରଶୀଳ। ଫେବୃୟାରୀ ଅଠେଇଶିରେ ଆମେରିକା-ଇରାନ୍-ଇସ୍ରାଏଲ୍ ଯୁଦ୍ଧ ହେତୁ ତୈଳ ଦର ପ୍ରାୟ ଦୁଇଗୁଣା ହୋଇ ଯାଇଥିଲା। ଏବେ ଯୁଦ୍ଧର ଦ୍ୱିତୀୟ ପର୍ଯ୍ୟାୟରେ ମଧ୍ୟ ଏହା କ୍ରମାଗତ ଭାବରେ ବଢୁଛି। ଯଦି ନିର୍ବାଚନରେ ରିପବ୍ଲିକାନମାନେ ସଂଖ୍ୟା ଗରିଷ୍ଠତା ପାଆନ୍ତି, ତେବେ ମଧ୍ୟପ୍ରାଚ୍ୟ ସଂଗ୍ରାମ ଆହୁରି ଭୟଙ୍କର ଓ ବ୍ୟାପକ ହୋଇପାରେ ମାତ୍ର ଯଦି ଡେମୋକ୍ରାଟ୍ ମାନେ ଜିତନ୍ତି ତେବେ ସେମାନେ ପ୍ରଶାସନ ଉପରେ ଚାପ ପ୍ରୟୋଗ କରି ଉପରୋକ୍ତ ସମସ୍ୟାର ଏକ କୂଟନୈତିକ ସମାଧାନ ଦିଗରେ ଉଦ୍ୟମରତ ହେବେ ବୋଲି ସମଗ୍ର ବିଶ୍ୱ ଆଶା କରୁଛି। ଯୁକ୍ତରାଷ୍ଟ୍ରର ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ସମ୍ପର୍କରେ ଏକ ଐତିହାସିକ ତଥ୍ୟ ହେଉଛି, ଯେ ଏଥିରେ ସର୍ବଦା କ୍ଷମତାସୀନ ରାଷ୍ଟ୍ରପତିଙ୍କ ଦଳ ପରାଜିତ ହୋଇଥାଏ। ସେପ୍ଟେମ୍ବର ୧୫ ରେ ନ୍ୟୁୟର୍କ ଟାଇମ୍‌ସ ଦ୍ୱାରା ଆୟୋଜିତ ଏକଜିଟ୍ ପୋଲ୍ ଡେମୋକ୍ରାଟ୍ ଦଳକୁ ସଂଖ୍ୟା ଗରିଷ୍ଠତା ମିଳିବା ନେଇ ଅନୁମାନ କରିଛି। ବିଶ୍ୱ ବାଣିଜ୍ୟ ଓ ବିଶ୍ୱଶାନ୍ତି ପାଇଁ ଆଗାମୀ ଦିନରେ ଏହି ନିର୍ବାଚନ ଯେ ଅତିମାତ୍ରାରେ ମହତ୍ତ୍ୱପୂର୍ଣ୍ଣ, ତାହା ଆମେ କହିପାରିବା।

ଭୁବନେଶ୍ୱର
ମୋ- ୮୧୪୪୦୪୨୯୯୭

# ବିପର୍ଯ୍ୟୟ ନୁହେଁ ମୃତ୍ୟୁର ଫାଶ, ପ୍ରସ୍ତୁତି ହିଁ ଜୀବନର ଢ଼ାଲ

**ସୌଭାଗ୍ୟ ମହାନ୍ତି**

> ଓଡ଼ିଶାର ଭୌଗୋଳିକ ସ୍ଥିତି ଏହି ଆହ୍ୱାନକୁ ଆହୁରି ଗମ୍ଭୀର କରିଛି। ବଙ୍ଗୋପସାଗରର ଉପକୂଳ, ମହାନଦୀ ସମେତ ଅନେକ ନଦୀର ବିସ୍ତୃତ ଅବବାହିକା, ନିମ୍ନାଞ୍ଚଳ, ଜଳଭରା ଜନବସତି ଓ ପାହାଡ଼ିଆ ଅଞ୍ଚଳର ଭୌଗୋଳିକ ବିବିଧତା ରାଜ୍ୟକୁ ବିଭିନ୍ନ ପ୍ରକାର ବିପଦର ସମ୍ମୁଖୀନ କରାଏ। ଫାଇଲିନ, ହୁଡ଼ହୁଡ଼, ଫନି ଓ ଅନ୍ୟାନ୍ୟ ଘୂର୍ଣ୍ଣିଝଡ଼ ଓଡ଼ିଶାର ଜନଜୀବନ, କୃଷି, ଗମନାଗମନ ଓ ଭିତ୍ତିଭୂମି ଉପରେ ଗଭୀର ପ୍ରଭାବ ପକାଇଛି। ବିଭିନ୍ନ ବର୍ଷର ବନ୍ୟା ମହାନଦୀ ଓ ଅନ୍ୟାନ୍ୟ ନଦୀକୂଳବର୍ତ୍ତୀ ଅଞ୍ଚଳରେ ଲୋକଙ୍କ ଘରଦ୍ୱାର, ଚାଷଜମି ଓ ଜୀବିକାକୁ କ୍ଷତିଗ୍ରସ୍ତ କରିଛି।

ପ୍ରକୃତି ମଣିଷର ଜୀବନଦାତ୍ରୀ, କିନ୍ତୁ ପ୍ରକୃତିର ରୌଦ୍ରରୂପ ସାମ୍ନାରେ ମଣିଷର ଅସହାୟତା ମଧ୍ୟ ଏକ କଠୋର ବାସ୍ତବତା। ପ୍ରକୃତି ଯେତେବେଳେ ଘୂର୍ଣ୍ଣିଝଡ଼, ବନ୍ୟା ଓ ପ୍ରବଳ ବର୍ଷାର ରୂପ ଧାରଣ କରେ, ସେତେବେଳେ ଜନଜୀବନ ଗଭୀର ସଙ୍କଟରେ ପଡ଼େ। ଓଡ଼ିଶା ପାଇଁ ଏହା କେବଳ ଏକ ପ୍ରାକୃତିକ ଘଟଣା ନୁହେଁ, ବରଂ ଦୀର୍ଘକାଳୀନ ସାମାଜିକ, ଅର୍ଥନୈତିକ ଓ ମାନବୀୟ ଆହ୍ୱାନ। ଅକ୍ଟୋବର ୧୩ ତାରିଖରେ ପାଳିତ ଆନ୍ତର୍ଜାତିକ ବିପର୍ଯ୍ୟୟ ବିପଦ ହ୍ରାସ ଦିବସ ଆମକୁ ଏହି ମୌଳିକ ସତ୍ୟ ମନେ ପକାଇଦିଏ ଯେ ବିପର୍ଯ୍ୟୟ ପରେ କ୍ଷୟକ୍ଷତିର ହିସାବ କରିବା ଠାରୁ ବିପର୍ଯ୍ୟୟ ପୂର୍ବରୁ ଜୀବନ, ସମ୍ପତ୍ତି ଓ ଜୀବିକାର ସୁରକ୍ଷା ପାଇଁ ପ୍ରସ୍ତୁତ ହେବା ଅଧିକ ଜରୁରୀ। ଏହି ଦିବସ ଆମ ପାଇଁ କେବଳ ଏକ ସ୍ମରଣୀୟ ତାରିଖ ନୁହେଁ, ବରଂ ଓଡ଼ିଶାକୁ ଅଧିକ ସୁରକ୍ଷିତ, ସଚେତନ ଓ ବିପର୍ଯ୍ୟୟ ସହନଶୀଳ କରିବାର ଏକ ସାମୂହିକ ସଂକଳ୍ପ।

ଅତୀତରେ ଫାଇଲିନ, ହୁଡ଼ହୁଡ଼, ଫନି ଓ ଅନ୍ୟାନ୍ୟ ଘୂର୍ଣ୍ଣିଝଡ଼ ଓଡ଼ିଶାର ଜନଜୀବନ, କୃଷି, ଗମନାଗମନ ଓ ଭିତ୍ତିଭୂମି ଉପରେ ଗଭୀର ପ୍ରଭାବ ପକାଇଛି। ବିଭିନ୍ନ ବର୍ଷର ବନ୍ୟା ମହାନଦୀ ଓ ଅନ୍ୟାନ୍ୟ ନଦୀକୂଳବର୍ତ୍ତୀ ଅଞ୍ଚଳରେ ଲୋକଙ୍କ ଘରଦ୍ୱାର, ଚାଷଜମି ଓ ଜୀବିକାକୁ କ୍ଷତିଗ୍ରସ୍ତ କରିଛି। ଅନେକ ସମୟରେ ଲୋକମାନେ ନିଜର ଜୀବନ ବଞ୍ଚାଇବା ପାଇଁ ଘର ଛାଡ଼ି ଆଶ୍ରୟସ୍ଥଳକୁ ଯାଆନ୍ତି; ପଶୁଧନ, ଫସଲ ଓ ବର୍ଷକର ରୋଜଗାର ପଛରେ ରହିଯାଏ। ବିପର୍ଯ୍ୟୟର ଆଘାତ କେବଳ ସେହି ଦିନରେ ସୀମିତ ରହେନାହିଁ। ଭାଙ୍ଗିଯାଇଥିବା ଘର ପୁନର୍ନିର୍ମାଣ, ନଷ୍ଟ ହୋଇଥିବା ଫସଲର କ୍ଷତିପୂରଣ, ରୋଗବ୍ୟାଧିର ମୁକାବିଲା ଓ ପିଲାମାନଙ୍କ ପାଠପଢ଼ାକୁ ପୁନର୍ବାର ସ୍ୱାଭାବିକ କରିବା ପାଇଁ ଦୀର୍ଘ ସମୟ ଲାଗେ। ତେଣୁ ବିପର୍ଯ୍ୟୟ ପରିଚାଳନାର ଅର୍ଥ କେବଳ ଉଦ୍ଧାରକାର୍ଯ୍ୟ ନୁହେଁ; ଏହା ମଣିଷର ଜୀବନ, ମର୍ଯ୍ୟାଦା ଓ ଭବିଷ୍ୟତକୁ ସୁରକ୍ଷିତ ରଖିବାର ଏକ ବ୍ୟାପକ ଦାୟିତ୍ୱ। ଓଡ଼ିଶା ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଅନେକ ଅଭିଜ୍ଞତା ହାସଲ କରିଛି। ଘୂର୍ଣ୍ଣିଝଡ଼ ପୂର୍ବରୁ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର, ଆଶ୍ରୟସ୍ଥଳ ନିର୍ମାଣ, ଉଦ୍ଧାରକାରୀ ଦଳର ନିୟୋଜନ, ପାଣିପାଗ ସୂଚନାର ପ୍ରସାର ଓ ପ୍ରଶାସନିକ ସମନ୍ୱୟ ଅନେକ ସମୟରେ ଜୀବନରକ୍ଷାରେ ସହାୟକ ହୋଇଛି। ଏହି ଅଭିଜ୍ଞତା ଓଡ଼ିଶାକୁ ଦେଶରେ ଏକ ଗୁରୁତ୍ୱପୂର୍ଣ୍ଣ ଉଦାହରଣ ଭାବେ ପରିଚିତ କରିଛି। କିନ୍ତୁ ପୂର୍ବ ସଫଳତା ଆଗାମୀ ବିପଦରୁ ସମ୍ପୂର୍ଣ୍ଣ ସୁରକ୍ଷାର ନିଶ୍ଚୟତା ନୁହେଁ।

ପ୍ରତ୍ୟେକ ବର୍ଷର ଅନୁଭୂତିକୁ ବିଶ୍ଳେଷଣ କରି ଦୁର୍ବଳତା ଚିହ୍ନଟ କରିବା, ପ୍ରସ୍ତୁତିକୁ ଆହୁରି ସୁଦୃଢ଼ କରିବା ଓ ନୂଆ ବିପଦକୁ ଆଗୁଆ ଚିହ୍ନିବା ଆବଶ୍ୟକ। ପ୍ରଥମ ଗୁରୁତ୍ୱ ହେବା ଉଚିତ। ପୂର୍ବ ସତର୍କ ସୂଚନାକୁ ଶେଷ ଲୋକଟି ପର୍ଯ୍ୟନ୍ତ ପହଞ୍ଚାଇବା। ପାଣିପାଗ ବିଭାଗର ସୂଚନା ଜାରି ହେବା ଯେତିକି ଜରୁରୀ, ତାହାକୁ ସାଧାରଣ ଲୋକଙ୍କ ପାଇଁ ସହଜ, ସ୍ପଷ୍ଟ ଓ ବୁଝିବାଯୋଗ୍ୟ କରିବା ମଧ୍ୟ ସେତିକି ଜରୁରୀ। ଗାଁର ଲୋକ, ମତ୍ସ୍ୟଜୀବୀ, ଚାଷୀ, ଦିନମଜୁରିଆ ଓ ନଦୀକୂଳରେ ରହୁଥିବା ପରିବାରମାନେ ଠିକ୍ ସମୟରେ ସତର୍କ ସୂଚନା ପାଇଲେ ନିଜର ଜୀବନ ଓ ଜୀବିକାର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ନେଇପାରିବେ। ମୋବାଇଲ ସନ୍ଦେଶ, ସ୍ଥାନୀୟ ଘୋଷଣା, ରେଡିଓ, ଦୂରଦର୍ଶନ ଓ ଗ୍ରାମସ୍ତରୀୟ ସୂଚନା ବ୍ୟବସ୍ଥାକୁ ଏକାଠି କାର୍ଯ୍ୟକ୍ଷମ କରିବା ଦରକାର। ଯେଉଁ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥା ଦୁର୍ବଳ, ସେଠାରେ ବିକଳ୍ପ ସୂଚନା ପ୍ରଣାଳୀ ରହିବା ଆବଶ୍ୟକ। ସତର୍କ ସୂଚନା କେବଳ ଏକ ଘୋଷଣା ନୁହେଁ; ଏହା ଜୀବନ ବଞ୍ଚାଇବାର ପ୍ରଥମ ସୁଯୋଗ। ଦ୍ୱିତୀୟତଃ, ବନ୍ୟା ନିୟନ୍ତ୍ରଣ ଓ ଜଳ ପରିଚାଳନାକୁ ଦୀର୍ଘକାଳୀନ ଯୋଜନାର ଅଂଶ କରିବା ଦରକାର। ନଦୀବନ୍ଧର ନିୟମିତ ଯାଞ୍ଚ, ଦୁର୍ବଳ ସ୍ଥାନର ମରାମତି, ଜଳନିଷ୍କାସନ ବ୍ୟବସ୍ଥାର ଉନ୍ନତି, ପ୍ରାକୃତିକ ଜଳପଥର ସୁରକ୍ଷା ଓ ଜଳାଶୟର ବୈଜ୍ଞାନିକ ପରିଚାଳନା ଉପରେ ନିରନ୍ତର ଧ୍ୟାନ ଦେବା ଆବଶ୍ୟକ। ନଦୀପଠା ଓ ଜଳନିଷ୍କାସନ ପଥକୁ ଅବରୋଧ କରୁଥିବା ଅନିୟନ୍ତ୍ରିତ ନିର୍ମାଣ, ଜଳାଶୟ ପୋତିବା ଓ ଅବୈଜ୍ଞାନିକ ସହରୀକରଣ ବନ୍ୟାର ବିପଦକୁ ବଢ଼ାଇପାରେ। ସହରାଞ୍ଚଳରେ ଅଳ୍ପ ବର୍ଷାରେ ଜଳବନ୍ଦୀ ସୃଷ୍ଟି ହେବାର କାରଣ ଖୋଜି ସ୍ଥାୟୀ ସମାଧାନ କରିବା ଦରକାର। କେବଳ ଜଳ ନିଷ୍କାସନ ପାଇଁ ନୂଆ ନାଳ ନିର୍ମାଣ କରିଦେଲେ ହେବନାହିଁ; ପ୍ରାକୃତିକ ଜଳପଥ, ଜଳାଶୟ ଓ ନିମ୍ନାଞ୍ଚଳର ଜଳଧାରଣ କ୍ଷମତାକୁ ମଧ୍ୟ ସୁରକ୍ଷିତ ରଖିବାକୁ ହେବ। ତୃତୀୟତଃ, ଘୂର୍ଣ୍ଣିଝଡ଼ ପ୍ରବଣ ଉପକୂଳ ଅଞ୍ଚଳରେ ସୁରକ୍ଷିତ ଆବାସ, ଦୃଢ଼ ଆଶ୍ରୟସ୍ଥଳ, ସ୍ୱଚ୍ଛ ପାନୀୟ ଜଳ, ଆବଶ୍ୟକ ଔଷଧ ଓ ନିରବଚ୍ଛିନ୍ନ ଯୋଗାଯୋଗ ବ୍ୟବସ୍ଥା ଉପଲବ୍ଧ ହେବା ଉଚିତ। ଆଶ୍ରୟସ୍ଥଳରେ ମହିଳା, ଶିଶୁ, ବୟସ୍କ ଓ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଆବଶ୍ୟକତାକୁ ବିଶେଷ ଗୁରୁତ୍ୱ ଦେବା ଦରକାର। ପଶୁଧନ ପାଇଁ ଅଲଗା ସୁରକ୍ଷିତ ବ୍ୟବସ୍ଥା ରହିଲେ ଲୋକମାନେ ନିଜ ଗୃହପାଳିତ ପଶୁଙ୍କୁ ଛାଡ଼ି ଯିବାର ମାନସିକ ଦ୍ୱନ୍ଦ୍ୱରୁ ମୁକ୍ତ ହୋଇପାରିବେ। ଏହା ସହିତ ବିଦ୍ୟାଳୟ, ଡାକ୍ତରଖାନା, ବିଦ୍ୟୁତ୍ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ ଓ ସଡ଼କକୁ ବିପର୍ଯ୍ୟୟ ସହନଶୀଳ କରିବା ଦରକାର। ଯେଉଁ ଭିତ୍ତିଭୂମି ଲୋକଙ୍କ ଜୀବନରକ୍ଷା ପାଇଁ ନିର୍ମିତ, ତାହା ବିପର୍ଯ୍ୟୟ ସମୟରେ ନିଜେ ଅଚଳ ହୋଇଗଲେ ଉଦ୍ଧାରକାର୍ଯ୍ୟ ବାଧାପ୍ରାପ୍ତ ହେବ। ଚତୁର୍ଥତଃ, ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଅଣଦେଖା କରି ହେବନାହିଁ। ସମୁଦ୍ରପତ୍ତନ ବୃଦ୍ଧି, ଅନିୟମିତ ବର୍ଷା, ଅତ୍ୟଧିକ ତାପମାତ୍ରା ଓ ଚରମ ପାଣିପାଗ ଘଟଣା ଅନେକ ଅଞ୍ଚଳର ବିପଦକୁ ବଢ଼ାଇପାରେ। ଏହାର ମୁକାବିଲା ପାଇଁ ଉପକୂଳବର୍ତ୍ତୀ ଜଙ୍ଗଲ ଓ ଲୁଣାଜଙ୍ଗଲର ସୁରକ୍ଷା, ବୃକ୍ଷରୋପଣ, ପ୍ରାକୃତିକ ଜଳାଶୟର ସଂରକ୍ଷଣ ଓ ପରିବେଶ ଅନୁକୂଳ ଉନ୍ନୟନକୁ ପ୍ରାଥମିକତା ଦେବା ଦରକାର। ଉନ୍ନତିର ଅର୍ଥ କେବଳ ଉଚ୍ଚ ଅଟ୍ଟାଳିକା, ପ୍ରଶସ୍ତ ସଡ଼କ ଓ ନୂଆ ଶିଳ୍ପ ପ୍ରତିଷ୍ଠା ନୁହେଁ; ଉନ୍ନତିର ପ୍ରକୃତ ମାପଦଣ୍ଡ ହେଉଛି ସେହି ସମ୍ପତ୍ତି ଓ ଭିତ୍ତିଭୂମି ବିପଦ ସମୟରେ କେତେ ଲୋକଙ୍କୁ ସୁରକ୍ଷା ଦେଇପାରୁଛି। ପଞ୍ଚମତଃ, ବିପର୍ଯ୍ୟୟ ପରିଚାଳନାକୁ କେବଳ ସରକାରୀ ବିଭାଗର ଦାୟିତ୍ୱ ଭାବେ ଦେଖିବା ଉଚିତ ନୁହେଁ। ପ୍ରତ୍ୟେକ ଗ୍ରାମପଞ୍ଚାୟତ, ପୌରସଂସ୍ଥା, ବିଦ୍ୟାଳୟ, ମହାବିଦ୍ୟାଳୟ, ସ୍ୱେଚ୍ଛାସେବୀ ସଂଗଠନ ଓ ସ୍ଥାନୀୟ ସମୁଦାୟର ଏଥିରେ ସକ୍ରିୟ ଭୂମିକା ରହିବା ଦରକାର। ଗାଁ ଗାଁରେ ବିପର୍ଯ୍ୟୟ ପରିଚାଳନା ଦଳ ଗଠନ, ନିୟମିତ ଅଭ୍ୟାସ, ପ୍ରାଥମିକ ଚିକିତ୍ସା ତାଲିମ ଓ ସୁରକ୍ଷିତ ସ୍ଥାନକୁ ଯିବାର ମାର୍ଗ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଆବଶ୍ୟକ। ଶିଶୁମାନଙ୍କୁ ଛୋଟବେଳୁ ବନ୍ୟା, ବଜ୍ରପାତ, ଘୂର୍ଣ୍ଣିଝଡ଼ ଓ ଭୂସ୍ଖଳନ ସମୟରେ କିପରି ସୁରକ୍ଷିତ ରହିବାକୁ ହୁଏ, ସେ ବିଷୟରେ ଶିକ୍ଷା ଦେବା ଦରକାର। ଗୁଜବ, ଭୁଲ ସୂଚନା ଓ ଅବହେଳା ଅନେକ ସମୟରେ ବିପଦକୁ ବଢ଼ାଇଦିଏ। ତେଣୁ ନିର୍ଭରଯୋଗ୍ୟ ସୂଚନା ଉପରେ ଆସ୍ଥା ରଖିବା ଓ ପ୍ରଶାସନର ସୁରକ୍ଷା ନିର୍ଦ୍ଦେଶକୁ ପାଳନ କରିବା ଜନସାଧାରଣଙ୍କ ଦାୟିତ୍ୱ। ସହାୟତାକୁ ଗୁରୁତ୍ୱ ଦେବା ଦରକାର।

ମୋ: ୯୪୩୭୯୯୪୩୭୯

# ବେଆଇନ ଜୁଆ ଆଡ୍ଡାରେ ପୋଲିସର ଚଢ଼ାଉ
## ୭୦ ଜଣଙ୍କୁ ଧରିଲା ପୋଲିସ, ୯ ଗାଡ଼ି ଜବତ

ପାରଳାଖେମୁଣ୍ଡି, ୧ ୨ ।୧ ୦ (ନିପ୍ର); ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ୍ ଅନ୍ତର୍ଗତ କେରାଣ୍ଡି ପଞ୍ଚାୟତର ଦେବିତି ଗ୍ରାମରେ ଚାଲିଥିବା ଏକ କଥିତ ବେଆଇନ ଜୁଆ ଆଡ୍ଡା ଉପରେ ପୋଲିସ ଚଢ଼ାଉ କରିଛି । ଗ୍ରାମର ଜୟ ମାତା ଦି କଲ୍ୟାଣ ମଣ୍ଡପରେ ଜୁଆ ଖେଳ ଚାଲିଥିବା ସୂଚନା ପାଇ ଡି ଏସପି ଅମିତାଭ୍ ପଣ୍ଡାଙ୍କ ନିର୍ଦ୍ଦେଶରେ କ୍ରମେ ପାରଳାଖେମୁଣ୍ଡି ଆଦର୍ଶ ଥାନା, କାଶୀନଗର, ଗୁରାଣ୍ଡି, ଗାରବନ୍ଧ ଏବଂ ରାୟଗଡ଼ ଥାନାର ପୋଲିସର ଏକ ମିଳିତ ଦଳ ଏହି ଚଢ଼ାଉ କରିଥିଲା । ଏହି ଚଢ଼ାଉରେ ପୋଲିସ ୭୦ ଜଣଙ୍କୁ ଧରିବା ସହ ୯ଟି ଗାଡ଼ି ସହ ନଗଦ ବାର ଲକ୍ଷରୁ ଉର୍ଦ୍ଧ ଟଙ୍କା ଓ କିଛି ଟକେନ୍ ଜବତ କରିଥିବା ଜଣାପଡ଼ିଛି । ଘଟଣାକୁ ନେଇ ପୋଲିସ ପକ୍ଷରୁ ତଦନ୍ତ ଜାରି ରହିଛି । ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ ଭୂପତି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଧରାପଡ଼ିଥିବା ବ୍ୟକ୍ତିମାନଙ୍କୁ ଜେରା କରାଯିବ । ତଦନ୍ତ ପରେ ଆଇନ ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ଏବଂ ଆବଶ୍ୟକ ସ୍ଥଳେ ସେମାନଙ୍କୁ କୋର୍ଟ ଚାଲାଣ କରାଯିବ । ଏହି ଘଟଣା ପରେ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ଜୁଆ ଆଡ୍ଡାର ପରିଚାଳନା ଓ ଏଥିରେ ଅନ୍ୟ କାହାର ସମ୍ପୃକ୍ତି ରହିଛି କି ନାହିଁ, ସେ ନେଇ ପୋଲିସର ତଦନ୍ତ ଉପରେ ଏବେ ସମସ୍ତଙ୍କ ନଜର ରହିଛି ।

# ଦାୟିତ୍ୱ ହରାଉଛି ବିଦ୍ୟୁତ୍ ବିଭାଗ
## ଖୋଲା ମେଲା ପଡିଛି ଟ୍ରାନ୍ସଫର୍ମର

ତରଭା, ୧ ୨ ।୧ ୦ (ନିପ୍ର): ସୁବର୍ଣ୍ଣପୁର ଜିଲ୍ଲା ତରଭା ବିଦ୍ୟୁତ ବିଭାଗର ଦାୟିତ୍ୱ ହୀନ ଓ ଖାମଖିଆଲି ମନୋଭାବ ଯୋଗୁଁ ସହରର ବିଭିନ୍ନ ସ୍ଥାନରେ ଥିବା ଟ୍ରାନ୍ସଫର୍ମର ଗୁଡିକ ଖୋଲା ମେଲା ପଡିଛି । ସହରର ବଡ ବନ୍ଧ ଭୁଜାମିଲ ରାସ୍ତାର ପାର୍ଶ୍ୱରେ ଥିବା ବିଦ୍ୟୁତ ଟ୍ରାନ୍ସଫର୍ମର ବୋର୍ଡରେ ନା ତାର



ବାଡା ଅଛି ନା କାନ୍ଥ ଅଛି । ସେହିପରି ଅନ୍ତର୍ଗ ଗ୍ରାମ ମୁଣ୍ଡର ଟ୍ରାନ୍ସଫରମରର ଅବସ୍ଥା ସମାନ ଅଟେ । ଯଦି ଆମେ ସହର ମଝିରେ ଥିବା ଗହଳି ପୂର୍ଣ୍ଣ ଥାନା ସମ୍ମୁଖ ଟ୍ରାନ୍ସ ଫର୍ମରକୁ ଦେଖାଯାଏ ଏହା ବହୁ ପୁରାତନ ଟ୍ରାନ୍ସଫର୍ମର ଅନାବନା ଘାସ ଗଛରେ ଭରପୂର । ଏହା ଅଧା କାନ୍ଥ ତାହା ଜରାଜୀର୍ଣ୍ଣ ଅବସ୍ଥାରେ ଓ ଅଧା ମେଲା ପଡିଛି । ତରଭାରେ ଟ୍ରାନ୍ସଫର୍ମରକୁ ନେଇ ପୂର୍ବରୁ ଅଘଟଣ ଘଟି ଥିବା ନଜିର ରହିଛି । ଏଣୁ ବେଳ ହୁଁ ଏଦିଗରେ ବିଦ୍ୟୁତ୍ ବିଭାଗୀୟ ଅଧିକାରୀ ଧ୍ୟାନ ଦେବା ଜରୁରି ବୋଲି ଦାବି ହେଉଛି ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ

କୁଚିଣ୍ଡା, ୧ ୧ ।୧ ୦ (ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ସ୍ଥିତ ମାନସିକ ଭିନ୍ନକ୍ଷମ ବିଦ୍ୟାଳୟ ଠାରେ କୁଚିଣ୍ଡା ତାଲୁକ୍ ଆଇନ ସେବା ସମିତି ପକ୍ଷରୁ ଶନିବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ଡ଼. ପ୍ରଭାକର ଗଣ୍ଡିଆ ଯୋଗଦେଇ ଉଦଘାଟନ କରିଥିଲେ । ଏହି ଅବସରରେ ସମ୍ମାନିତ ଅତିଥି ଭାବରେ ଉପ-ଜିଲ୍ଲାପାଳ ସରୱାନନ୍ ସ, ତାଲୁକ ଆଇନ ସେବା ସମିତି ସଭ୍ୟ କରୁଣାକର କିସାନ ଓ ମୁଖ୍ୟବକ୍ତା ଭାବେ ଡଃ ଶରତ ଚନ୍ଦ୍ର ଗୌନ୍ତିଆ ପ୍ରମୁଖ ଯୋଗଦେଇଥିଲେ । ପ୍ରଦୀପ କୁମାର ମହକୁଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ । ମାନସିକ ଭିନ୍ନକ୍ଷମ ଶିଶୁଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ଡଃ ଶରତ ଚନ୍ଦ୍ର ଗୌନ୍ତିଆ ଉପସ୍ଥିତ ଅଭିଭାବକମାନଙ୍କୁ ପରାମର୍ଶ ଦେଇଥିଲେ । ସେ ଏହି ଅବସରରେ କହିଥିଲେ ଯେ ମାନସିକ ଭିନ୍ନକ୍ଷମ ଶିଶୁଙ୍କ ସ୍ୱାସ୍ଥ୍ୟ ଅବସ୍ଥାର ଯତ୍ନ ନେବା ପରିବାର ଲୋକଙ୍କ ପାଇଁ ଏକ ଆହ୍ୱାନ ଅଟେ । ଅରୁଣୋଦୟ ମାନସିକ ଭିନ୍ନକ୍ଷମ ଅନୁଷ୍ଠାନରେ ରହି ପାଠ ପଢୁଥିବା ଶିଶୁ ମାନେ ଆସିବା ସମୟର ଅବସ୍ଥା ଏବଂ ସେମାନଙ୍କର ବର୍ତ୍ତମାନର ପରିବର୍ତ୍ତନ ବାସ୍ତବରେ ଚିକିତ୍ସା ଅପେକ୍ଷା ସେମାନଙ୍କର ଦିନଚର୍ଯ୍ୟା ଓ ଲାଳନପାଳନ ପ୍ରମୁଖ ପରିବର୍ତ୍ତନରେ ସହାୟକ ହୋଇଛି । ମୁଖ୍ୟ ଅତିଥି ଶ୍ରୀ ଗଣ୍ଡିଆ ମାନସିକ ଭିନ୍ନକ୍ଷମ ଶିଶୁଙ୍କ ସେବା ଯତ୍ନ ଓ ସୁରକ୍ଷା ଓ ଅଧିକାର ସମ୍ପର୍କରେ ଆଇନରେ ଥିବା ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ ଏବଂ ସେ ସାମାଜିକ ନ୍ୟାୟ ଓ ସଶକ୍ତି କରଣ ବିଭାଗ ଦ୍ୱାରା ପରିଚାଳିତ ମାନସିକ ଭିନ୍ନକ୍ଷମ ଶିଶୁଙ୍କ ପାଇଁ କାର୍ଯ୍ୟ କରୁଥିବା ସଫଳ ଅନୁଷ୍ଠାନମାନଙ୍କ ବିଷୟରେ ସୂଚନା ପ୍ରଦାନ କରିଥିଲେ ।

# ମାନସିକ ସ୍ୱାସ୍ଥ୍ୟ ମଧ୍ୟ ଗୁରୁତ୍ୱପୂର୍ଣ୍ଣ

ଗୁଣପୁର, ୧ ୨ ।୧ ୦ (ନିପ୍ର) ରାୟଗଡା ଜିଲ୍ଲା ଗୁଣପୁର ତାଲୁକ ଆଇନ ସେବା ସମିତି ଆନୁକୂଲ୍ୟରେ ରାମନାଗୁଡ଼ା ବ୍ଲକ କାର୍ଯ୍ୟାଳୟ ସଭାଗୃହଠାରେ 'ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ' ଅବସରରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଗୁଣପୁର ତାଲୁକ ଆଇନ ସେବା ସମିତି ର ଅଧ୍ୟକ୍ଷ ତଥା ଏ.ଡି.ଜେ ଦେବଦତ୍ତ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍ଘାଟନ କରି ଶାରୀରିକ ସ୍ୱାସ୍ଥ୍ୟ ଭଳି ମାନସିକ ସ୍ୱାସ୍ଥ୍ୟ ମଧ୍ୟ ସମାନ ଭାବରେ ଗୁରୁତ୍ୱପୂର୍ଣ୍ଣ । ଅବସାଦ, ଚିନ୍ତା ଏବଂ ମାନସିକ ଚାପ ଭଳି ସମସ୍ୟାକୁ ଲୁଚାଇ ନ ରଖି ସେଥିପାଇଁ ଡାକ୍ତରୀ ପରାମର୍ଶ ନେବା ଜରୁରୀ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥି ଭାବେ ଗୁଣପୁର ଏସ.ଡି.ଜେ.ଏମ ବିଜୟଲକ୍ଷ୍ମୀ ମହାପାତ୍ର ଯୋଗଦେଇ ମାନସିକ ସ୍ୱାସ୍ଥ୍ୟ ସଚେତନତା ଓ ଏହାର ଆଇନଗତ ଅଧିକାର ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରାମନାଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଅଭିଷେକ ପଟ୍ଟନାୟକ, ରାମନାଗୁଡ଼ା ବି.ଡି.ଓ ପ୍ରଦ୍ୟୁମ୍ନ ମଣ୍ଡଳ, ତହସିଲଦାର ପ୍ରାଣ କୃଷ୍ଣ ପାଣିଗ୍ରାହୀ ଓ ରାମନାଗୁଡ଼ା ଥାନା ଅଧିକାରୀ କିରଣବାଳା ସାମଲ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ସମିତି ପକ୍ଷରୁ ଡାକ୍ତରଖାନାକୁ ଯାଇ ରୋଗୀ ମାନଙ୍କୁ ଭେଟିବା ସହ ସେମାନଙ୍କୁ ଫଳ ପାଉଁରୁଟି ବଣ୍ଟନ କରାଯାଇଥିଲା ।ଗୁଣପୁର ଓକିଲ ସଂଘ ସଭାପତି ରମେଶ ଚନ୍ଦ୍ର ଲିମା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଡ. ଭାଗବତ ପ୍ରସାଦ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନ୍ ପକ୍ଷରୁ ବିକ୍ଷୋଭ
## ମୁଖ୍ୟମନ୍ତ୍ରୀ ଏବଂ ବିଭାଗୀୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ରାୟଗଡ଼ା, ୧ ୨ ।୧ ୦ (ନିପ୍ର): ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳିତ ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ ୱାର୍କରର୍ସ ଆସୋସିଏସନର ରାଜ୍ୟ ନିଷ୍ପତ୍ତି କ୍ରମେ ସମସ୍ତ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଏବଂ ବିଭାଗୀୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୧ ୦ ଦଫା ଦାବିକୁ ନେଇ ଦାବି ପତ୍ର ପ୍ରଦାନ କରାଯାଇଛି ଏହି ପରିପ୍ରେକ୍ଷୀରେ ରାୟଗଡ଼ା ଜିଲ୍ଲା ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କରର୍ସ ଆସୋସିଏସନ୍‌ର ଜିଲ୍ଲା ସଭାନେତ୍ରୀ ଜୟନ୍ତୀ ପଦ୍ମାଳୟା ସାହୁ ଏବଂ ସମ୍ପାଦିକା ଉଷାରାଣୀ ଦାଶଙ୍କ ନେତୃତ୍ୱରେ ରାୟଗଡ଼ା ରେଳଷ୍ଟେସନ ଛକ ନିକଟରେ ସକାଳ ୧ ୧ ଘଣ୍ଟା ସମୟରେ ଏକତ୍ର ହୋଇ ସେଠାରୁ ଏକ ବିରାଟ ପଦଯାତ୍ରା ରେ ବାହାରି ସହର ମଧ୍ୟ ରାସ୍ତା ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ, ଧାରଣା ଦେବା ସହ ଜିଲ୍ଲାପାଳଙ୍କ ଜରିଆରେ ଜିଲ୍ଲାଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରମିକ ନେତା ତଥା ଭାରତୀୟ ମଜଦୁର ସଂଘର ରାଜ୍ୟ ଉପସଭାପତି ଯୋଗେଶ୍ୱର ଦାସ , ସମ୍ମାନୀୟ ଅତିଥି ଭାବେ ଜିଲ୍ଲା ସମ୍ପାଦକ



ଗଣେଶ କୁମାର ସାହୁ , ସଭାପତି ମୋହନ ରାଓ ମାଝି , କାର୍ଯ୍ୟକାରୀ ସଭାପତି ଧର୍ମ ସିଂ ନାଗ୍ , ଉପସଭାପତି ଦୁର୍ଗା ମାଧବ ଘୋଷ ଯୋଗ ଦେଇ ସରକାରଙ୍କ ଯୋଜନାକୁ ସଫଳ କରିବାରେ ମୁଖ୍ୟ ଭୂମିକା ନେଉଥିବା ସହ ଶିଶୁ ମୃତ୍ୟୁ ହାର ମା ମୃତ୍ୟୁ ହାର କମାଇବାରେ ଏବଂ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କ ଯୋଜନାକୁ ସଫଳ କରିବା ରେ ମୁଖ୍ୟ ଭୂମିକା ନେଉଥିବା ଅଙ୍ଗନୱାଡ଼ି କର୍ମୀ ଏବଂ ସହାୟିକା ମାନଙ୍କ ଦୀର୍ଘ ଦିନର ବିଭିନ୍ନ ଦାବି ଏବଂ ସେମାନଙ୍କୁ ପାଇଁ ଥିବା ସମସ୍ତ ସୁବିଧା ଯୋଗାଇଦେବା ।

ଅଙ୍ଗନୱାଡ଼ି କର୍ମୀମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ଅବହେଳା ଏବଂ ଅଣଦେଖାକୁ ବିରୋଧ କରିବା ସହ ଆସନ୍ତା ଦିନରେ ସରକାର ଏବଂ ପ୍ରଶାସନ ଏଥି ପ୍ରତି ଦୃଷ୍ଟି ଦେଇ ସମାଧାନ ନକରନ୍ତି ତାହା ହେଲେ ଆସନ୍ତା ଦିନରେ ଭାରତୀୟ ମଜଦୁର ସଂଘ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ ହେବେ ବୋଲି ଶ୍ରମିକ ନେତା ଯୋଗେଶ୍ୱର ଦାସ ଚେତାବନୀ ଦେଇଛନ୍ତି । ଉକ୍ତ କାର୍ଯ୍ୟକ୍ରମକୁ ସଂଯୁକ୍ତା ହେରପାଳ , ମମତା କୁମାରୀ ବିରିଦଳାଇ, ମୋହିନୀ ପାଲାକା, ବିଷ୍ଣୁ ପ୍ରିୟା ଦଲେଇ, ସଂଯୁକ୍ତା ରଥ, ମୁଞ୍ଜୁଳା ମଣ୍ଡଳ, ଯୋସନା ସାହୁ, ଶାନ୍ତି କାଡରକା, ହେମଲତା ଚୌଧୁରୀ, ବାସନ୍ତୀ ଜିଲାକାରା, ସଞ୍ଜୁକ୍ତା ହରପାଲ, ରୀତା ରାଣୀ ପଣ୍ଡା ପରିଚାଳନା କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାରେ କାର୍ଯ୍ୟରତ ସମସ୍ତ ବ୍ଲକରୁ ୫ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଏବଂ ସହାୟିକା ଯୋଗ ଦେଇଥିଲେ ।

# ନିର୍ଦ୍ୱନ୍ଦ୍ୱ ବିଜୟରେ ଝାରସୁଗୁଡ଼ାରେ ବିଜେଡିର ଶକ୍ତି ପ୍ରଦର୍ଶନ
## ଦୀପାଳି ଦାସ ଓ ବିଶାଳ ଦାସଙ୍କ ନେତୃତ୍ୱକୁ ଛାତ୍ର ପ୍ରତିନିଧିଙ୍କ ପ୍ରଶଂସା

ଝାରସୁଗୁଡ଼ା, ୧ ୨ ।୧ ୦ (ନିପ୍ର): ଝାରସୁଗୁଡ଼ାରେ କଲେଜ ଛାତ୍ର ସଂସଦ ନିର୍ବାଚନରେ ବିଜୁ ଛାତ୍ର ଜନତା ଦଳର ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହେବା ଦଳ ପାଇଁ ଏକ ଉଲ୍ଲେଖନୀୟ ସଫଳତା ହୋଇଛି । ଏହି ସଫଳତାକୁ ନେଇ ସରବାହାଲସ୍ଥିତ ବିଜେଡି କାର୍ଯ୍ୟାଳୟରେ ବିଜୟୀ ଛାତ୍ର ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ର ରାଜନୀତିରେ ଦଳର ସକ୍ରିୟତା ଓ ସଂଗଠନର ମଜଭୁତ ସ୍ଥିତିକୁ ଏହି ବିଜୟ ପ୍ରତିଫଳିତ କରିଥିବା ଦଳୀୟ ନେତାମାନେ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦିକା ତଥା ଝାରସୁଗୁଡ଼ାର ପୂର୍ବତନ ବିଧାୟିକା ଦୀପାଳି ଦାସ ଯୋଗଦେଇ ବିଜୟୀ ଛାତ୍ର ପ୍ରତିନିଧିଙ୍କୁ ଶୁଭେଚ୍ଛା ଜଣାଇଥିଲେ । ସେ କହିଥିଲେ ଯେ, ଏହି ବିଜୟ କେବଳ ପ୍ରାର୍ଥୀମାନଙ୍କର ବିଜୟ ନୁହେଁ, ବରଂ ବିଜୁ ଜନତା ଦଳର ସାଂଗଠନିକ ଶକ୍ତିର ଏକ ପ୍ରତିଫଳନ । ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀଙ୍କ ବିଭିନ୍ନ ହକ୍, ଦାବି ଓ ସମସ୍ୟାକୁ ନେଇ ଆଗାମୀ ଦିନରେ ଦଳ ଅଧିକ ସକ୍ରିୟ ଭୂମିକା ନିର୍ବାହ କରିବ । ଏହି ବିଜୟ ଛାତ୍ର ସମାଜର ଅଧିକାର ପାଇଁ ଲଢ଼େଇର ପ୍ରଥମ ପାହାଚ ବୋଲି ସେ ମତ ଦେଇଥିଲେ । ଛାତ୍ର ପ୍ରତିନିଧିମାନେ ମଧ୍ୟ ଦୀପାଳି ଦାସ ଓ ବିଶାଳ ଦାସଙ୍କ ନେତୃତ୍ୱ ଏବଂ ସେବାମୂଳକ ମନୋଭାବକୁ ନିଜ ପାଇଁ ପ୍ରେରଣାଦାୟକ ବୋଲି ଅଭିହିତ କରିଥିଲେ । ଝାରସୁଗୁଡ଼ାବାସୀଙ୍କ ସମର୍ଥନ ଓ ଦଳୀୟ ସଂଗଠନର ସହଯୋଗ ଏହି ସଫଳତାରେ ସହାୟକ



ହୋଇଥିବା ସେମାନେ ପ୍ରକାଶ କରିଥିଲେ । ଆଗାମୀ ଦିନରେ କଲେଜଗୁଡ଼ିକର ଉନ୍ନତି, ଶିକ୍ଷାର ଉନ୍ନତ ମାନ ଏବଂ ଛାତ୍ରଛାତ୍ରୀଙ୍କ ନ୍ୟାଯ୍ୟ ଅଧିକାର ପାଇଁ କାର୍ଯ୍ୟ କରିବାକୁ ସେମାନେ ସଂକଳ୍ପବଦ୍ଧ ବୋଲି କହିଥିଲେ । ଏହି ଅବସରରେ ଏଲ୍.ଏନ୍. କଲେଜର ସଭାପତି ଭାବେ ନିର୍ବାଚିତ ଏମ୍.ଡି. ନାସିର ହୁସେନ, ଯୁଗ୍ମ ସମ୍ପାଦକ ଜ୍ୟୋତିର୍ମୟୀ ସାହୁ, କ୍ରୀଡ଼ା ସମ୍ପାଦକ ଋତୁରାଜ ପ୍ରଧାନ ଓ ନାଟ୍ୟ ସମ୍ପାଦକ ମଧୁସ୍ମିତା କିଷାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି କଣ୍ଟାପାଲିସ୍ଥିତ ପିକେଏସ୍ଏସ୍ କଲେଜର ଉପସଭାପତି ମନୀଷ ସାହୁ, ସାଧାରଣ ସମ୍ପାଦକ ଖୁସିଲ ରୋହିଦାସ ଓ ସାଂସ୍କୃତିକ ସମ୍ପାଦକ ଶୀତଲ ଭୋଇଙ୍କୁ ମଧ୍ୟ ଅଭିନନ୍ଦନ ଜଣାଯାଇଥିଲା । କାର୍ଯ୍ୟକ୍ରମରେ ଯୁବ ବିଜେଡି ସଭାପତି ରୁବିନ ପାଣ୍ଡେ ଓ ଛାତ୍ର ବିଜେଡି ଜିଲ୍ଲା ସଭାପତି ଶିବାଶିଷ ପଟ୍ଟନାୟକ ଉପସ୍ଥିତ ରହି ବିଜୟୀ ପ୍ରାର୍ଥୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏଥିସହ ବିଜେଡି ଜିଲ୍ଲା ସଭାପତି ହରିଶ ଗଣତ୍ରା, ପିଣ୍ଟୁ ପାଢ଼ୀ ଓ ରବି ସିଂଙ୍କ ସମେତ ଅନ୍ୟ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।ଛାତ୍ର ସଂସଦ ନିର୍ବାଚନରେ ଏହି ସଫଳତା ଝାରସୁଗୁଡ଼ାରେ ବିଜେଡିର ଛାତ୍ର ସଂଗଠନକୁ ନୂଆ ଉତ୍ସାହ ଦେଇଥିବା ବେଳେ ଆଗାମୀ ଦିନରେ କଲେଜ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ସମସ୍ୟା ଓ ଦାବିକୁ ନେଇ ଦଳ କିପରି କାର୍ଯ୍ୟ କରୁଛି, ତାହା ଉପରେ ଏବେ ନଜର ରହିବ ।

# 'ଭାରତର ଜାତିପ୍ରଥା ଓ ସଂରକ୍ଷଣ ଆଉ କେତେ ଦିନ'

ବ୍ରହ୍ମପୁର, ୧ ୨ ।୧ ୦ (ନିପ୍ର): ମାନବବାଦୀ ହେତୁବାଦୀ ସଂଗଠନ ଆନୁକୂଲ୍ୟରେ ସ୍ଥାନୀୟ ସଂକଳ୍ପ ବିଦ୍ୟାଳୟ ଠାରେ ଭାରତର ଜାତିପ୍ରଥା ଓ ସଂରକ୍ଷଣ ଆଉ କେତେ ଦିନ' ବିଷୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ସଂଗଠନର ସଭାପତି ଇ.ଟି. ରାଓ ଅଧ୍ୟକ୍ଷତା କରିଥିଲେ । ସମ୍ପାଦକ କେ.ନାନ୍ଦେଶୁ ସେନାପତି ସମ୍ୟକ୍ ସୂଚନାରେଇ ଥିଲେ । ଭାରତରେ ଆବହମାନ କାଳରୁ ଜାତିପ୍ରଥା ରହିଛି । କହିବାକୁ ଗଲେ ଭାରତରେ ୩୦୦୦ରୁ ଅଧିକ ଜାତି ଓ ୨୫୦୦୦ ଉପଜାତି ଅଛନ୍ତି ଏବଂ ଏମାନେ ପ୍ରତ୍ୟେକେ ଏକ ବୃତ୍ତି ସହ ଜଡିତ ଲୋକଙ୍କ ଜାତିପ୍ରଥା ଯୋଗୁଁ ସାମାଜିକ ଅସମାନତା ବୃଦ୍ଧି ପାଉଛି । ଅସମାନତା ଦୃଷ୍ଟିକୋଣରୁ ନ୍ୟାୟ ଦେବାକୁ ସଂରକ୍ଷଣର ବ୍ୟବସ୍ଥା କରାଯାଇଛି । ଏହି ବିଷୟରେ ସଂଗଠନର ସଦସ୍ୟ ଭାଲଚନ୍ଦ୍ର ଷଡଙ୍ଗୀ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ବହୁ ତଥ୍ୟ ଉପସ୍ଥାପନ କରିଥିଲେ । ହିନ୍ଦୁ ସମାଜରେ ରହିଥିବା ଅମାନବିକ ଜାତି ବ୍ୟବସ୍ଥା ଲାଗି ଶହ ଶହ ବର୍ଷ ଧରି ସମାଜର ଏକ ବଡ ଭାଗ ଲୋକ ଶିକ୍ଷା, ସମ୍ପତ୍ତି ଓ ସାମାଜିକ ସମ୍ମାନରୁ ବଞ୍ଚିତ ହୋଇ ଆସିଛନ୍ତି । ଏହି ବଞ୍ଚିତ ଗୋଷ୍ଠୀଙ୍କୁ ଶୈକ୍ଷିକ ଓ ସାମାଜିକ ଭାବେ ମୁଖ୍ୟସ୍ରୋତକୁ ଆଣିବା ପାଇଁ ସମ୍ବିଧାନରେ ସଂରକ୍ଷଣର ବ୍ୟବସ୍ଥା କରାଯାଇଛି । ଅତଏବ ଭାରତ ପରି ଏକ ଜାତିଭିତ୍ତିକ ସମାଜରେ ଜାତିବ୍ୟବସ୍ଥା ରହିଥିବା ଯାଏଁ ସଂରକ୍ଷଣ ବ୍ୟବସ୍ଥାର ଆବଶ୍ୟକତା ରହିଛି । କିନ୍ତୁ ଯେଉଁମାନେ ସଂରକ୍ଷଣକୁ ବିରୋଧ କରୁଛନ୍ତି, ସେମାନେ ଜାତି ବ୍ୟବସ୍ଥାକୁ ବିରୋଧ କରୁନାହାନ୍ତି । ମେଧା କେବଳ ଉଚ୍ଚ ଜାତିର ଲୋକଙ୍କ ଭିତରେ ରହିଛି ବୋଲି ଭାବିବା ଭୁଲ ଅଟେ । ମୁଖ୍ୟ ଅତିଥି ଭାବେ କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ଡଃ. ରାହୁଲ ଖିଲାରେ ପୃଥିବୀର ସୃଷ୍ଟି ସହ ଜନଜାତିର ବିବର୍ତ୍ତନ ଓ ଜାତି ବ୍ୟବସ୍ଥାର କଥା କହିଥିଲେ । ଆମର ଜାତି ବିଭାଜିତ ସମାଜରେ ସମସ୍ତଙ୍କୁ ସମାନ ସୁଯୋଗ ଦେବା ପାଇଁ ସଂରକ୍ଷଣର ବ୍ୟବସ୍ଥା କରାଯାଇଛି । ସାମାଜିକ, ଶିକ୍ଷାଗତ, ସାଂସ୍କୃତିକ ଓ ଅର୍ଥନୈତିକ ସମାନତା ଆସିବା ପର୍ଯ୍ୟନ୍ତ ସଂରକ୍ଷଣ ରହିବ ବୋଲି ସୂଚେଇଥିଲେ ।

# କୁଚିଣ୍ଡା ଏନଏସି ଘୋଷାରେ ରାଜୁ ହାତୀ, ଜଗିଛି ବନବିଭାଗ

କୁଚିଣ୍ଡା, ୧ ୨ ।୧ ୦ (ନିପ୍ର); ସମ୍ବଲପୁର ଜିଲ୍ଲା ବାମରା ବନ୍ୟପ୍ରାଣୀ ବନଖଣ୍ଡ କୁଚିଣ୍ଡା ରେଞ୍ଜ ଅଧୀନସ୍ଥ ଏନଏସି ଘୋଷା ଅଞ୍ଚଳରେ ଏବେ ଚର୍ଚ୍ଚିତ ଦନ୍ତା ହାତୀ 'ରାଜୁ'ର ଉପସ୍ଥିତିକୁ ନେଇ ଲୋକଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି । ଅନୁଗୁଳ, ଦେବଗଡ଼ ଜିଲ୍ଲା ଦେଇ ରାଜୁ ହାତୀ ଏବେ କୁଚିଣ୍ଡା ଅଞ୍ଚଳରେ ପହଞ୍ଚିଛି । ସୂଚନା ଅନୁଯାୟୀ, ଗତ କିଛି ଦିନ ହେବ 'ରାଜୁ' କ୍ରମାଗତ ଭାବେ ଦେବଗଡ଼,ରେଙ୍ଗାଲବେଡ଼ା, ଭୋଜପୁର, ,କ୍ଷମା, ଲାଡ଼ ଗ୍ରାମ ଦେଇ ରବିବାର ସକାଳୁ ଘୋଷା ଗ୍ରାମ ଫୁଟବଲ ପଡିଆ ନିକଟରେ



ପହଞ୍ଚିଛି । ହାତୀର ଗତିବିଧିକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ଦେଖା ଦେଇଛି । ରାଜୁ ଏକ ପୋଷା ହୋଇଥିବାରୁ ଉତ୍ପାତ କିମ୍ବା ହିଂସ୍ର ଆଚରଣ କରୁନଥିଲେ ହେ ଅମଳ ଯୋଗ୍ୟ ପାଚିଲା ଧାନ ବିଲରେ ପଶି ଖାଇବା ସହ ମାଡିଦଳି ଫସଲ ନଷ୍ଟ କରିବା ଭୟରେ ଲୋକେ । କେବଳ ରାଜୁ ନୁହେଁ, ବରଂ କୁଚିଣ୍ଡା ଆଖପାଖ ଅଞ୍ଚଳରେ ଆଉ ଏକ ୬ ଟିକିଆ ହାତୀ ପଲ ଘୁରି ବୁଲୁଥିବାରୁ ଲୋକଙ୍କ ମଧ୍ୟରେ ଛନକା ପଶିଛି । ଏହି ହାତୀପଲ ରବିବାର ରାମଝାଲି, ଠେଲକ୍ଲୋଡ, ତିଲେଇମାଲ ନିକଟସ୍ଥ ଜଙ୍ଗଲରେ ଡେରା ପକାଇଛନ୍ତି । ଆଖପାଖ ଅଞ୍ଚଳରେ ଥିବା ଧାନ ବିଲରେ ପଶି ଫସଲ ମଧ୍ୟ ବ୍ୟାପକ ଭାବେ ନଷ୍ଟ କରୁଛନ୍ତି । କୁଚିଣ୍ଡା ରେଞ୍ଜର ଲେଖାରାଣୀ ମହାନନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବନବିଭାଗ ରାଜୁ ଏବଂ ୬ ଟିକିଆ ହାତୀ ପଲଙ୍କ ଗତିବିଧି ଉପରେ ନଜର ରଖିଛି । ହାତୀପଲ ଯେପରି ପୁନଃ ଜନବସତି ଭିତରକୁ ନ ପଶିବେ ଏବଂ ଧନଜୀବନ ନଷ୍ଟ ନକରିବେ ସେ ନେଇ ବନ କର୍ମଚାରୀ ଦିନରାତି ପାଟ୍ରୋଲିଂ ଜାରି ରଖିଛନ୍ତି । ଏହାଛଡା ସ୍ଥାନୀୟ ଲୋକଙ୍କୁ ସତର୍କ ରହିବା ପାଇଁ ଡ଼ାକବାଜି ଯନ୍ତ୍ର ଦ୍ୱାରା ସଚେତନ କରାଉଛନ୍ତି ।

# ଗୁଣପୁରରେ ଜିଲ୍ଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

ଗୁଣପୁର, ୧ ୨ ।୧ ୦ (ନିପ୍ର): ଗୁଣପୁର ଉପ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହ ରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି । ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଶିବିରରେ ଉପ ଜିଲ୍ଲାପାଳ ଗୁଣପୁର ଦୁଧାଲ ଅଭିଷେକ ଦିଲୀପ, ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ରାୟଗଡ଼ ଅକ୍ଷୟ କୁମାର ଖେମୁଣ୍ଡୁ, ଅତିରିକ୍ତ ଆରକ୍ଷୀ ଅଧିକାରୀ, ଅତିରିକ୍ତ ବନ ସଂରକ୍ଷଣ ଅଧିକାରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ବିଶ୍ୱମ୍ଭର ବେହେରା, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଅଜୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଜନ ଶୁଣାଣି କରିଥିଲେ । ଉପଖଣ୍ଡ ସ୍ତରୀୟ ଏହି ଜନ ଶୁଣାଣି ଶିବିରରେ ମୋଟ ୫୮ଟି ଅଭିଯୋଗର ପଞ୍ଜିକରଣ ହୋଇଥିବା ବେଳେ, ସେଥିରୁ ୪ ୨ଟି ବ୍ୟକ୍ତିଗତ ଏବଂ ୧ ୬ଟି ସାମୁହିକ ଦରଖାସ୍ତର ଶୁଣାଣି ହୋଇଥିଲା । ଦୁଇ ଜଣଙ୍କୁ ବାର ହଜାର ଟଙ୍କାର ଆର୍ଥିକ ସହାୟତା ଜିଲ୍ଲାପାଳ ଆଜି ପ୍ରଦାନ କରିଥିଲେ । ଜିଲ୍ଲାପାଳ ସମସ୍ତ ଅଭିଯୋଗ ପତ୍ର ଗ୍ରହଣ କରି ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ନିକଟକୁ ପ୍ରେରଣ କରି ସେ ଗୁଡିକୁ ତଦନ୍ତ କରି ତୁରନ୍ତ ପଦକ୍ଷେପ ନେବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ । ବିଶେଷକରି ରାସ୍ତା, ପାନୀୟ ଜଳ ଯୋଗାଣ, ଗ୍ରାମକୁ ବିଦ୍ୟୁତ ଯୋଗାଣ, ଭତ୍ତା, ନେଟୱାର୍କ, କ୍ରୀଡା ଭିତ୍ତିଭୂମି ଉନ୍ନତି ନିମନ୍ତେ ଦରଖାସ୍ତ ଭଳି ବିଭିନ୍ନ ଦରଖାସ୍ତ ପଞ୍ଜିକରଣ ହୋଇଥିଲା । ଆଜିର ଏହି ଅଭିଯୋଗ ଶୁଣାଣି ଶିବିରରେ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ଶୁଭ୍ରସ୍ନାତ ରାଉତ, ସହକାରୀ ଜିଲ୍ଲାପାଳ ବିପିନ ଚନ୍ଦ୍ର ନାୟକ, ଦୀପାରାଣୀ ବେହେରା, ବିନୋଦ କୁମାର ଗମାଙ୍ଗ, ସାମାଜିକ ସୁରକ୍ଷା ଅଧିକାରୀ ରଞ୍ଜିତା କୁମାରୀ ବେହେରା, ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଧନଞ୍ଜୟ ବେହେରା, ଯୋଗାଣ ଅଧିକାରୀ ଲଳିତ କୁମାର ପଟନାୟକ, ଗୁଣପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ୱସ୍ତିକ ଜମାଦାର, ତହସିଲଦାର ଲୀଳାବତୀ ଆଚାର୍ଜି, ପୌର ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ନାୟକ, ଉପଖଣ୍ଡ ଆରକ୍ଷୀ ଅଧିକାରୀ ବାବୁଲି ନାୟକ, ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ, ଜିଲ୍ଲା ଶିକ୍ଷା ଅଧିକାରୀ ଭଜନ ଲାଲ ମାଝୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିନତୀ ଦେଓ ଓ ଜିଲ୍ଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ । ସହକାରୀ ଜିଲ୍ଲାପାଳ ତଥା ଅଭିଯୋଗ ଶୁଣାଣି ଅଧିକାରୀ ଶିବ ପ୍ରସାଦ ସାହୁ, ସେକ୍ସନ ଅଧିକାରୀ ଭାଡ଼ି ଶ୍ରୀନିବାସ ରାଓ, ବିନୋଦ ଶବର, ଜସ୍ମିନ ଦୋରା, ତପନ କୁମାର ରଥ ପ୍ରମୁଖ ପରିଚାଳନା କରିଥିବା ବେଳେ ଗୁଣପୁର ଆଦର୍ଶ ଥାନା ଅଧିକାରୀ କେକେବିକେ କହଁର ଓ ପୋଲିସ କର୍ମଚାରୀ ଆଇନ ଶୃଙ୍ଖଳା ରକ୍ଷା କରିଥିଲେ ।

# ଅଳିଆ ଗଦାରୁ ଜୀବନ ଖୋଜୁଛନ୍ତି ଶତାଧିକ ପରିବାର

- ପ୍ଲାଷ୍ଟିକ ଓ କାଚ ପାଲଟିଛି ଜୀବିକାର ଆଶା
- ୨୦୦ରୁ ଉର୍ଦ୍ଧ୍ୱ ପରିବାରଙ୍କ ବଞ୍ଚିବାର ରାହା

ରାୟଗଡ଼ା, ୧ ୨ ।୧ ୦ (ନିପ୍ର): ପ୍ଲାଷ୍ଟିକ ପରିବେଶ ଓ ସମାଜ ପାଇଁ ଅନୁକୂଳ ନୁହେଁ । ମାତ୍ର ଏହି ପ୍ଲାଷ୍ଟିକ ହିଁ ରାୟଗଡ଼ାର ଅନେକ ଗରିବ ପରିବାର ପାଇଁ ପାଲଟିଛି ବଞ୍ଚିବାର ସଞ୍ଜୀବନୀ । ସହରର ଗଳିକନ୍ଦି, ସାହିବସ୍ତି, ନାଳ ଓ ଅଳିଆ ଗଦାରୁ ପ୍ଲାଷ୍ଟିକ, କାଚ, ଲୁହା ଓ ଅନ୍ୟାନ୍ୟ ପୁନଃବ୍ୟବହାର ଯୋଗ୍ୟ ସାମଗ୍ରୀ ସଂଗ୍ରହ କରି ଜୀବନ ଓ ଜୀବିକା ଚଳାଉଛନ୍ତି ଶତାଧିକ ପରିବାର । ପରିବେଶବିତ୍‌ଙ୍କ ମତରେ, ସହରର ବିଭିନ୍ନ ସ୍ଥାନରୁ ଏହି ଅଦରକାରୀ ସାମଗ୍ରୀ ସଂଗ୍ରହ କରି ପୁନଃବ୍ୟବହାରର ବ୍ୟବସ୍ଥାକୁ ସହଯୋଗ କରୁଥିବା ଲୋକମାନେ ପରିବେଶ ସୁରକ୍ଷାରେ ମଧ୍ୟ ପରୋକ୍ଷ ଭାବେ ଭୂମିକା ନିଭାଉଛନ୍ତି । ତେଣୁ ସେମାନଙ୍କୁ 'ପରିବେଶ ବନ୍ଧୁ' ଭାବେ ମଧ୍ୟ ଅଭିହିତ କରାଯାଏ । ହେଲେ ପରିବେଶ ପାଇଁ ଏହି ଅବଦାନ ପଛରେ ଲୁଚି ରହିଛି ଅନେକ ପରିବାରର ଦାରିଦ୍ର୍ୟ ଓ ଜୀବନ ସଂଘର୍ଷର କରୁଣ କାହାଣୀ । ଖଣି ଖାଦାନର ଭୂସ୍ୱର୍ଗ ଭାବେ ପରିଚିତ ରାୟଗଡ଼ା ଜିଲ୍ଲା ଉପରେ ଦେଶବିଦେଶର ବୃହତ୍ କମ୍ପାନୀଙ୍କ ନଜର ରହିଛି । ଆଦିତ୍ୟ ବିର୍ଲା ଗ୍ରୁପ୍, ଆମ୍ବାନୀ, ଆଦାନୀ ଓ ବେଦାନ୍ତ ଭଳି ବୃହତ୍ ଶିଳ୍ପଗୋଷ୍ଠୀଙ୍କ ଶିଳ୍ପ ଓ ଖଣି କାରବାରକୁ ନେଇ ଜିଲ୍ଲାର ନାମ ଚର୍ଚ୍ଚାରେ ରହିଛି । କିନ୍ତୁ ଏହି ମାଟିରେ ରହୁଥିବା ଅନେକ ଲୋକଙ୍କ ଜୀବନ ଆଜି ବି ଦାରିଦ୍ର୍ୟର କଷାଘାତରେ । ପେଟ ପାଇଁ ସେମାନେ ପ୍ରତିଦିନ ସକାଳୁ ହାତରେ ବ୍ୟାଗ୍ ଧରି ଅଳିଆ ଗଦାରୁ ବଞ୍ଚିବାର ରାହା ଖୋଜି ବାହାରି ପଡ଼ନ୍ତି । ସକାଳ ହେବା ପୂର୍ବରୁ ଆରମ୍ଭ ହୁଏ ସେମାନଙ୍କ ଜୀବନ ସଂଘର୍ଷ । ସହରର ବାବୁମାନଙ୍କ ଘର ଦାଣ୍ଡରେ ଜମା ହୋଇଥିବା ଅଳିଆ କିମ୍ବା ଘର ପଛପଟେ ଫୋପାଡ଼ି ଦିଆଯାଇଥିବା ଅଦରକାରୀ କାଚ ଓ ପ୍ଲାଷ୍ଟିକ ସାମଗ୍ରୀକୁ ସଂଗ୍ରହ କରି ବ୍ୟାଗ୍‌ରେ ଭରନ୍ତି । ପରେ ଏହାକୁ ବିକ୍ରି କରି ମିଳୁଥିବା ଅଳ୍ପ ଟଙ୍କାରେ ପରିବାରର ଗୁଜରାଣ ମେଣ୍ଟାନ୍ତି । ପରିବାରର ସଦସ୍ୟମାନେ ସକାଳୁ ଅଲଗା ଅଲଗା ହୋଇ ସହରର ବିଭିନ୍ନ ଅଞ୍ଚଳକୁ ବାହାରି ପଡ଼ନ୍ତି । ସାହିର ଗଳି, ବାଡ଼ିପଟ, ଡ୍ରେନ୍ ଓ ଅଳିଆ ଗଦାରୁ ପ୍ଲାଷ୍ଟିକ ବୋତଲ, ପ୍ଲାଷ୍ଟିକ ଗ୍ଲାସ୍, ପାଣି ପାଉଚ୍, ଜରି, ଲୁହା ଖଣ୍ଡ ସମେତ ବିଭିନ୍ନ ଅଦରକାରୀ ସାମଗ୍ରୀ ସଂଗ୍ରହ କରି ବ୍ୟାଗ୍‌ରେ ଭରନ୍ତି । ଦିନ ଶେଷରେ ସେଗୁଡ଼ିକୁ ବିକ୍ରି କରି



ଯେତିକି ଟଙ୍କା ମିଳେ, ସେଥିରେ ହିଁ ଚଳେ ପରିବାରର ଚୁଲି । ବିଶେଷକରି ବିବାହ, ଜନ୍ମଦିନ, ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ କିମ୍ବା ରାଜନୈତିକ ସଭାସମିତି ଶେଷ ହେବା ପରେ ଏମାନଙ୍କ ବ୍ୟସ୍ତତା ବଢ଼ିଯାଏ । କାର୍ଯ୍ୟକ୍ରମ ସରିବା ପରଦିନ ସକାଳୁ ସେମାନେ ସେହି ସ୍ଥାନରେ ପହଞ୍ଚି ଫୋପାଡ଼ି ଦିଆଯାଇଥିବା ପ୍ଲାଷ୍ଟିକ ଗ୍ଲାସ୍, ପାଣି ବୋତଲ, ପାଉଚ୍ ଓ ଅନ୍ୟାନ୍ୟ ପୁନଃବ୍ୟବହାର ଯୋଗ୍ୟ ସାମଗ୍ରୀ ସଂଗ୍ରହ କରନ୍ତି । ଦିନ ତମାମ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ, ଏ ସାହିରୁ ସେ ସାହିକୁ ବୁଲିବୁଲି ଅଳିଆ ଭିତରୁ ମୂଲ୍ୟବାନ ସାମଗ୍ରୀ ଖୋଜନ୍ତି । ତାହାକୁ ବିକ୍ରି କରିଲେ ଯାଇ ପରିବାରର ଚୁଲି ଜଳେ । ଏଥିରେ ମଧ୍ୟ ସାମଗ୍ରୀ ଓଜନ କରିବା ସମୟରେ ସାହୁକାରଙ୍କ ନିକଟରେ ଠକାମିର ଶିକାର ହେବାକୁ ପଡୁଥିବା ହରି ହିୟାଲ କହିଛନ୍ତି । ଅଳିଆ ଭିତରେ ଦିନ କାଟୁଥିବା ଏହି ଲୋକମାନଙ୍କ ଜୀବନରେ ନାହିଁ ସୁରକ୍ଷା ନା ରହିଛି ନିୟମିତ ରୋଜଗାର । ତଥାପି ପରିବାରର ପେଟ ପାଇଁ ସେମାନେ ପ୍ରତିଦିନ ଅଳିଆ ଗଦାରେ ମୂଲ୍ୟ ଖୋଜନ୍ତି । ସମାଜ ଯାହାକୁ ଅଦରକାରୀ ବୋଲି ଫୋପାଡ଼ି ଦିଏ, ସେହି ସାମଗ୍ରୀ ହିଁ ଏମାନଙ୍କ ପାଇଁ ଜୀବନର ଆଶା ପାଲଟିଛି । ରାମ ନାୟକ ଓ ଲକ୍ଷ୍ମୀ ହିୟାଲଙ୍କ କହିବା ଅନୁଯାୟୀ, ଦିନ ତମାମ ପରିଶ୍ରମ କରି ଯଦି ପ୍ରାୟ ୨୦ କିଲୋଗ୍ରାମ ପ୍ଲାଷ୍ଟିକ ସଂଗ୍ରହ କରିପାରନ୍ତି, ତେବେ ସେମାନେ ପ୍ରାୟ ୪୦୦ ଟଙ୍କା ପାଇଥାନ୍ତି । ଏହି ଅଳ୍ପ ଆୟରେ ହିଁ ଦୁଇ ଓଳି ପେଟ ପୂରାଇବାକୁ ପଡ଼େ । ସେମାନଙ୍କ କହିବା ଅନୁଯାୟୀ, ରାୟଗଡ଼ା ଜିଲ୍ଲାରେ ୨୦୦ରୁ ଊର୍ଦ୍ଧ୍ୱ ପରିବାର ଏଭଳି ପୁନଃବ୍ୟବହାରଯୋଗ୍ୟ ସାମଗ୍ରୀ ସଂଗ୍ରହ କରି ଜୀବିକା ନିର୍ବାହ କରୁଛନ୍ତି । ଖରା ହେଉ କି ବର୍ଷା, ସେମାନଙ୍କ ପାଇଁ କିଛି ଫରକ ପଡ଼େ ନାହିଁ । ଯେତିକି ସଂଗ୍ରହ କରିବେ, ସେତିକି ଟଙ୍କା ପାଇବେ । ଏହି ପରିବାରଗୁଡ଼ିକର ଜୀବନ ଓ ଜୀବିକାର ସୁରକ୍ଷା ସହ ସ୍ୱାସ୍ଥ୍ୟ, ଶିକ୍ଷା ଓ ସାମାଜିକ ସୁରକ୍ଷା ଦିଗରେ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ଗୁରୁତ୍ୱ ଦେବା ଆବଶ୍ୟକ । ସହରକୁ ପରିଷ୍କାର ରଖିବାରେ ପରୋକ୍ଷ ଭାବେ ଭୂମିକା ନିଭାଉଥିବା ଏହି ଲୋକମାନଙ୍କୁ କେବଳ ଅଳିଆ ସଂଗ୍ରାହକ ଭାବେ ନୁହେଁ, ଏକ ଶ୍ରମଜୀବୀ ବର୍ଗ ଭାବେ ଦେଖି ସେମାନଙ୍କ ମୌଳିକ ଅଧିକାର ଓ ସୁରକ୍ଷା ନିଶ୍ଚିତ କରିବାର ସମୟ ଆସିଛି ।

### ସାଉଦି ଆରବରେ ବିମାନ ସେବା ଠପ୍

## ୧୫ ଶହ ଉଡ଼ାଣ ବାତିଲ, ଫସି ରହିଛନ୍ତି ତୀର୍ଥଯାତ୍ରୀ

**ରିୟାଦ,୧୨।୧୦:** ୟେମେନର ହୁତି ବିଦ୍ରୋହୀଙ୍କ ଆକ୍ରମଣ ମଧ୍ୟରେ ସାଉଦି ଆରବରେ ବିମାନ ଯାତ୍ରା ଗୁରୁତର ଭାବରେ ପ୍ରଭାବିତ ହୋଇଛି। ଦେଶର ତିନୋଟି ପ୍ରମୁଖ ବିମାନବନ୍ଦରରେ ସୋମବାର ବହୁ ସଂଖ୍ୟକ ବିମାନ ଚଳାଚଳ ବାତିଲ କରାଯାଇଛି। ଫଳରେ ସମ୍ପୃକ୍ତ ବିମାନ ବନ୍ଦରରେ ସଙ୍କଟ ଜନକ ସ୍ଥିତି ସୃଷ୍ଟି ହୋଇଛି। ଏହା ସାଧାରଣ ଯାତ୍ରୀ ଏବଂ ଉମରା ପାଇଁ ଯାଉଥିବା ତୀର୍ଥଯାତ୍ରୀ ଉଭୟଙ୍କୁ ପ୍ରଭାବିତ କରିଛି। ଅନେକ ଯାତ୍ରୀ ବିମାନବନ୍ଦରରେ ଫସି ରହିଛନ୍ତି। ଆନ୍ତର୍ଜାତୀୟ ବିମାନ ଚଳାଚଳ ମଧ୍ୟ ପ୍ରଭାବିତ ହୋଇଛି। ବିମାନ ଚଳାଚଳରେ ବାଧା ଧାର୍ମିକ ତୀର୍ଥଯାତ୍ରାକୁ ପ୍ରଭାବିତ କରିଛି। ବାଂଲାଦେଶ ପ୍ରବାସୀ କଲ୍ୟାଣ ମନ୍ତ୍ରଣାଳୟ ଅନୁଯାୟୀ, ଆକ୍ରମଣ ପରେ ପ୍ରାୟ ୫୦୦ ବାଂଲାଦେଶୀ ଯାତ୍ରୀ ରିୟାଦରେ ଫସି ରହିଛନ୍ତି। ସାଉଦି ବିମାନ ଚଳାଚଳ ଅଧିକାରୀମାନେ ରିପୋର୍ଟ କରିଛନ୍ତି ଯେ ଅକ୍ଟୋବର ୧୦ ତାରିଖରେ ହୋଇଥିବା ଆକ୍ରମଣରେ ୧୩ ଜଣଙ୍କର ମୃତ୍ୟୁ ହୋଇଥିଲା ଏବଂ ୩୦୦ ରୁ ଅଧିକ ଆହତ ହୋଇଥିଲେ। ଅକ୍ଟୋବର ୧୧ ତାରିଖରେ ହୋଇଥିବା ଆକ୍ରମଣରେ ଜଣେ ମୃତ୍ୟୁବରଣ କରିଥିଲେ ଏବଂ ୧୧ ଜଣ ଆହତ ହୋଇଥିଲେ। ଦମ୍ମାମ ବିମାନବନ୍ଦରକୁ ମଧ୍ୟ ଟାର୍ଗେଟ କରାଯାଇଥିଲା। ଫ୍ଲାଇଟ୍ ଟ୍ରାକିଂ ୱେବସାଇଟ୍‌ରୁ ମିଳିଥିବା ତଥ୍ୟ ଅନୁଯାୟୀ, ସୋମବାର ସକାଳ ପ୍ରାୟ ସାଢ଼େ ୫ଟା ସୁଦ୍ଧା ରିୟାଦର କିଙ୍ଗ୍ ଖାଲିଦ ଅନ୍ତର୍ଜାତୀୟ ବିମାନବନ୍ଦରରେ ୪୩୬ ବିମାନର ଉଡ଼ାଣ ବାତିଲ କରାଯାଇଥିଲା। ଏହା ଦିନର ନିର୍ଦ୍ଧାରିତ ବିମାନର ପ୍ରାୟ ୬୪ ପ୍ରତିଶତ। ଜେଦ୍ଦାର କିଙ୍ଗ୍ ଅବଦୁଲାଜିଜ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ୧୧୫ଟି ଉଡ଼ାଣ ବାତିଲ ହୋଇଥିବା ବେଳେ ଦମ୍ମାମର କିଙ୍ଗ୍ ଫାହଦ୍ ଅନ୍ତର୍ଜାତୀୟ ବିମାନବନ୍ଦରରେ ୬୩ଟି ଉଡ଼ାଣ ବାତିଲ ହୋଇଛି। ଅକ୍ଟୋବର ୧୧ରେ ରିୟାଦ ବିମାନବନ୍ଦରରେ ୬୫୫ଟି ଉଡ଼ାଣ ବାତିଲ ହୋଇଥିଲା, ଯାହା ନିର୍ଦ୍ଧାରିତ ସେବାର ପ୍ରାୟ ୯୮ ପ୍ରତିଶତ ଥିଲା। ଅକ୍ଟୋବର ୧୦ ତାରିଖରେ ହୋଇଥିବା ଆକ୍ରମଣ ପରେ, ସୁରକ୍ଷା କାରଣରୁ ବିମାନ ଚଳାଚଳକୁ ଅସ୍ଥାୟୀ ଭାବରେ ବନ୍ଦ କରାଯାଇଛି।

## ହୁତିଙ୍କ କ୍ଷେପଣାସ୍ତ୍ର ଆକ୍ରମଣ ଭୟ: ସାଉଦି ପ୍ରିନ୍ସ ଏମବିଏସଙ୍କ ସୁରକ୍ଷା କଡ଼ାକଡ଼ି

ରିୟାଦ, ୧୨/୧୦: ୟେମେନର ହୁତି ବିଦ୍ରୋହୀମାନେ ସାଉଦି ଆରବର ରାଜଧାନୀ ରିୟାଦରେ ଥିବା ବିମାନବନ୍ଦର ଉପରେ ଲଗାତାର ଦୁଇଦିନ ଧରି କ୍ଷେପଣାସ୍ତ୍ର ଆକ୍ରମଣ କରିଛନ୍ତି। ଏହା ଯୋଗୁଁ ଦେଶର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ସୁରକ୍ଷା ସହ ସାଉଦି ପ୍ରିନ୍ସ ମହମ୍ମଦ ବିନ୍ ସଲମାନ(ଏମବିଏସ)ଙ୍କ ସୁରକ୍ଷା ବିଷୟରେ ମଧ୍ୟ ଚିନ୍ତା ସୃଷ୍ଟି କରିଛି। ଫଳସ୍ୱରୂପ ତାଙ୍କ ସୁରକ୍ଷା ବୃଦ୍ଧି କରାଯାଇଛି। ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ଅନୁଯାୟୀ, ହୁତିଙ୍କ ଆକ୍ରମଣ ବୃଦ୍ଧି ପରେ ମହମ୍ମଦ ବିନ୍ ସଲମାନ ବଙ୍କର ମହଲକୁ ସ୍ଥାନାନ୍ତରିତ ହୋଇଛନ୍ତି। ତାଙ୍କ ସହିତ ଏକ ସ୍ୱତନ୍ତ୍ର ସୁରକ୍ଷା ଦଳ ଅଛନ୍ତି। ବିଶେଷକରି ଇଣ୍ଟରସେପ୍ଟର କ୍ଷେପଣାସ୍ତ୍ରର ଅଭାବ ସାଉଦି ଆରବର ଶକ୍ତି ଭିତ୍ତିଭୂମି ଏବଂ ରାଜପ୍ରାସାଦଗୁଡ଼ିକର ସୁରକ୍ଷାକୁ ନେଇ ଚିନ୍ତା ସୃଷ୍ଟି କରିଛି। ରିପୋର୍ଟରେ ଦାବି କରାଯାଇଛି ଯେ, ସାଉଦି ଆରବର ଯୁବରାଜଙ୍କୁ ଲୁଚି ରହିବାକୁ ବାଧ୍ୟ କରାଯାଇଛି। କାରଣ ହୁତିଙ୍କ କ୍ଷେପଣାସ୍ତ୍ର ରିୟାଦରେ ପହଞ୍ଚିଛି ଏବଂ ବାୟୁ ପ୍ରତିରକ୍ଷା ପ୍ରଣାଳୀ ସେବୁକୁ ପ୍ରତିହତ କରିବାରେ ବିଫଳ ହୋଇଛି। ରବିବାର ରାଜଧାନୀର ଅନ୍ତର୍ଜାତୀୟ ବିମାନବନ୍ଦର ଉପରେ ହୋଇଥିବା ଆକ୍ରମଣ ପରେ ଆଶଙ୍କା ଆହୁରି ବଢ଼ିଯାଇଛି। ଅଧିକାରୀମାନେ କହିଛନ୍ତି ଯେ, ୪୧ ବର୍ଷୀୟ ମହମ୍ମଦ ବିନ୍ ସଲମାନ ଗତ ଛଅ ଦିନ ଧରି ତାଙ୍କ ବଙ୍କର ଏବଂ କଡ଼ା ସୁରକ୍ଷାରେ ବଙ୍କର ଥିବା ପ୍ରାସାଦରେ ରହୁଛନ୍ତି।

## କଂଗ୍ରେସ ଓ ଇଣ୍ଡିଆମେଣ୍ଟ ସାଧାରଣ ଲୋକଙ୍କୁ ହଇରାଣ କରୁଛନ୍ତି: ଯୋଗୀ ଆଦିତ୍ୟନାଥ



ଲକ୍ଷ୍ନୌ, ୧୨/୧୦: ଉତ୍ତରପ୍ରଦେଶର ମୁଖ୍ୟମନ୍ତ୍ରୀଯୋଗୀ ଆଦିତ୍ୟନାଥ କଂଗ୍ରେସ ଉପରେ ତୀବ୍ର ଆକ୍ରମଣ କରି କହିଛନ୍ତି ଯେ, ଗତ କିଛି ଦିନ ଧରି ଦେଶର ରାଜଧାନୀ ଦିଲ୍ଲୀରେ ଲଗାତାର ଦେଖିବାକୁ ମିଳୁଛି ଯେ କଂଗ୍ରେସ ଓ ଇଣ୍ଡିଆ ମେଣ୍ଟ କେବଳ ସାଧାରଣ ଲୋକଙ୍କୁ ହଇରାଣ କରୁନାହାନ୍ତି, ବରଂ ଅବ୍ୟବସ୍ଥା ଓ ଅରାଜକତା ସୃଷ୍ଟି କରି ଦେଶର ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ମଧ୍ୟ କାଠଗଡ଼ାରେ ଠିଆ କରାଇବାକୁ ହୀନ ଉଦ୍ୟମ କରୁଛନ୍ତି। ପରିଚୟର ସଙ୍କଟ ସୃଷ୍ଟି କରିବା ଏବଂ ଦୁର୍ନୀତିପୂର୍ଣ୍ଣ ଉଦ୍ଦେଶ୍ୟ ଯୋଗୁଁ କଂଗ୍ରେସ ଓ ଏହାର ସହଯୋଗୀ ଦଳଗୁଡ଼ିକ ସେମାନଙ୍କ ବିଶ୍ୱସନୀୟତା ସମ୍ପୂର୍ଣ୍ଣ ହରାଇଛନ୍ତି। ସେମାନଙ୍କର ଏହି ଅରାଜନୈତିକ ଆଚରଣକୁ ଦେଶର ଜନସାଧାରଣ ଭଲ ଭାବରେ ଦେଖୁଛନ୍ତି। ଇଲେକ୍ଟ୍ରୋନିକ୍ ଗଣମାଧ୍ୟମର ପ୍ରତିନିଧିମାନଙ୍କ ସହ ଆଲୋଚନା ବେଳେ ମୁଖ୍ୟମନ୍ତ୍ରୀ ଯୋଗୀ କହିଛନ୍ତି, ଆଶ୍ଚର୍ଯ୍ୟର କଥା ହେଉଛି, ନିର୍ବାଚନ ଜିତିଲେ ଏମାନେ ନିଜର ପୁରୁଷାର୍ଥକୁ ଶ୍ରେୟ ଦିଅନ୍ତି, କିନ୍ତୁ ହାରିଗଲେ ଇଭିଏମ୍ ଓ ନିର୍ବାଚନ ଆୟୋଗକୁ ଦୋଷ ଦିଅନ୍ତି। ନ୍ୟାୟାଳୟ ଯଦି ମାମଲାର ଗୁଣବତ୍ତା ଓ ଯୋଗ୍ୟତା ଆଧାରରେ କୌଣସି ରାୟ ଦିଅନ୍ତି, ତେବେ ମାନ୍ୟବର ନ୍ୟାୟାଳୟଙ୍କୁ ମଧ୍ୟ କାଠଗଡ଼ାରେ ଠିଆ କରାଇବାକୁ ହୀନ ଉଦ୍ୟମ କରାଯାଏ। ଏପରିକି ବିଭିନ୍ନ ପ୍ରକାରର ଧମକ ଦେବାକୁ ମଧ୍ୟ ଚେଷ୍ଟା କରାଯାଏ। ଅନ୍ୟାନ୍ୟ ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ କାଠଗଡ଼ାରେ ଠିଆ କରାଇବା, ଗାଳିଗୁଲଜ କରିବା ଏବଂ ଅବ୍ୟବସ୍ଥା ସୃଷ୍ଟି କରିବା କଂଗ୍ରେସର ନିୟତିର ଅଂଶ ପାଲଟିଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କଂଗ୍ରେସ ନେତୃତ୍ୱ ବୁଝିବା ଉଚିତ ଯେ ଜନସାଧାରଣ କାହିଁକି ପ୍ରତିଥର ସେମାନଙ୍କୁ ପ୍ରତ୍ୟାଖ୍ୟାନ କରୁଛନ୍ତି। ୧୯୮୫ ପରଠାରୁ ଉତ୍ତରପ୍ରଦେଶରେ କଂଗ୍ରେସ ଆଉ କ୍ଷମତାକୁ ଫେରିପାରିନାହିଁ। ଉତ୍ତରପ୍ରଦେଶର ଜନସାଧାରଣ ୪୧ ବର୍ଷ ପୂର୍ବରୁ ହିଁ କଂଗ୍ରେସକୁ ବିଦାୟ ଦେଇଥିଲେ। ଦେଶର ଅନ୍ୟ ରାଜ୍ୟଗୁଡ଼ିକରେ ମଧ୍ୟ ଲୋକଙ୍କର କଂଗ୍ରେସ ପ୍ରତି ମୋହଭଙ୍ଗ ହୋଇଛି ଏବଂ ସେମାନେ ଏହାଠାରୁ ମୁକ୍ତି ପାଇଛନ୍ତି। କଂଗ୍ରେସ ନେତାମାନେ ନିଜର ଅକର୍ମଣ୍ୟ, ଦୁର୍ନୀତିଗ୍ରସ୍ତ ଏବଂ ଜନସାଧାରଣଙ୍କ ବିଶ୍ୱାସ ହରାଇଥିବା ନେତୃତ୍ୱକୁ ପରିବର୍ତ୍ତନ କରିବା ଉଚିତ। ଭାରତରେ ଅରାଜକତା ସୃଷ୍ଟି ନକରିବା ସହ ଦେଶର ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ କାଠଗଡ଼ାରେ ଠିଆ କରାଇବା ପାଇଁ ହୀନ ଉଦ୍ୟମରୁ ବିରତ ରହିବା ଆବଶ୍ୟକ ବୋଲି ଯୋଗୀ କହିଛନ୍ତି।

## ରାହୁଲଙ୍କୁ ଘେରିଲେ ଅନୁରାଗ ଠାକୁର

ନୂଆଦିଲ୍ଲୀ, ୧୨/୧୦: କଂଗ୍ରେସ ନେତା ରାହୁଲ ଗାନ୍ଧୀ ଦେଶରେ ଅସ୍ଥିରତା ଓ ବିଶୃଙ୍ଖଳା ସୃଷ୍ଟି କରିବା ସହ ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ଦୁର୍ବଳ କରିବାକୁ ଉଦ୍ୟମ କରୁଛନ୍ତି ବୋଲି ସୋମବାର ଅଭିଯୋଗ କରିଛନ୍ତି ବିଜେପି ସାଂସଦ ଅନୁରାଗ ଠାକୁର। ଭୋଟ୍ ଚୋରି ଅଭିଯୋଗ ଉଠାଇ ରାହୁଲ ଜନସାଧାରଣଙ୍କ ନିର୍ବାଚନୀ ଜନାଦେଶକୁ ପ୍ରଶ୍ନ କରୁଛନ୍ତି ଏବଂ ଏହାଦ୍ୱାରା ବିଶ୍ୱସ୍ତରରେ ଭାରତର ଭାବମୂର୍ତ୍ତି କ୍ଷୁଣ୍ଣ ହେଉଛି ବୋଲି ସେ କହିଛନ୍ତି। ସୋମବାର ନୂଆଦିଲ୍ଲୀସ୍ଥିତ ବିଜେପି ମୁଖ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଠାକୁର ଏହି ଅଭିଯୋଗ ଆଣିଥିଲେ। ବିରୋଧୀ ଦଳର ଜଣେ ନେତାଙ୍କଠାରୁ ଏଭଳି ଆଚରଣ ପୂର୍ବରୁ ଦେଖିବାକୁ ମିଳିନାହିଁ ବୋଲି ସେ କହିବା ସହ ରାହୁଲଙ୍କ ରାଜନୈତିକ ଶୈଳୀକୁ ସମାଲୋଚନା କରିଥିଲେ। ରାହୁଲ ବାରମ୍ବାର ନିର୍ବାଚନ ଆୟୋଗ, ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍) ଏବଂ ମୁଖ୍ୟ ନିର୍ବାଚନ କମିସନର (ସିଇସି)ଙ୍କୁ ଦୋଷ ଦେଉଛନ୍ତି ବୋଲି ଠାକୁର ଅଭିଯୋଗ କରିଥିଲେ।

## ବିଶ୍ୱ ତାପମାତ୍ରାରେ ୧.୫ ଡିଗ୍ରୀ ବୃଦ୍ଧି

**ନୂଆଦିଲ୍ଲୀ, ୧୨/୧୦:** ୨୦୨୬ ସେପ୍ଟେମ୍ବର ବିଶ୍ୱରେ ଦ୍ୱିତୀୟ ଉତ୍ତପ୍ତ ସେପଟ୍ଟେମ୍ବର ଭାବେ ପରିଗଣିତ ହୋଇଛି। କ୍ରମାଗତ ଦ୍ୱିତୀୟ ମାସ ପାଇଁ ବିଶ୍ୱର ତାପମାତ୍ରା ଶିଳ୍ପ ବିପ୍ଳବ ପୂର୍ବ ସମୟର ହାରାହାରି ତାପମାତ୍ରାଠାରୁ ୧.୫ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ରହିଛି। ୟୁରୋପୀୟ ସଂଘର କୋପର୍ନିକସ୍ ଜଳବାୟୁ ପରିବର୍ତ୍ତନ ସେବା ପକ୍ଷରୁ ଏହି ତଥ୍ୟ ପ୍ରଦାନ କରାଯାଇଛି । ଏଥିରେ କୁହାଯାଇଛି, ସେପ୍ଟେମ୍ବରରେ ବିଶ୍ୱର ତାପମାତ୍ରା ଶିଳ୍ପ ବିପ୍ଳବ ପୂର୍ବ ସମୟର ହାରାହାରି ସ୍ତରଠାରୁ ୧.୬୩ ଡିଗ୍ରୀ ସେଲସିୟସ୍ ଅଧିକ ରହିଥିଲା। ଅଗଷ୍ଟରୁ ଆରମ୍ଭ ହୋଇଥିବା ୧.୫ ଡିଗ୍ରୀ ସେଲସିୟସ୍‌ରୁ ଅଧିକ ତାପମାତ୍ରା ସେପ୍ଟେମ୍ବରରେ ମଧ୍ୟ ବଳବତ୍ତର ରହିଛି । ଏହି ଧାରା ୨୦୨୭ ପର୍ଯ୍ୟନ୍ତ ଜାରି ରହିପାରେ ବୋଲି ଆଶା କରାଯାଉଛି। ବିଶ୍ୱ ପରିବେଶ ଉପରେ ଏଲ୍ ନିନୋ ପ୍ରଭାବ ଅଧିକ ଶକ୍ତିଶାଳୀ ହେଉଥିବାରୁ ସେପ୍ଟେମ୍ବର ମାସର ହାରାହାରି ସମୁଦ୍ର ପୃଷ୍ଠ ତାପମାତ୍ରା ସର୍ବକାଳୀନ ରେକର୍ଡ ସ୍ତରରେ ପହଞ୍ଚିଛି।

## କଂଗ୍ରେସ ସାଂସଦଙ୍କ ନାଁରେ ଏତଲା ରୁଜୁ

ନୂଆଦିଲ୍ଲୀ, ୧୨/୧୦: ଯୌନ ନିର୍ଯାତନା ଅଭିଯୋଗରେ ଚାକିରିରୁ ବହିଷ୍କାର ହୋଇଥିବା ଜବାହରଲାଲ ନେହରୁ ବିଶ୍ୱବିଦ୍ୟାଳୟ (ଜେଏନୟୁ) ପ୍ରଫେସର ତଥା କଂଗ୍ରେସ ସାଂସଦ ଅଙ୍ଗୋମଚା ବିମୋଲ ଆକୋଇଜାମଙ୍କ ବିରୋଧରେ ଦିଲ୍ଲୀ ପୁଲିସ ଏତଲା ରୁଜୁ କରିଛି। ଜେଏନ୍‌ୟୁର ମୁଖ୍ୟ ସୁରକ୍ଷା ଅଧିକାରୀ (ସିଏସ୍‌ଓ) ଦାଖଲ କରିଥିବା ଅଭିଯୋଗ ଓ ଦସ୍ତାବିଜକୁ ଆଧାର କରି ରବିବାର ବସନ୍ତ କୁଞ୍ଜ ଉତ୍ତର ପୁଲିସ ଷ୍ଟେସନରେ କଂଗ୍ରେସର ମଣିପୁର ସାଂସଦଙ୍କ ବିରୋଧରେ ଏତଲା ଦାଖଲ କରାଯାଇଛି। ଦୁଇ ଦିନ ତଳେ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆକୋଇଜାମ୍‌ଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ବିଶ୍ୱବିଦ୍ୟାଳୟ ଆଭ୍ୟନ୍ତରୀଣ କମିଟି ଏହି ଅଭିଯୋଗର ତଦନ୍ତ କରି ପ୍ରଫେସରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସୁପାରିସ୍ କରିଥିଲା। ସାମାଜିକ ବିଜ୍ଞାନ ବିଭାଗ ଅଧୀନରେ ଥିବା ‘ସେଣ୍ଟର ଫର ଦି ଷ୍ଟଡି ଅଫ୍ ସୋସିଆଲ ସିଷ୍ଟମ୍ସ’ର ଏହି ପ୍ରଫେସରଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆସିଥିଲା। ଭାରତୀୟ ନ୍ୟାୟ ସଂହିତା ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି।

## କ୍ୟାନ୍ସର ଔଷଧ ୭୦% ପର୍ଯ୍ୟନ୍ତ ହେବ ଶସ୍ତା



**ନୂଆଦିଲ୍ଲୀ, ୧୨/୧୦:** ଶସ୍ତା ହେବ କ୍ୟାନ୍ସର ଔଷଧ। କର୍କଟ ରୋଗ ଭଳି ଗମ୍ଭୀର, ମାରାତ୍ମକ ଏବଂ ଜୀବନଘାତକ ରୋଗ ସହିତ ଲଢୁଥିବା ରୋଗୀ ଏବଂ ସେମାନଙ୍କ ପରିବାର ପାଇଁ ଆଶ୍ୱସ୍ତି ଖବର ସାମ୍ନାକୁ ଆସିଛି। କେନ୍ଦ୍ର ସରକାର ସୁପ୍ରିମକୋର୍ଟକୁ ସୂଚନା ଦେଇଛନ୍ତି ଯେ କର୍କଟ ଔଷଧ ଉପରେ ଅତ୍ୟଧିକ ଲାଭ ନିୟନ୍ତ୍ରଣ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଉଦ୍ଦେଶ୍ୟ ହେଉଛି କମ୍ପାନୀ ଏବଂ ବିକ୍ରେତାମାନଙ୍କର ଅତ୍ୟଧିକ ଲାଭକୁ ରୋକିବା, ରୋଗୀମାନଙ୍କୁ ସୁଲଭ ମୂଲ୍ୟରେ ଔଷଧ ପାଇବାକୁ ସୁନିଶ୍ଚିତ କରିବା ଏବଂ ବ୍ୟବସାୟଗୁଡ଼ିକୁ ସୁଲଭ ଲାଭ ବଜାୟ ରଖିବା ନିଶ୍ଚିତ କରିବା। ସୁପ୍ରିମକୋର୍ଟରେ କେନ୍ଦ୍ର ସରକାରଙ୍କ ପ୍ରତିନିଧିତ୍ୱ କରି ସଲିସିଟର ଜେନେରାଲ ତୁଷାର ମେହଟ୍ଟା କହିଛନ୍ତି ଯେ ସରକାର ଖୁବ୍ ଶୀଘ୍ର ୩୦% ବାଣିଜ୍ୟ ମାର୍ଜିନ୍ ସୀମା ସହିତ କର୍କଟ ଔଷଧର ଏକ ସରକାରୀ ତାଲିକା ପ୍ରକାଶ କରିବେ।

## ସେନ୍‌ସେକ୍ସ ୫୪୮ ପଏଣ୍ଟ ଖସିଲା



ମୁମ୍ବାଇ, ୧୨/୧୦: ବିଦେଶୀ ନିବେଶକ ଇକ୍ୱିଟି ସେୟାର ବିକ୍ରି ଜାରି ରଖିଥିବାରୁ ଦେଶର ଦୁଇ ଷ୍ଟକ୍ ବଜାର ଉପରେ ଚାପ ରହିଛି। ଆଜି ଉଭୟ ବଜାରରେ କାରବାର ଅସ୍ଥିର ଥିଲା। ତେବେ କାରବାର ଶେଷ ବେଳକୁ ସେଥିରେ ସୁଧାର ହୋଇଥିଲା। ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜର ସେନ୍‌ସେକ୍ସ ୫୪୭.୬୫ ପଏଣ୍ଟ ହ୍ରାସ ପାଇ ୭୧,୯୨୪.୬୮ ପଏଣ୍ଟରେ ବନ୍ଦ ହୋଇଥିଲା। ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜର ନିଫ୍ଟି ୧୫୭.୧୦ ପ୍ରତିଶତ ହ୍ରାସ ପାଇ ୨୨,୩୬୩.୩୫ ପଏଣ୍ଟରେ ବନ୍ଦ ହୋଇଥିଲା। ବିଦେଶୀ ନିବେଶକମାନେ ଅକ୍ଟୋବରରେ ଭାରତୀୟ ଇକ୍ୱିଟି ବଜାରରୁ ୪୪ ହଜାର କୋଟି ଟଙ୍କା ପ୍ରତ୍ୟାହାର କରିଛନ୍ତି। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ସେମାନେ ୩ ଲକ୍ଷ କୋଟି ଟଙ୍କାରୁ ଅଧିକ ପାଣ୍ଠି ନେଇସାରିଲେଣି। ଆମେରିକା ବଣ୍ଡର ୟିଲ୍‌ଡ ଅଧିକ ରହିବା, ଅଶୋଧିତ ତୈଳ ଦର ଉଚ୍ଚା ରହୁଥିବାରୁ ବିଦେଶୀ ନିବେଶକମାନେ ଭାରତରୁ ପାଣ୍ଠି ପ୍ରତ୍ୟାହାର କରୁଥିବା ବିଶେଷଜ୍ଞମାନେ କହିଛନ୍ତି। ୨୦୨୫ରେ ବିଦେଶୀ ନିବେଶକମାନେ ମୋଟ୍ ୧.୬୬ ଲକ୍ଷ କୋଟି ଟଙ୍କା ପ୍ରତ୍ୟାହାର କରିଥିଲେ। ଚଳିତ ବର୍ଷ ଶେଷ ହେବାକୁ ଆହୁରି ଅଢ଼େଇ ମାସ ବାକି ଥିବା ବେଳେ ସେମାନେ ତାହାର ଦୁଇ ଗୁଣା ପାଖାପାଖି ପାଣ୍ଠି ଉଠାଇ ନେଲେଣି।

## ସିଜେଆଇଙ୍କ ଇସ୍ତଫା ଦାବିକଲା କଂଗ୍ରେସ

ନୂଆଦିଲ୍ଲୀ, ୧୨/୧୦: କଂଗ୍ରେସ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି(ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ଇସ୍ତଫା ଦାବି କରିଛି। ଯଦି ଆଇନ କାନୁନ ବ୍ୟବସ୍ଥା ସମ୍ଭାଳିବା ତାଙ୍କ ଦାୟିତ୍ୱ ନୁହେଁ, ତେବେ ସେ ଇସ୍ତଫା ଦେଇଦିଅନ୍ତୁ ବୋଲି କେରଳ କଂଗ୍ରେସ ଦାବି କରିଛି। ତାଙ୍କ ସ୍ଥାନରେ ଆଉ ଜଣେ ବ୍ୟକ୍ତିଙ୍କୁ ଖୋଜା ଯିବ ଯିଏ କି ଆଇନ କାନୁନ ସମ୍ଭାଳି ପାରିବ ବୋଲି କହିଛି। ସୂଚନାଯୋଗ୍ୟ, ସିଜେଆଇ ନିକଟରେ କହିଥିଲେ ଯେ, ଦିଲ୍ଲୀରେ ବର୍ତ୍ତମାନର ବିରୋଧ ପ୍ରଦର୍ଶନ ଯୋଗୁ ଦେଖାଯାଇଥିବା ସ୍ଥିତି ତାଙ୍କ ଅଧିକାର କ୍ଷେତ୍ରରେ ଆସୁନାହିଁ। ଏହା ଆଇନ କାନୁନ ପ୍ରସଙ୍ଗ। ନ୍ୟୁଜ ଏଜେନ୍ସି ପିଟିଆଇ ଏହି ଖବରକୁ ନେଇ ଏକ ପୋଷ୍ଟ କରିଥିଲା। ସେହି ପୋଷ୍ଟକୁ ସେୟାର କରି କେରଳ କଂଗ୍ରେସ ସିଜେଆଇଙ୍କ ଇସ୍ତଫା ଦାବି କରିଛି। କେନ୍ଦ୍ର ମନ୍ତ୍ରୀ କିରେନ୍ ରିଜିଜୁ କେରଳ କଂଗ୍ରେସର ସାମାଜିକ ଗଣମାଧ୍ୟମ ପୋଷ୍ଟର କଡ଼ା ଜବାବ ଦେଇଛନ୍ତି।

### ୟୁକ୍ରେନ୍ ସହ ଯୁଦ୍ଧକୁ ନେଇ ନାଟୋ ଅଧିକାରୀଙ୍କ ସୂଚନା

## ମାସକରେ ରୁଷର ୫୦ ହଜାର ମୃତ

ନୂଆଦିଲ୍ଲୀ,୧୨।୧୦: ରୁଷ-ୟୁକ୍ରେନ୍ ଯୁଦ୍ଧ ଥମିବାର ନାଁ ଧରୁନି। ଦିନକୁ ଦିନ ଆହୁରି ଭୟଙ୍କର ହେବାରେ ଲାଗିଛି। ଜଣେ ବରିଷ୍ଠ ନାଟୋ ଅଧିକାରୀଙ୍କ ଅନୁସାରେ, ମାସକରେ ବା ସେପଟ୍ଟେମ୍ବରରେ ରୁଷର ପ୍ରାୟ ୫୦ ହଜାର ଲୋକଙ୍କର ମୃତ୍ୟୁ ହୋଇଛି। ତା ଭିତରେ ୨୮ ହଜାର ସୈନିକ ରହିଛନ୍ତି। ଏହି ସଂଖ୍ୟା ୟୁକ୍ରେନ୍ ସେନା ଦ୍ୱାରା କରାଯାଉଥିବା ବଡ଼ କ୍ଷତିକୁ ଦର୍ଶାଉଛି। ସେହି ସମୟ ମଧ୍ୟରେ ୟୁକ୍ରେନରେ ପ୍ରାୟ ୫୦୦୦ ଲୋକ ମୃତାହତ ହୋଇଥିଲେ। ବ୍ଲୁମବର୍ଗରେ ମଧ୍ୟ ଏହି ରିପୋର୍ଟ ପ୍ରକାଶ ପାଇଛି। ତେବେ ରୁଷ ପକ୍ଷରୁ ଏନେଇ କୌଣସି ସୂଚନା ଦିଆଯାଇ ନାହିଁ। ନାଟୋ ଅଧିକାରୀଙ୍କ ଅନୁଯାୟୀ, ରୁଷିଆ ସେନା ଆଗେଇବା ପାଇଁ ନିଜ ସୈନିକମାନଙ୍କୁ ଏଭଳି ଅଞ୍ଚଳ ବା କିଲ୍ ଜୋନ୍‌କୁ ପଠାଉଛି, ଯେଉଁଠି ୟୁକ୍ରେନ ପକ୍ଷରୁ ସଶସ୍ତ୍ର ଡ୍ରୋନ, ଲ୍ୟାଣ୍ଡମାଇନ୍ ଏବଂ ଭାରୀ ଗୁଳିବର୍ଷା କରାଯାଉଛି। ଏହି କାରଣରୁ ହାର ବହୁତ ଅଧିକ ବୋଲି କୁହାଯାଉଛି। ରୁଷିଆ ତୁଳନାରେ ୟୁକ୍ରେନ ସେନାର କ୍ଷତି ଯଥେଷ୍ଟ କମ୍ ହୋଇଛି। ୟୁକ୍ରେନର ପ୍ରାୟ ୫,୦୦୦ ସୈନିକ ମୃତାହତ ହୋଇଥିବା ନାଟୋ ଆକଳନ କରିଛି। ଅର୍ଥାତ ରୁଷିଆର କ୍ଷତି ୟୁକ୍ରେନ ତୁଳନାରେ ପ୍ରାୟ ୧୦ ଗୁଣ ଅଧିକ। ଯୁଦ୍ଧରେ ରୁଷର ସାମରିକ ଖର୍ଚ୍ଚ ଯଥେଷ୍ଟ ବୃଦ୍ଧି ପାଇଛି, ଏହି ବର୍ଷ ମୂଳ ଯୋଜନା ଅପେକ୍ଷା ପ୍ରାୟ ୪୦ ପ୍ରତିଶତ ଅଧିକ ହେବ ବୋଲି ଆକଳନ କରାଯାଇଥିଲା।

## ସୁଦାନର ସୁନା ଖଣି ଉପରେ ଏୟାର ଷ୍ଟ୍ରାଇକ୍‌ରେ ୭୨ ଶ୍ରମିକଙ୍କ ମୃତ୍ୟୁ



ଖାର୍ତୁମ୍, ୧୨/୧୦: ସୁଦାନରେ ଏକ ସୁନା ଖଣି ଉପରେ ହୋଇଥିବା ଏୟାର ଷ୍ଟ୍ରାଇକ୍‌ରେ ୭୨ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଅନେକ ଗୁରୁତର ଆହତ ହୋଇଛନ୍ତି। ସୁଦାନ ଏବଂ ମିଶର ମଧ୍ୟରେ ଥିବା ବିବାଦୀୟ ସୀମା ନିକଟରେ ଏୟାର ଷ୍ଟ୍ରାଇକ୍ ହୋଇଥିବା କୁହାଯାଉଛି। ଇମରଜେନ୍ସି ଲୟାର୍ସ ନାମକ ଏକ ସଂଗଠନ ପକ୍ଷରୁ ଗଣମାଧ୍ୟମକୁ କୁହାଯାଇଛି, ଏୟାର ଷ୍ଟ୍ରାଇକ୍ ଇଜିପ୍ଟର ବାୟୁସେନା ଦ୍ୱାରା କରାଯାଇଥିଲା। ତେବେ ସଂଗଠନ ନିଜର ଦାବିକୁ ସମର୍ଥନ କରିବା ପାଇଁ କୌଣସି ସ୍ପଷ୍ଟ ପ୍ରମାଣ ପ୍ରଦାନ କରିନାହିଁ। ଇଜିପ୍ଟ ଏପର୍ଯ୍ୟନ୍ତ ଏହି ଘଟଣା ଉପରେ କୌଣସି ବିବୃତି ଜାରି କରିନାହିଁ। ବିମାନ ଆକ୍ରମଣରୁ ବଞ୍ଚିଯାଇଥିବା ଲୋକଙ୍କ ଅନୁସାରେ ସେମାନେ ଆକ୍ରମଣ ନେଇ ଭୟଭୀତ ହୋଇଯାଇଥିଲେ। ସେମାନେ ଭୟ କରିଥିଲେ ଯେ ଆଉ ଏକ ବିମାନ ଆକ୍ରମଣ ହୋଇପାରେ। ତେଣୁ ସେମାନେ ପାହାଡ଼ରେ ଲୁଚି ରହିଥିଲେ। ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି, ଲଢୁଆ ବିମାନ ଖଣି ଉପରେ ପାଞ୍ଚ ଥର ବୋମାମାଡ଼ କରିଥିଲା। ଆକ୍ରମଣ ପରେ ପ୍ରାରମ୍ଭିକ ଗଣମାଧ୍ୟମ ରିପୋର୍ଟରେ ମୃତ୍ୟୁ ସଂଖ୍ୟା ୭୨ ବୋଲି କୁହାଯାଇଥିଲା, କିନ୍ତୁ ସ୍ଥାନୀୟ ସଂଗଠନଗୁଡ଼ିକ ଅନୁମାନ କରୁଛନ୍ତି ଯେ ଆକ୍ରମଣ ସମୟରେ ହଜାରରେ ଅଧିକ ଲୋକ ଭିନ୍ନ ଭିନ୍ନ ସ୍ଥାନରେ କାମ କରୁଥିଲେ, ତେଣୁ ମୃତାହତଙ୍କ ସଂଖ୍ୟା ବହୁ ଅଧିକ ହେବାର ଆଶଙ୍କା ରହିଛି। କାମ କରୁଥିବା ଶ୍ରମିକ ଭୟରେ ଏଣେତେଣେ ଦୌଡ଼ି ପଳାଇଥିଲେ। ରାସ୍ତାରେ ବହୁ ସଂଖ୍ୟକ କ୍ଷତବିକ୍ଷତ ମୃତଦେହ ପଡ଼ିରହିଥିବା ଗଣମାଧ୍ୟମ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହା ପୂର୍ବରୁ ଜୁନ୍ ମାସରେ ମିଶର ସୀମା ନିକଟସ୍ଥ ଜାବାଲ୍ ଅଲ୍-ଉକାୟଦାତ୍ ଅଞ୍ଚଳରେ ଏକ ଅଣଲାଇସେନ୍ସପ୍ରାପ୍ତ ସୁନା ଖଣି ଉପରେ ଏୟାର ଷ୍ଟ୍ରାଇକ୍ ହୋଇଥିଲା। ଆକ୍ରମଣ ପାଇଁ ମିଶରକୁ ଦାୟୀ କରାଯାଇଥିଲା। ସୁଦାନ ଏବଂ ମିଶର ମଧ୍ୟରେ ସୀମା ବିବାଦ ରହିଛି, ଉଭୟ ଦେଶ ଖଣିଜ ସମ୍ପଦରେ ସମୃଦ୍ଧ ଥିବା ହଲେବ ତ୍ରିଭୁଜକୁ ନିଜର ବୋଲି ଦାବି କରୁଛନ୍ତି।

## ୨୦୩୧ ସୁଦ୍ଧା ୧୦୦ ସହରକୁ ଭିକ୍ଷାମୁକ୍ତ କରିବା ଲକ୍ଷ୍ୟ

ନୂଆଦିଲ୍ଲୀ,୧୨/୧୦: ଦେଶକୁ ଭିକ୍ଷାବୃତ୍ତି ମୁକ୍ତ କରିବା ଦିଗରେ କେନ୍ଦ୍ର ସରକାର ଆରମ୍ଭ କରିଛନ୍ତି ନୂଆ ପଦକ୍ଷେପ। ୨୦୩୧ ସୁଦ୍ଧା ଦେଶର ୧୦୦ଟି ସହରକୁ ଭିକ୍ଷାମୁକ୍ତ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ଯୋଜନା ଅଧୀନରେ ଏବେ ସୁଦ୍ଧା ୪୫ ହଜାରରୁ ଅଧିକ ଲୋକଙ୍କୁ ଚିହ୍ନଟ କରାଯାଇଥିବାବେଳେ ୧୩ ହଜାରରୁ ଅଧିକ ଲୋକଙ୍କୁ ପୁନର୍ବାସ ସହାୟତା ଦିଆଯାଉଛି।କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ଦିଲ୍ଲୀ ସରକାରଙ୍କ ସମାଜ କଲ୍ୟାଣ ବିଭାଗର ସହଯୋଗରେ ‘ଭିକ୍ଷାବୃତ୍ତି ମୁକ୍ତ ଭାରତ, ଭିକ୍ଷାବୃତ୍ତି ମୁକ୍ତ ଦିଲ୍ଲୀ ଆଡ଼କୁ ଅଗ୍ରସର’ ଶୀର୍ଷକ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏଥିରେ କେନ୍ଦ୍ରମନ୍ତ୍ରୀ ବୀରେନ୍ଦ୍ର କୁମାର ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ଯୋଗଦେବେ। ନୂଆଦିଲ୍ଲୀର ଡକ୍ଟର ଆମ୍ବେଦକର ଇଣ୍ଟରନ୍ୟାସନାଲ ସେଣ୍ଟରରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହେବ। ଏହାର ଉଦ୍ଦେଶ୍ୟ ହେଉଛି ଭିକ୍ଷାବୃତ୍ତିରେ ଜଡ଼ିତ ଲୋକଙ୍କୁ କେବଳ ରାସ୍ତାରୁ ହଟାଇବା ନୁହେଁ, ବରଂ ସେମାନଙ୍କୁ ସମ୍ମାନଜନକ ଜୀବନ ଓ ଜୀବିକା ଯୋଗାଇବା ସହ ସମାଜର ମୁଖ୍ୟସ୍ରୋତକୁ ଫେରାଇ ଆଣିବା।କେନ୍ଦ୍ର ସରକାର ‘ସ୍ମାଇଲ୍’ ଯୋଜନା ଅଧୀନରେ ଭିକ୍ଷାବୃତ୍ତିରେ ଜଡ଼ିତ ଲୋକଙ୍କ ପୁନର୍ବାସ ଏବଂ ଆର୍ଥିକ-ସାମାଜିକ ସଶକ୍ତୀକରଣ ଉପରେ ଗୁରୁତ୍ୱ ଦେଉଛନ୍ତି। ଏହି ଯୋଜନା ବର୍ତ୍ତମାନ ୩୩ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୨୧୬ଟି ସହରରେ କାର୍ଯ୍ୟକାରୀ ହେଉଛି। ମନ୍ତ୍ରଣାଳୟର ସୂଚନା ଅନୁସାରେ, ଯୋଜନା ଅଧୀନରେ ୪୫,୦୭୩ ଜଣଙ୍କୁ ଚିହ୍ନଟ କରାଯାଇଛି। ସେଥିମଧ୍ୟରୁ ୧୩,୧୩୪ ଜଣଙ୍କୁ ପୁନର୍ବାସ ସହାୟତା ମିଳୁଛି। ଏହି ପଦକ୍ଷେପ ମାଧ୍ୟମରେ ଭିକ୍ଷାବୃତ୍ତି ପଛରେ ଥିବା ମୌଳିକ ସମସ୍ୟାଗୁଡ଼ିକର ସମାଧାନ ସହ ଲୋକଙ୍କୁ ସ୍ୱାବଲମ୍ବୀ କରିବାକୁ ଉଦ୍ୟମ କରାଯାଉଛି।

## ଦିଲ୍ଲୀ ପୁଲିସକୁ ୨୪ ଘଣ୍ଟିଆ ମହଲତ ଦେଲା ସିଜେପି

### ପ୍ରତିବାଦ ତାରିଖ ଏବଂ ସମୟ ସ୍ଥିର କରିବା ପାଇଁ ଆବେଦନ




ନୂଆଦିଲ୍ଲୀ, ୧୨/୧୦: କକ୍ରୋଚ୍ ଜନତା ପାର୍ଟି (ସିଜେପି)ର ଜାତୀୟ ମୁଖପାତ୍ର ସୌରଭ ଦାସ ଏବଂ ଆଶୁତୋଷ ରାଙ୍କା ସେମାନଙ୍କ ସମର୍ଥକମାନଙ୍କ ସହିତ ପାର୍ଲିଆମେଣ୍ଟ ଷ୍ଟ୍ରିଟ୍ ପୁଲିସ ଷ୍ଟେସନରେ ପହଞ୍ଚିଛନ୍ତି। ସେମାନେ ଜନ୍ତର ମନ୍ତରରେ ପ୍ରସ୍ତାବିତ ପ୍ରତିବାଦ ପାଇଁ ତାରିଖ ଦାବି କରିଛନ୍ତି ଏବଂ ଦିଲ୍ଲୀ ପୁଲିସକୁ ପ୍ରତିକ୍ରିୟା ଦେବା ପାଇଁ ୨୪ ଘଣ୍ଟା ସମୟ ଦେଇଛନ୍ତି। ସୌରଭ ଦାସ କହିଛନ୍ତି, ପ୍ରତିବାଦର ତାରିଖ ଏବଂ ସମୟ ସ୍ଥିର କରିବାର ନିଷ୍ପତ୍ତି ପୁଲିସ ଉପରେ ଆମେ ଛାଡି ଦେଇଛୁ। ପୁଲିସ ସମସ୍ତଙ୍କୁ ୧୦ ଦିନ ପୂର୍ବରୁ ସେମାନଙ୍କ ସହିତ ଯୋଗାଯୋଗ କରିବାକୁ କହୁଛି। ଏବେ ଆମେ କହୁଛୁ ଯେ, ଜନ୍ତର ମନ୍ତରରେ ପ୍ରତିବାଦ ପାଇଁ ତାରିଖ ଏବଂ ସମୟ ସ୍ଥିର କରିବା ସେମାନଙ୍କର ନିଷ୍ପତ୍ତି। ଆମେ ସେମାନଙ୍କୁ ୨୪ ଘଣ୍ଟାର ଅଲ୍ଟିମେଟମ୍ ଦେଉଛୁ। ଆଶୁତୋଷ ରାଙ୍କା କହିଛନ୍ତି, ଦିଲ୍ଲୀ ପୁଲିସକୁ ପ୍ରତିବାଦ ପାଇଁ ତାରିଖ ମାଗିଛୁ। ଆଶା ପ୍ରକାଶ କରୁଛି ଯେ, କର୍ତ୍ତୃପକ୍ଷ ଉତ୍ତର ଦେବେ। ସୌରଭ ଦାସ କହିଛନ୍ତି, ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରତିବାଦ କରିବାରେ କ’ଣ ଅସୁବିଧା ହୋଇପାରେ ? ଦିଲ୍ଲୀ ପୁଲିସ ଆମ ସହିତ କଥା ହେବା ଉଚିତ। ପୁଲିସ ଯେଉଁଭଳି ଭାବରେ ସମଗ୍ର ସହରକୁ ଅବରୋଧ କରୁଛି ତାହା ଲୋକଙ୍କ ପାଇଁ ବହୁତ ଅସୁବିଧାର କାରଣ ପାଲଟୁଛି। ବ୍ୟବସାୟୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଦୋକାନ ବନ୍ଦ ହେଉଛି, ଏବଂ ବର୍ତ୍ତମାନ ଉତ୍ସବ ଋତୁ। ତେଣୁ ନିର୍ଦ୍ଦିଷ୍ଟ ସ୍ଥାନରେ ପ୍ରତିବାଦ କରିବାରେ କ’ଣ ଅସୁବିଧା ହୋଇପାରେ ? ଶାନ୍ତିପୂର୍ଣ୍ଣ ପ୍ରତିବାଦ ସାମ୍ବିଧାନିକ ଅଧିକାର। ଲୋକମାନେ ଶାନ୍ତିପୂର୍ଣ୍ଣ ଭାବରେ ପ୍ରତିବାଦ କରିବେ। ପୁଲିସ ସବୁବେଳେ ଅଭିଯୋଗ କରୁଛି ଯେ, ଆମେ ସେମାନଙ୍କ ସହିତ ୧୦ ଦିନ ପୂର୍ବରୁ ଯୋଗାଯୋଗ କରିବା ଉଚିତ୍। ଏବେ ଆମେ ସେହି ନିଷ୍ପତ୍ତି ସେମାନଙ୍କ ଉପରେ ଛାଡି ଦେଉଛୁ ଏବଂ ସେମାନଙ୍କୁ ଏକ ତାରିଖ ଏବଂ ସମୟ ଦେବାକୁ କହୁଛୁ।

### ● ଭାରତୀୟ ନୌସେନାର ଶକ୍ତିବୃଦ୍ଧି

## ଶତ୍ରୁପକ୍ଷର ବୁଡ଼ାଜାହାଜକୁ ଚିହ୍ନଟ କରି ଧ୍ୱଂସ କରିବ ‘ମାଙ୍ଗରୋଲ୍’



ମୁମ୍ବାଇ,୧୨।୧୦: ଭାରତୀୟ ନୌସେନାର ତୃତୀୟ ଅଗଭୀର ଜଳ ଆଣ୍ଟି-ସବମେରିନ୍ ଯୁଦ୍ଧପୋତ ‘ମାଙ୍ଗରୋଲ୍’କୁ ମୁମ୍ବାଇରେ ନୌସେନାରେ ସାମିଲ କରାଯାଇଛି। ଏହା ନୌସେନାର ବୁଡ଼ାଜାହାଜ ବିରୋଧୀ ଯୁଦ୍ଧ କ୍ଷମତାକୁ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ବିଶେଷକରି ଉପକୂଳ ଜଳସୀମାରେ, ଯେଉଁଠାରେ ବଡ଼ ଯୁଦ୍ଧଜାହାଜଗୁଡ଼ିକର କାର୍ଯ୍ୟକାରିତାରେ ସମସ୍ୟା ସୃଷ୍ଟି ହୋଇଥାଏ ସେଠାରେ ଏହା ଉଲ୍ଲେଖନୀୟ କାର୍ଯ୍ୟ ଦକ୍ଷତା ପ୍ରଦର୍ଶନ କରିବ। କୋଚି-ସ୍ଥିତ କୋଚିନ୍ ସିପୟାର୍ଡ ଲିମିଟେଡ୍ ଦ୍ୱାରା ନିର୍ମିତ, ଏହି ଜାହାଜ ସାମୁଦ୍ରିକ ପାଟ୍ରୋଲ୍ ବିମାନ, ହେଲିକପ୍ଟର ଏବଂ ଅନ୍ୟାନ୍ୟ ଯୁଦ୍ଧଜାହାଜ ସହିତ ମିଳିତ ଭାବରେ କାର୍ଯ୍ୟ କରିପାରିବ। ଏହା ଶତ୍ରୁ ବୁଡ଼ାଜାହାଜଗୁଡ଼ିକୁ ଚିହ୍ନଟ କରି ମୁକାବିଲା କରିବାରେ ସକ୍ଷମ ହେବ।ଏହି ଜାହାଜ ସାମିଲ ହେବା ଦ୍ୱାରା ବନ୍ଦର, ବନ୍ଦର ଏବଂ ଉପକୂଳବର୍ତ୍ତୀ ସମୁଦ୍ର ପଥଗୁଡ଼ିକୁ ସୁରକ୍ଷା ଦେବା ପାଇଁ ନୌସେନାର କ୍ଷମତା ବୃଦ୍ଧି ପାଇବ ଏବଂ ନୌବାହିନୀର କାର୍ଯ୍ୟରେ ମଧ୍ୟ ସହାୟକ ହୋଇପାରିବ। ପରିବର୍ତ୍ତିତ ସାମୁଦ୍ରିକ ସୁରକ୍ଷା ପରିସ୍ଥିତି ଏବଂ ଜଳମଗ୍ନ ବିପଦ ବୃଦ୍ଧି ସହିତ, ନୌସେନାରେ ‘ମାଙ୍ଗରୋଲ୍’ର ସାମିଲ ହେବା ନୌସେନାର ବୁଡ଼ବିରୋଧୀ ଯୁଦ୍ଧ କ୍ଷମତାକୁ ସୁଦୃଢ଼ କରିବା ଦିଗରେ ବିଶେଷକରି ଉପକୂଳବର୍ତ୍ତୀ ଅଞ୍ଚଳରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ନୌସେନାରେ ଏହି ଜାହାଜର ସାମିଲ ହେବା ଭାରତର ବର୍ଦ୍ଧିତ ସ୍ୱଦେଶୀ ଜାହାଜ ନିର୍ମାଣ କ୍ଷମତାକୁ ମଧ୍ୟ ପ୍ରତିଫଳିତ କରିଛି। ପଶ୍ଚିମ ନୌସେନା କମାଣ୍ଡର ଫ୍ଲାଗ୍ ଅଫିସର କମାଣ୍ଡିଂ-ଇନ୍-ଚିଫ୍ ଭାଇସ୍ ଆଡମିରାଲ୍ ସଞ୍ଜୟ ବାତ୍ସାୟନ୍ ଏହି ଅବସରରେ ମୁଖ୍ୟ ଅତିଥି ଥିଲେ। ଜାହାଜର ନାମକରଣ ଗୁଜୁରାଟର ଜୁନାଗଡ଼ ଜିଲ୍ଲାର ଏକ ଉପକୂଳବର୍ତ୍ତୀ ସହର ଏବଂ ପ୍ରମୁଖ ମାଛ ଧରିବା ବନ୍ଦର ମାଙ୍ଗରୋଲ୍‌ର ନାମରେ ରଖାଯାଇଛି। ଏହି ଜାହାଜଟି ପୂର୍ବବର୍ତ୍ତୀ, ଆଇଏନଏସ ମାଙ୍ଗରୋଲ୍ (ଏମ୮୫)ର ଐତିହ୍ୟକୁ ଆଗକୁ ବହନ କରିବ। ପୂର୍ବବର୍ତ୍ତୀ ଜାହାଜଟି ଏକ ମାଇନ୍-ବିରୋଧୀ ଯୁଦ୍ଧ ଜାହାଜ ଥିଲା ଯାହା ଏପ୍ରିଲ ୨୦୦୪ ପର୍ଯ୍ୟନ୍ତ ଭାରତୀୟ ନୌସେନାରେ କାର୍ଯ୍ୟ କରିଥିଲା। ଏହି ନୂତନ ଜାହାଜର ନାମକରଣ ନୌସେନାର ପୂର୍ବବର୍ତ୍ତୀ ଯୁଦ୍ଧଜାହାଜର ଐତିହ୍ୟକୁ ସଂରକ୍ଷଣ କରିବାର ପରମ୍ପରାକୁ ଜାରି ରଖିଛି। ନୌସେନା କହିଛି, ୮୦ ପ୍ରତିଶତରୁ ଅଧିକ ସ୍ୱଦେଶୀ ସାମଗ୍ରୀରେ ନିର୍ମିତ ‘ମାଙ୍ଗରୋଲ୍’ ଯୁଦ୍ଧଜାହାଜରେ ଉନ୍ନତ ଅସ୍ତ୍ରଶସ୍ତ୍ର ଏବଂ ସେନ୍ସର ଡିଜାଇନ୍, ନିର୍ମାଣ ଏବଂ ସଂଯୋଜିତ କରିବାରେ ଭାରତର ବର୍ଦ୍ଧିତ କ୍ଷମତାକୁ ପ୍ରତିଫଳିତ କରିଛି। ଉପକୂଳ ଏବଂ ଅଗଭୀର ଜଳରେ ପାଣି ତଳ ବିପଦକୁ ଚିହ୍ନଟ ଏବଂ ମୁକାବିଲା କରିବା ପାଇଁ ଡିଜାଇନ୍ କରାଯାଇଥିବା ‘ମାଙ୍ଗରୋଲ୍’ ଆଧୁନିକ ଅସ୍ତ୍ରଶସ୍ତ୍ର ଏବଂ ସେନ୍ସର ସହିତ ସଜ୍ଜିତ, ଯେଉଁଥିରେ ହଲ୍-ମାଉଣ୍ଟେଡ୍ ସୋନାର୍ ‘ଅଭୟ’, ହାଲୁକା ଟର୍ପେଡୋ, ସ୍ୱଦେଶୀ ଆଣ୍ଟି-ସବମେରିନ୍ ରକେଟ୍ ଲଞ୍ଚର୍ ଏବଂ ଉନ୍ନତ ଟର୍ପେଡୋ ଡିକୟ ସିଷ୍ଟମ୍ ‘ମାରିଚ୍’ ରହିଛି। ତିନୋଟି ଡିଜେଲ ଇଞ୍ଜିନ ଏବଂ ଏକ ୱାଟରଜେଟ୍ ପ୍ରପଲ୍ସନ ସିଷ୍ଟମ ଦ୍ୱାରା ଚାଳିତ ଏହି ଜାହାଜ ଅଗଭୀର ଜଳରେ ଗତି କରିପାରିବ। ଏହା ପାଣି ତଳେ ନିରୀକ୍ଷଣ, କମ୍-ତୀବ୍ରତା ସାମୁଦ୍ରିକ କାର୍ଯ୍ୟ ଏବଂ ମାଇନ୍-ସୁଇପିଂ ମିଶନ ପରିଚାଳନା କରିବାକୁ ମଧ୍ୟ ସକ୍ଷମ ହେବ।

### ସିଇସି ଜ୍ଞାନେଶ କୁମାରଙ୍କୁ ହଟାଇବା ପାଇଁ

## କେରଳମ୍ ବିଧାନସଭାରେ ପ୍ରସ୍ତାବ ପାରିତ



ଥିରୁବନନ୍ତପୁରମ, ୧୨/୧୦: ନିର୍ବାଚନ କମିସନଙ୍କ କାର୍ଯ୍ୟକାରିତା ବିରୋଧରେ ଦିଲ୍ଲୀରେ ପ୍ରତିବାଦ ମଧ୍ୟରେ କେରଳମ୍ ବିଧାନସଭା ଏକ ବଡ଼ ନିଷ୍ପତ୍ତି ନେଇଛି। ଇତିହାସରେ ପ୍ରଥମ ଥର ପାଇଁ କେରଳମ୍ ବିଧାନସଭା ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କୁ ବହିଷ୍କାର କରିବା ପାଇଁ ଏକ ପ୍ରସ୍ତାବ ପାରିତ କରିଛି। କେରଳମ୍ ବିଧାନସଭା ପ୍ରଧାନମନ୍ତ୍ରୀ, ବିରୋଧୀ ଦଳ ନେତା ଏବଂ ଦେଶର ମୁଖ୍ୟ ବିଚାରପତିଙ୍କୁ ନେଇ ଏକ ନୂତନ ନିର୍ବାଚନ କମିସନ ଚୟନ କମିଟି ଗଠନ କରିବାକୁ ଦାବି କରିଛି। ଏହା ସହିତ ଏସଆଇଆରରେ ଅଭିଯୋଗ ହୋଇଥିବା ଅନିୟମିତତାର ସମାଧାନ କରିବାକୁ ମଧ୍ୟ ଆହ୍ୱାନ କରିଛି। ନିର୍ବାଚନ କମିଶନଙ୍କ ସମ୍ପର୍କରେ ଉଠାଯାଇଥିବା ପ୍ରଶ୍ନଗୁଡ଼ିକର ଉତ୍ତର ଦେଇ କେରଳ ମୁଖ୍ୟମନ୍ତ୍ରୀ ଭି.ଡି. ସତୀସନ୍ କହିଛନ୍ତି, ଆମର ନିର୍ବାଚନ ପ୍ରକ୍ରିୟାର ନିରପେକ୍ଷତା ସହିତ କୌଣସି ବୁଝାମଣା କରାଯାଇପାରିବ ନାହିଁ। ଭୋଟର ତାଲିକାରେ ପରିବର୍ତ୍ତନ, ଯୋଗ୍ୟ ଭୋଟରଙ୍କୁ ବାଦ୍ ଦେବା ଏବଂ ନିର୍ବାଚନ କମିସନଙ୍କ ନିରପେକ୍ଷତା ବିଷୟରେ ଉଠାଯାଇଥିବା ଗମ୍ଭୀର ପ୍ରସଙ୍ଗକୁ ଅଣଦେଖା କରାଯାଇପାରିବ ନାହିଁ। ଭୋଟ ଦେବାର ଅଧିକାର ହେଉଛି ଆମ ଗଣତନ୍ତ୍ରର ମୂଳଦୁଆ। କୌଣସି ଅନୁଷ୍ଠାନକୁ ଆମ ନାଗରିକଙ୍କ ସାମ୍ବିଧାନିକ ଅଧିକାରକୁ କ୍ଷୁର୍ଣ୍ଣ କରିବାକୁ ଅନୁମତି ଦିଆଯାଇପାରିବ ନାହିଁ। ଆମର ଆଭିମୁଖ୍ୟ ସ୍ପଷ୍ଟ। ଭୋଟ ଦେବାର ଅଧିକାରକୁ ସୁରକ୍ଷିତ ରଖିବାକୁ ପଡ଼ିବ। ସମ୍ବିଧାନକୁ ସମ୍ମାନ ଦେବାକୁ ପଡିବ। ଗଣତନ୍ତ୍ରକୁ ବଜାୟ ରଖିବାକୁ ପଡିବ। ଅନୁଷ୍ଠାନର ସ୍ୱାଧୀନତା ଏବଂ ବିଶ୍ୱସନୀୟତା ସୁନିଶ୍ଚିତ କରିବା ପାଇଁ କେରଳମ୍ ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନ ପାଇଁ ଦୃଢ଼ ଭାବରେ ଠିଆ ହୋଇଛି।

# କେଶୁରା କାର୍ ଦୁର୍ଘଟଣା ନୁହେଁ, ହତ୍ୟା ଉଦ୍ୟମ !

## ସିସିଟିଭି ଖୋଲିଲା କିଲର୍ କାର୍‌ର ସାଂଘାତିକ ସତ, ଡ୍ରାଇଭର ଗିରଫ

ଭୁବନେଶ୍ୱର(ନି.ପ୍ର): ଭୁବନେଶ୍ୱର କେଶୁରା ଛକ ନିକଟରେ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ ଘଟଣାରେ ବଡଗଡ ଥାନା ପୁଲିସ ଅଭିଯୁକ୍ତ କାର ଚାଳକକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଜୟଦେବ ବିହାରର ସୌମ୍ୟରଂଜନ ରଥ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ, ଆଜି ସକାଳ ପ୍ରାୟ ୭.୩୦ ମିନିଟ ସମୟରେ ଅଭିଯୋଗକାରୀ ରତିକାନ୍ତ ସିଂହ ଓ ତାଙ୍କ ସ୍ତ୍ରୀ ଅନ୍ନପୂର୍ଣ୍ଣା ସିଂହ ନିଜର ବାଜାଜ ଡିସ୍କରର ମୋଟୋର ସାଇକେଲ ଯୋଗେ ହଂସପାଳ ଅଭିମୁଖେ ଯାଉଥିବା ବେଳେ, ପୁରୀ ବାଇପାସ ଜାତୀୟ ରାଜପଥ ଏସଆର ଭ୍ୟାଲି ଛକର ଟିକେ ପୂର୍ବରୁ, ଗୋଟିଏ ଟାଟା ନେକ୍ସନ କାର ରାସ୍ତା କଡରେ ଠିଆ ହୋଇଥିବା ଜନୈକ ବ୍ୟକ୍ତିଙ୍କୁ ଧକ୍କା ଦେଇ କେଶୁରା ଛକ ଆଡକୁ ଦ୍ରୁତ ଗତିରେ ପଳାଇଯାଇଥିଲା । ଏହା ଦେଖି ଅଭିଯୋଗକାରୀ ରତିକାନ୍ତ ସିଂହ, ତାଙ୍କ ସ୍ତ୍ରୀ ଓ ସେହି ରାସ୍ତା ଦେଇ ଯାଉଥିବା ଅନ୍ୟ ଲୋକମାନେ ଅଟକି ରହି ଉକ୍ତ ଆହାତ ବ୍ୟକ୍ତିଙ୍କୁ ମେଡିକାଲ ପଠେଇବାର ବ୍ୟବସ୍ଥା କରୁଥିଲେ । ଏହି ସମୟରେ ହଠାତ ଉକ୍ତ ଟାଟା ନେକ୍ସନ କାର କେଶୁରା ଆଡୁ ଦ୍ରୁତ ଗତିରେ ଓଲଟା ଦିଗରୁ ଆସି ଜାଣିଶୁଣି ଉଦ୍ଦେଶ୍ୟ ଥାଇ ଅଭିଯୋଗକାରୀ ରତିକାନ୍ତ ସିଂ, ତାଙ୍କ ସ୍ତ୍ରୀ ତଥା ଅନ୍ୟ ଲୋକମାନଙ୍କୁ ଜୀବନରୁ ମାରିଦେବାକୁ ଲକ୍ଷ ରଖି ଖୁବ ଜୋରସେ ଧକ୍କା ଦେଇଥିଲା । ଏହା ପରେ ଉକ୍ତ ବ୍ୟକ୍ତି ଆଗକୁ ଯାଇ ପୁଣି ଥରେ ଗାଡି ବୁଲାଇବା ବେଳକୁ ତାଙ୍କ ଗାଡି ବନ୍ଦ ହୋଇଯାଇଥିଲା ଏବଂ ସେଠାରେ ଉପସ୍ଥିତ ଥିବା ଲୋକମାନେ ଉକ୍ତ କାରର ଡ୍ରାଇଭରକୁ ଅଟକ ରଖିଥିଲେ । ତଦନ୍ତ ଚାଲିଥିବା ବେଳେ, ଏହା ମଧ୍ୟ ଜଣାପଡିଲା ଯେ, ଏହି ଅପରାଧ ଘଟାଇବା ପୂର୍ବରୁ ଉକ୍ତ କାରର ଡ୍ରାଇଭର ପୂର୍ବରୁ ଡାର୍ଲିଂ ଢାବାର ମାଲିକ ଓ ଷ୍ଟାଫ ମାନଙ୍କୁ ମଧ୍ୟ ଜୀବନରୁ ମାରିଦେବାର ଲକ୍ଷ ରଖି ଗାଡି ଦୁର୍ଘଟଣା ଘଟାଇ ସାରିଛି। ତଦନ୍ତରେ ଏହା ମଧ୍ୟ ଜଣାପଡିଲା ଯେ, ଉକ୍ତ କାରର ଡ୍ରାଇଭର ଗତ ତିନି ମାସ ପୂର୍ବେ ଖାରବେଳ ନଗର ଥାନା ଅନ୍ତର୍ଗତ ଶାସ୍ତ୍ରୀନଗର ଛକ ନିକଟରେ ଏହିପରି ଉଦ୍ଦେଶ୍ୟ ଥାଇ ଗୋଟିଏ ଦୁର୍ଘଟଣା ଘଟାଇ




ଜନୈକ ବ୍ୟକ୍ତିଙ୍କର ମୃତ୍ୟୁର କାରଣ ପାଲଟି ଥିଲା। ଏହି ମମଲାରେ ସମ୍ପୃକ୍ତ ବ୍ୟକ୍ତି ଜଣକ ଗିରଫ ହୋଇ ଜେଲ ଯାଇଥିବା ବେଳେ, ମାନ୍ୟବର କୋର୍ଟରୁ ଜାମିନ ରେ ଆସିଥିଲେ। କିନ୍ତୁ ଜାମିନରେ ଥିବା ସମୟରେ ଜାମିନର ନିୟମକୁ ଉଲଂଘନ ପୁଣି ପୁନର୍ବାର ସେହିଭଳି ଅପରାଧ ଘଟାଇଛନ୍ତି। ଉକ୍ତ ଅଭିଯୁକ୍ତ ସୌମ୍ୟ ରଞ୍ଜନ ରଥଙ୍କ ଅପରାଧ ସ୍ପଷ୍ଟ ହୋଇଥିବାରୁ ଆଇନ ଅନୁଯାୟୀ ତାଙ୍କୁ ଆଜି ଗିରଫ କରାଯାଇ କୋର୍ଟକୁ ଚାଲାଣ କରାଯାଇଛି। ଅଭିଯୁକ୍ତ ସୌମ୍ୟ ରଞ୍ଜନ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ, ତାଙ୍କ ନାମରେ ବଡଗଡ ଥାନାରେ ୪ ଟି ଓ ଖାରବେଳନଗର ଥାନାରେ ଗୋଟିଏ ଅପରାଧିକ ମାମଲା ରହିଛି । ଅଭିଯୁକ୍ତ କିଲର୍ କାର୍ ଡ୍ରାଇଭର ସୌମ୍ୟ ରଥଙ୍କୁ ଗିରଫ କଲା ବଡ଼ଗଡ଼ ପୁଲିସ। ଡାକ୍ତରୀ ପରୀକ୍ଷା ପରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। କ୍ୟାପିଟାଲ ହସ୍ପିଟାଲରେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ପୁଲିସ ଏହି ପଦକ୍ଷେପ ନେଇଛି। ସୂଚନା ଅନୁଯାୟୀ, ସୋମବାର କଟକ-ପୁରୀ ବାଇପାସ୍‌ରେ ଏକ କାର୍ ୪ଟି ବାଇକ୍ ଓ ସ୍କୁଟିକୁ ସିରିଜ୍ ଧକ୍କା ଦେଇଥିଲା। ଏହି ଘଟଣାରେ ୩ ଜଣ ଆହତ ହୋଇଥିଲେ। ତେବେ ଦୁର୍ଘଟଣାର ସିସିଟିଭି ଫୁଟେଜ୍ ସାମ୍ନାକୁ ଆସିବା ପରେ ଏହା କେବଳ ଦୁର୍ଘଟଣା ନୁହେଁ, ବରଂ ହତ୍ୟା ଉଦ୍ୟମ ହୋଇଥିବା ଅଭିଯୋଗ ଉଠିଛି। ଅଭିଯୋଗ ଅନୁସାରେ, ଘଟଣା ପୂର୍ବରୁ ସୌମ୍ୟ ପୁରୀ ବାଇପାସ୍ର ଏକ ହୋଟେଲରେ ପାଟିତୁଣ୍ଡ କରିଥିଲେ। ଏହା ପରେ କିଛି ଲୋକଙ୍କ ଉପରେ ଗାଡ଼ି ଚଢ଼ାଇ ହତ୍ୟା ଉଦ୍ୟମ କରିଥିବା ଅଭିଯୋଗ ହୋଇଛି। ସିସିଟିଭି ଭିଜୁଆଲ୍ରେ ଘଟଣାର ଗୁରୁତ୍ୱ ସାମ୍ନାକୁ ଆସିଛି। ଅନ୍ୟପକ୍ଷରେ, ଅଭିଯୁକ୍ତଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯିବା ସହ ଦୁର୍ଘଟଣାଗ୍ରସ୍ତ କାର୍ର ପଞ୍ଜୀକରଣ ମଧ୍ୟ ରଦ୍ଦ ହେବ ବୋଲି ଏମ୍ଭିଆଇ ସୂଚନା ଦେଇଛନ୍ତି। ସୌମ୍ୟ ନିଶାସକ୍ତ ଅବସ୍ଥାରେ ଗାଡ଼ି ଚଳାଉଥିବା ନେଇ ମଧ୍ୟ ସୂଚନା ମିଳିଛି। ତାଙ୍କ ବିରୋଧରେ ବିଏନ୍‌ଏସ୍‌ର ଧାରା ୧୦୯ ଓ ୧୨୯ ସମେତ ସଙ୍ଗୀନ ଦଫାରେ ମାମଲା ରୁଜୁ କରିଛି ପୁଲିସ।

## ବେଆଇନ ବାଣ ଚାଲାଣ, ଜଣେ ଗିରଫ

ଭୁବନେଶ୍ୱର(ନି.ପ୍ର): ବେଆଇନ ବାଣ ଚାଲାଣ କରୁଥିବା ଅଭିଯୋଗରେ ଇନଫୋଭ୍ୟାଲି ଥାନା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ସତ୍ୟନାରାୟଣ ମିଶ୍ର। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ଆଜି ସକାଳେ ଆଗାମୀ ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ବାଣର ବେଆଇନ ପରିବହନ ରୋକିବା ପାଇଁ ଇନ୍‌ଫୋଭ୍ୟାଲି ଥାନା ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉଥିଲା। ଏହି ସମୟରେ ଯାଁଳା ଛକଠାରେ ବାଣ ବୋଝେଇ ଏକ ଟାଟା ଏସି ଗୋଲ୍ଡ ଗାଡ଼ି ଜଟଣୀ ପଟୁ ତାଳଖେତା ଛକ ଆଡ଼କୁ ଆସୁଥିବା ନେଇ ପୋଲିସକୁ ବିଶ୍ୱସନୀୟ ସୂଚନା ମିଳିଥିଲା। ସୂଚନା ଆଧାରରେ ପୋଲିସ ତାଳଖେତା ଛକଠାରେ ଉକ୍ତ ଗାଡ଼ିକୁ ଅଟକାଇ ଯାଞ୍ଚ କରିଥିଲା। ଗାଡ଼ି ଚାଳକ ପ୍ରଥମେ ବିସ୍କୁଟ, ମିକ୍ସଚ, ଅଟା ଓ ଅନ୍ୟାନ୍ୟ ରାସନ ସାମଗ୍ରୀ ନେଇ ଭୁବନେଶ୍ୱର ଯାଉଥିବା କହିଥିଲେ। କିନ୍ତୁ ଯାଞ୍ଚ ସମୟରେ ଗାଡ଼ି ଭିତରୁ ବିଭିନ୍ନ ପ୍ରକାରର ବାଣ ଭର୍ତ୍ତି ୭ଟି କାର୍ଟୁନ୍ ମିଳିଥିଲା। ବାଣଗୁଡ଼ିକୁ ଅତ୍ୟନ୍ତ ଠେସାଠେସି ଭାବେ ରଖାଯାଇଥିବା ବେଳେ ଗାଡ଼ିରେ କୌଣସି ଅଗ୍ନି ନିର୍ବାପକ ଯନ୍ତ୍ର ମଧ୍ୟ ନଥିଲା। ଏପରି ଭାବେ ବାଣ ପରିବହନ କରିବା ଦ୍ୱାରା ଘର୍ଷଣ କିମ୍ବା ଧକ୍କା ଯୋଗୁଁ ଦୁର୍ଘଟଣା ଓ ଅଗ୍ନିକାଣ୍ଡ ଘଟିବାର ଆଶଙ୍କା ରହିଥିଲା। ପଚରାଉଚରାରୁ, ଗାଡ଼ି ଚାଳକ ଜଟଣୀର ସାଜନ ନାମକ ଜଣେ ବ୍ୟକ୍ତିଙ୍କଠାରୁ ବାଣ କିଣିଥିବା କହିଥିଲେ। ମାତ୍ର ବାଣ କିଣିବା ସମ୍ପର୍କିତ କୌଣସି ବିଲ୍, ରସିଦ କିମ୍ବା ଅନ୍ୟାନ୍ୟ ଆବଶ୍ୟକ କାଗଜପତ୍ର ଦେଖାଇପାରି ନଥିଲେ । ପୋଲିସ ପକ୍ଷରୁ ଅଭିଯୁକ୍ତଙ୍କୁ ଗିରଫ କରାଯିବା ସହ ତାଙ୍କ ହେପାଜତରୁ ଉକ୍ତ ଟାଟା ଏସି ଗାଡ଼ି ଓ ବାଣଗୁଡ଼ିକୁ ଜବତ କରାଯାଇଥିଲା।

## ଖଣ୍ଡା ଧରି ଆକ୍ରମଣ ଉଦ୍ୟମ, ୩ ଗିରଫ

ଭୁବନେଶ୍ୱର(ନି.ପ୍ର): ରାସ୍ତାରେ ଖଣ୍ଡା ଧରି ଆକ୍ରମଣ ଓ ଗାଡି ଚଢାଉ ହତ୍ୟା ଉଦ୍ୟମ ଘଟଣାରେ ଇନଫୋଭ୍ୟାଲି ଥାନା ପୁଲିସ ୩ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଲକ୍ଷ୍ମୀଧର ମଲ୍ଲୀକ, ସେକ ସଲିମ ଓ ସେକ ଜାଭେଦ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ଯୋଗ୍ୟ ଯେ, ଅଭିଯୋଗକାରୀ ଦିନେଶ ସାହୁଙ୍କ ଅଭିଯୋଗ ଅନୁଯାୟୀ, ଗତ ରାତି ପ୍ରାୟ ୧ଟାରୁ ୧ଟା ୩୦ ମିନିଟ୍ ମଧ୍ୟରେ ସେ ଯାଁଳା ନିକଟରେ ଥିବା ସମୟରେ ଏକ ଆଇଚର୍ ଗାଡ଼ି ରାସ୍ତାରେ ଅସ୍ୱାଭାବିକ ଭାବେ ଏପଟସେପଟ ହୋଇ ଯାଉଥିବା ଦେଖିଥିଲେ। ସନ୍ଦେହ ହେବାରୁ ସେ ଓ ତାଙ୍କ ସହଯୋଗୀମାନେ ଗାଡ଼ିକୁ ଅଟକାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ଚାଳକ ଗାଡ଼ିକୁ ସେମାନଙ୍କ ଉପରେ ଚଢ଼ାଇ ଦେବାକୁ ଉଦ୍ୟମ କରିବା ସହ ଖସିଯିବାକୁ ଚେଷ୍ଟା କରିଥିଲେ। ପରେ ଗାଡ଼ିରୁ ଏକ ଖଣ୍ଡା ବାହାର କରି ସେମାନଙ୍କୁ ଦେଖାଇ ଜୀବନରେ ମାରିଦେବାକୁ ଧମକ ଦେଇ ରାସ୍ତାରୁ ହଟିଯିବାକୁ କହିଥିଲେ। ଏହାପରେ ସେମାନେ ଜରୁରୀକାଳୀନ ସହାୟତା ନମ୍ବର ୧୧୨କୁ ଫୋନ୍ କରିଥିଲେ। ପୋଲିସ ସହାୟତାରେ ଗଙ୍ଗପଡ଼ା ନିକଟରେ ଉକ୍ତ ଗାଡ଼ିକୁ ଅଟକାଯାଇଥିଲା । ଗାଡ଼ି ଯାଞ୍ଚ ବେଳେ ସେଥିରେ ୨୫ଟି ମଇଁଷି ଥିବା ଜଣାପଡ଼ିଥିଲା । ସେଥିମଧ୍ୟରୁ ୨୩ଟି ଜୀବିତ ଥିବାବେଳେ ଗୋଟିଏ ମଇଁଷି ମୃତ ଥିଲା । ମଇଁଷି ମାନଙ୍କ ଗୋଡ଼ ଓ ମୁହଁ ବାନ୍ଧି ସେମାନଙ୍କୁ ଅମାନବୀୟ ଭାବେ ଗାଡ଼ିରେ ଲଦାଯାଇ ଆନ୍ଧ୍ରପ୍ରଦେଶକୁ ବଧ ଉଦ୍ଦେଶ୍ୟରେ ନିଆଯାଉଥିବା ଅଭିଯୋଗ ହୋଇଥିଲା। ତଦନ୍ତ ସମୟରେ ତିନି ଅଭିଯୁକ୍ତଙ୍କୁ କାବୁ କରାଯିବ ସହ ସେମାନଙ୍କ ହେପାଜତରୁ ମଇଁଷି ବୋଝେଇ ଆଇଚର୍ ଗାଡ଼ି ଓ ଏକ ଖଣ୍ଡା ଜବତ କରାଯାଇଥିଲା ।

## କବାଟ ଭାଙ୍ଗି କଳାକନା ବୁଲାଇଲେ ଚୋର

ଡେରାବିଶ(ନିପ୍ର): ଡେରାବିଶ ବ୍ଲକ ଜଅରା ବାରିମୂଳ ପଞ୍ଚାୟତ ଜଅରା ବାରିମୂଳ ଗ୍ରାମରେ ରବିବାର ରାତିରେ ଜନୈକ ବ୍ୟକ୍ତିଙ୍କ ଘର କବାଟ ଭାଙ୍ଗି ଚୋରମାନେ ସର୍ବସ୍ୱ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଗ୍ରାମର ଦମୟନ୍ତୀ ସେଠୀ ଏ ନେଇ ସଦର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରୁ ପ୍ରକାଶ ଯେ ରବିବାର ରାତି ପ୍ରାୟ ୧୧ ଠାରୁ ୧ ଟା ମଧ୍ୟରେ ଘରେ ଶୋଇଥିବା ସମୟରେ ଲୁଟେରା ମାନେ ଘରର କବାଟ ଭାଙ୍ଗି ଦୁଇଟି ବାକ୍ସରେ ଥିବା ଅନ୍ୟୁନ ୬୦ ହଜାର ଟଙ୍କା ସମେତ ରୂପା ଗହଣା ଓ କଂସା ବାସନ ଲୁଟ୍ ହୋଇଥିବା ନେଇ ଦମୟନ୍ତୀ ତାଙ୍କ ଏତଲାରେ ଦର୍ଶାଇଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନାଯୋଗ୍ୟ ସଦରଥାନା ଅନ୍ତର୍ଗତ ଚାନ୍ଦୋଳ ଫାଣ୍ଡି ଅଞ୍ଚଳରେ କିଛି ମାସ ହେବ ଲୁଟେରାମାନଙ୍କ ଦୌରାତ୍ମ୍ୟ ବଢି ଚାଲିଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି । ତୁରନ୍ତ ଏହି ଅଞ୍ଚଳରେ ପୋଲିସ ପାଟ୍ରୋଲି ବ୍ୟବସ୍ଥା କରାଇବାକୁ ସମାଜସେବୀ ସୁଖଦାନନ୍ଦ ପ୍ରଧାନ ଦାବି କରିଛନ୍ତି।

## କାଠଯୋଡ଼ି ନଦୀ କୂଳରୁ ଯୁବତୀଙ୍କ ମୃତଦେହ ଉଦ୍ଧାର ଘଟଣା, ଜଣେ ଅଟକ

କଟକ(ନିପ୍ର): କଟକ ରାଜାବଗିଚା ସିଟି କଲେଜ ସମ୍ମୁଖ କାଠଯୋଡ଼ି ନଦୀ କୂଳରେ ଜଣେ ଯୁବତୀଙ୍କୁ ନିର୍ମମ ଭାବେ ହତ୍ୟା ଅଭିଯୋଗରେ ପୋଲିସ ଜଣଙ୍କୁ ଅଟକ ରଖିଛି । ଏହି ଘଟଣାରେ ସଂପୃକ୍ତ ଅନ୍ୟ ଅଭିଯୁକ୍ତକୁ ଗିରଫ କରିବା ପାଇଁ ପୋଲିସ ତନାଘନା ଜାରି ରଖିଛି । ମୃତକ ଜଣକ ପଶ୍ଚିମ ଓଡ଼ିଶାର ବୋଲି ଅନୁମାନ କରାଯାଉଛି । ଘଟଣା ପରଠୁ ଅନ୍ୟ ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିବାରୁ ପୋଲିସ ସେମାନଙ୍କୁ ଧରିବାକୁ ଜୋରଦାର ଉଦ୍ୟମ କରୁଛି । ଏନେଇ ଜିଲ୍ଲା ବାହାରେ ୩ଟି ଟିମ୍ ରହିଛି । ଅନ୍ୟପଟେ ବାଦାମବାଡ଼ି ଥାନା ପୋଲିସକୁ ଶବ ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହୋଇଛି। ଅତ୍ୟାଧିକ ରକ୍ତସ୍ରାବ ପାଇଁ ଯୁବତୀଙ୍କ ମୃତ୍ୟୁ ହୋଇଥିବା ଶବ ବ୍ୟବଚ୍ଛେଦ ରିପୋର୍ଟରେ ଉଲ୍ଲେଖ ରହିଛି । ମାତ୍ର ଘଟଣା ପୂର୍ବରୁ ଯୁବତୀଙ୍କ ସହିତ କୌଣସି ପାଶବିକ ଅତ୍ୟାଚାର ହୋଇଛି କି ନାହିଁ ତାହା ସ୍ପଷ୍ଟ ଜଣାପଡ଼ିନି । ତେବେ କେଉଁ ପରିସ୍ଥିତିରେ ଯୁବତୀଙ୍କ ମୃତ୍ୟୁ ହୋଇଛି ତାହା ଅଭିଯୁକ୍ତମାନଙ୍କୁ ଗିରଫ କରିବା ପରେ ହିଁ ସ୍ପଷ୍ଟ ହେବ ।

## ସୁଗୋ ପଞ୍ଚାୟତରେ ରିଲିଫ ଚାଉଳ ହେରଫେର ଅଭିଯୋଗ

ଜଳେଶ୍ୱର(ନିପ୍ର): ଜଳେଶ୍ୱର ବ୍ଲକ ସୁଗୋ ପଞ୍ଚାୟତର ସରପଞ୍ଚ ଓ ତାଙ୍କ ସ୍ୱାମୀ ପଞ୍ଚାୟତ ଅଫିସରେ ଗଚ୍ଛିତ ଥିବା ରିଲିଫ ଚାଉଳକୁ ହେରଫେର କରିଥିବା ଅଭିଯୋଗ ଆଣି ଧାରଣାରେ ବସିଥିଲେ ଗ୍ରାମବାସୀ । ଖବର ପାଇ ଜଳେଶ୍ୱର ତହସିଲଦାର, ବିଡ଼ିଓ, ଥାନା ଆଇଆଇସି ଓ ଯୋଗାଣ ବିଭାଗ ଅଧିକାରୀ ପ୍ରମୁଖ ଘଟଣାର ତଦନ୍ତ କରିଥିଲେ। ୩୦-୦୯-୨୬ ତାରିଖ ସୁଦ୍ଧା ଉକ୍ତ ପଞ୍ଚାୟତକୁ ମୋଟ ୧୫୪୦ ଗୋଟି ବସ୍ତାରେ ୭୬୮.୯୬ କୁଇଣ୍ଟାଲ ଚାଉଳ ବନ୍ୟା ବିପନ୍ନଙ୍କୁ ରିଲିଫ ବଣ୍ଟନ ନିମନ୍ତେ ଜମା ଦିଆଯାଇଥିଲା । ୬୩୭.୨୫ କୁଇଣ୍ଟାଲ ଚାଉଳ ଲୋକଙ୍କୁ ବଣ୍ଟନ କରାଯାଇଥିବା ବେଳେ ୧୦୩. ୪୦ କୁଇଣ୍ଟାଲ ଚାଉଳ ମହଜୁଦ ଅଛି ଓ ୨୮. ୩୧ କୁଇଣ୍ଟାଲ ଚାଉଳ ହେରଫେର ହୋଇଥିବା ତଦନ୍ତରୁ ଜଣାପଡିଛି। ତଦନ୍ତ ସମୟରେ ଜଳେଶ୍ୱର ଅତିରିକ୍ତ ତହସିଲଦାର ଚକ୍ରଧର ମଲ୍ଲିକ, ଏବିଡିଓ ସୁଧୀର କୁମାର ସାହୁ, ଯୋଗାଣ ଅଧିକାରିଣୀ ଅବନ୍ତିକା ସାହୁ, ଜଳେଶ୍ୱର ଥାନା ଅଧିକାରୀ ଅଶୋକ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ତଦନ୍ତ ସମୟରେ ସୁଗୋ ସରପଞ୍ଚ ଓ ପିଇଓ ସହଯୋଗ କରିନଥିଲେ । ଫଳରେ ପ୍ରଶାସନିକ ଅଧିକାରୀମାନେ ତାଲା ଭାଙ୍ଗି ପଞ୍ଚାୟତ ଅଫିସ ଭିତରକୁ ପ୍ରବେଶ କରିଥିଲେ।

## ତୁଳସୀ ମହିଳା ମହାବିଦ୍ୟାଳୟରେ ଉତ୍ତେଜନା ନିରପେକ୍ଷ ତଦନ୍ତ ଦାବିରେ ଜିଲ୍ଲାପାଳଙ୍କୁ ଭେଟିଲେ ବିଧାୟକ ଓ ଛାତ୍ରୀ

କେନ୍ଦ୍ରାପଡ଼ା(ନିପ୍ର): କେନ୍ଦ୍ରାପଡ଼ାର ତୁଳସୀ ମହିଳା ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନକୁ ନେଇ ତେଜିଲା ବିବାଦ। ନିର୍ବାଚନ ସମୟରେ ଘଟିଥିବା କିଛି ଘଟଣାକୁ ନେଇ ଉଠିଛି ଅଭିଯୋଗ। ନିରପେକ୍ଷ ତଦନ୍ତ, ଛାତ୍ରୀଙ୍କ ସୁରକ୍ଷା ଏବଂ ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଦାବିରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି ବିଜେଡି ବିଧାୟକ ଗଣେଶ ବେହେରା। ବିଧାୟକଙ୍କ ସହ ଦଳୀୟ କର୍ମୀ ଏବଂ ତୁଳସୀ ମହାବିଦ୍ୟାଳୟର ବହୁ ଛାତ୍ରୀ ଜିଲ୍ଲାପାଳଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ଏହି ଘଟଣାକୁ ନେଇ ମହାବିଦ୍ୟାଳୟରେ ଦେଖାଦେଇଥିବା ବିବାଦର ସମାଧାନ କିପରି ହେବ ଏବଂ ତଦନ୍ତରୁ କେଉଁ ତଥ୍ୟ ସାମ୍ନାକୁ ଆସିବ, ତାହା ଉପରେ ଏବେ ସମସ୍ତଙ୍କ ନଜର। ଏଥିସହ ଘଟଣାର ଉପଯୁକ୍ତ ତଦନ୍ତ ଓ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ଦାବିରେ ଜିଲ୍ଲାପାଳଙ୍କୁ ଏକ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ, ଏହି ଘଟଣାକୁ ନେଇ ବିଜେପି ଓ ଏବିଭିପି ପକ୍ଷରୁ ମଧ୍ୟ ଉଦ୍‌ବେଗ ପ୍ରକାଶ କରାଯାଇଥିବା ସୂଚନା ମିଳିଛି। ମହାବିଦ୍ୟାଳୟ ପରିସରରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ଛାତ୍ରୀଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଘଟଣା ସମ୍ପର୍କିତ ଅଭିଯୋଗର ନିରପେକ୍ଷ ଯାଞ୍ଚ, ଆବଶ୍ୟକ ପ୍ରମାଣ ସଂଗ୍ରହ ଏବଂ ମହାବିଦ୍ୟାଳୟର ସିସିଟିଭି ଫୁଟେଜ୍ ଯାଞ୍ଚ କରିବାକୁ ଦାବି ଉଠିଛି। ତଦନ୍ତରେ ଯଦି କୌଣସି ଅନିୟମିତତା କିମ୍ବା ନିୟମ ଉଲ୍ଲଂଘନର ପ୍ରମାଣ ମିଳେ, ତେବେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ନିୟମ ଅନୁଯାୟୀ ପଦକ୍ଷେପ ନେବାକୁ ମଧ୍ୟ ଦାବି କରାଯାଇଛି।

## ଭଡ଼ା ଟଙ୍କା ମାଗିବାରୁ ମାଡ଼, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର(ନି.ପ୍ର): ଭଡା ଟଙ୍କା ମାଗିବାରୁ ମାଲିକଙ୍କୁ ମାଡ ମାରିବା ଅଭିଯୋଗରେ ପୁଲିସ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ଇଦ୍ରିସ୍ କୁର୍ବାନ ଭଣା। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି। ସୂଚନା ଯୋଗ୍ୟ ଯେ, ଇଦ୍ରିଶ କୁର୍ବାନ ଗତ ୧୪.୦୯.୨୦୨୬ ତାରିଖରୁ ସତ୍ୟନଗର ଠାରେ ‘ଟୁରଫ ୨୪୭’ ନାମକ ଏକ କାଫେ ଚଳାଉଥିଲେ। କାଫେ ଉଦ୍‌ଘାଟନ ଦିନଠାରୁ ଅଭିଯୋଗକାରୀ ପ୍ରଜ୍ୱଳ ମହାପାତ୍ର ତାଙ୍କୁ ଦୈନିକ ୧,୦୦୦ ଟଙ୍କା ଭଡ଼ାରେ ଦୁଇଟି ୬୫ ଇଞ୍ଚର ଟିଭି, ଗୋଟିଏ ଟିଏସ୍୫ ଗେମିଂ କନ୍‌ସୋଲ୍ ଏବଂ ଗୋଟିଏ ୧୦୦୦ ୱାଟ୍‌ର ସ୍ପିକର ଭଡ଼ାରେ ଦେଇଥିଲେ । କିନ୍ତୁ ଅଭିଯୁକ୍ତ ନିୟମିତ ଭାବେ ଭଡ଼ା ଟଙ୍କା ପୈଠ କରୁନଥିଲେ । ଗତ ୦୭.୧୦.୨୦୨୬ ତାରିଖ ରାତି ପ୍ରାୟ ୮ଟା ୩୦ ମିନିଟ୍‌ରେ ଅଭିଯୋଗକାରୀ ବକେୟା ଭଡ଼ା ଟଙ୍କା ମାଗିବାରୁ ଅଭିଯୁକ୍ତ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରିଥିଲେ ଏବଂ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏହାପରେ ଅଭିଯୁକ୍ତ ତାଙ୍କୁ ନିକଟରେ ଥିବା କାଚ ଦ୍ୱାର ଆଡ଼କୁ ଠେଲି ଦେବାରୁ ସେ କାଚ ଦ୍ୱାରରେ ପିଟି ହୋଇ ପଡ଼ିଯାଇଥିଲେ । ଫଳରେ ତାଙ୍କ ମୁହଁ, ହାତ ଓ ଆଙ୍ଗୁଠିରେ ଆଘାତ ଲାଗିଥିଲା। ତଦନ୍ତରୁ ଜଣାପଡ଼ିଛି ଯେ, ଗତ ୦୭.୧୦.୨୦୨୬ ତାରିଖ ରାତି ପ୍ରାୟ ୮ଟା ୩୦ ମିନିଟ୍‌ରେ ଅଭିଯୋଗକାରୀ ଅଭିଯୁକ୍ତ ଇଦ୍ରିଶ କୁର୍ବାନଙ୍କ କାଫେକୁ ବକେୟା ଭଡ଼ା ଟଙ୍କା ଆଦାୟ କରିବାକୁ ଯାଇଥିଲେ। ପୂର୍ବରୁ ବାକି ଥିବା ଭଡ଼ା ଟଙ୍କା ବିଷୟରେ ପଚାରିବାରୁ ଅଭିଯୁକ୍ତ ଉତ୍ତ୍ୟକ୍ତ ହୋଇ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଅଭିଯୋଗକାରୀ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତ ତାଙ୍କୁ ଗୋଇଠା ମାରିଥିଲେ। ଫଳରେ ସେ ତଳେ ପଡ଼ିଯାଇଥିଲେ । ଏହାପରେ ଅଭିଯୁକ୍ତ ତାଙ୍କୁ କାଫେ ଭିତରେ ଘୋଷାଡ଼ି ନେଇ ଅନ୍ୟ ଗ୍ରାହକଙ୍କ ଉପସ୍ଥିତିରେ ମାଡ଼ ମାରିଥିଲେ। ପରେ ଅଭିଯୁକ୍ତ ଜାଣିଶୁଣି ଅଭିଯୋଗକାରୀଙ୍କୁ କାଚ ଦ୍ୱାର ଆଡ଼କୁ ଜୋରରେ ଠେଲି ଦେଇଥିଲେ। ଫଳରେ କାଚ ଦ୍ୱାରଟି ଭାଙ୍ଗି ଖଣ୍ଡଖଣ୍ଡ ହୋଇଯାଇଥିଲା ଏବଂ ଭଙ୍ଗା କାଚ ଖଣ୍ଡ ତାଙ୍କ ମୁହଁରେ ପଶିଯିବାରୁ ଗଭୀର କ୍ଷତ ସୃଷ୍ଟି ହୋଇ ପ୍ରବଳ ରକ୍ତସ୍ରାବ ହୋଇଥିଲା । ପରେ ତାଙ୍କ ସାଙ୍ଗମାନେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲକୁ ନେଇଥିଲେ। ଘଟଣା ପରେ ଅଭିଯୁକ୍ତ ପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ନିଜ କାଫେର ସିସିଟିଭି ଫୁଟେଜ୍‌କୁ ଜାଣିଶୁଣି ନଷ୍ଟ କରିଦେଇଥିବା ତଦନ୍ତରୁ ଜଣାପଡ଼ିଛି । ଏହି ମାମଲାରେ ପୁଲିସ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ, ସେ ନିଜର ଦୋଷ ସ୍ୱୀକାର କରିଥିଲେ । ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ମଧ୍ୟ ତମାଣ୍ଡୋ ଥାନା ଓ କଟକ ସଦର ଥାନାରେ ୨ ଟି ମାମଲା ରହିଛି ।

## ଘରେ ପଶି ବାପ-ପୁଅଙ୍କୁ ଆକ୍ରମଣ ଉଦ୍ୟମ

ପିପିଲି(ନିପ୍ର): ବଳଙ୍ଗା ଥାନା ଦେଉଳି ସାହି ଗ୍ରାମର ଜଣେ ଯୁବକ ଘରେ ପଶି ବାପ-ପୁଅଙ୍କୁ ଆକ୍ରମଣ ଉଦ୍ୟମ କରିବା ସହ ଅଶ୍ଳିଳ ଗାଳିଗୁଲଜ କରି ହତ୍ୟା ଧମକ ଦେଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ବଳଙ୍ଗା ଥାନା ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ସୂଚନା ମୁତାବକ ଗ୍ରାମର ଦେବେନ୍ଦ୍ର ପ୍ରଧାନ ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ଗ୍ରାମରେ ଗତ ୯ତାରିଖ ରାତିରେ ଗଣେଶ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେଉଥିଲା ବେଳେ ଦେବେନ୍ଦ୍ର ବଜାର ମଝିରେ ଠିଆ ହୋଇ ଦେଖୁଥିଲେ। ସେହି ସମୟରେ ଗ୍ରାମର ଜନୈକ ଯୁବକ ନିଶାଶକ୍ତ ଅବସ୍ଥାରେ ଆସି ଦେବେନ୍ଦ୍ରଙ୍କ ଉପରେ ପଡିଯାଇଥିଲା। ଫଳରେ ଦେବେନ୍ଦ୍ର ମୁହଁ ମାଡ଼ି ତଳେ ପଡ଼ିବା ଦ୍ୱାରା ତାଙ୍କର ଆଣ୍ଠୁରେ ଆଘାତ ଲାଗିଥିଲା। ଏହି ଘଟଣାକୁ ନେଇ ଗତକାଲି ମଧ୍ୟାହ୍ନରେ ଦେବେନ୍ଦ୍ରଙ୍କ ସାନପୁଅ ସୁମନ୍ତ ପ୍ରଧାନ ଗାଁ ଦାଣ୍ଡରେ ଯାଉଥିବା ଜନୈକ ଯୁବକକୁ ଦେଖି ପଚାରିଥିଲେ। ଫଳରେ ଜନୈକ ଯୁବକ ହଠାତ୍ ସୁମନ୍ତଙ୍କୁ ଅଶ୍ଳିଳ ଭାଷାରେ ଗାଳି ଗୁଲଜ କରି ଆକ୍ରମଣ କରିବାକୁ ଉଦ୍ୟମ କରିଥିଲା। ଭୟରେ ସୁମନ୍ତ ଘର ଭିତରେ ପଶି ଯିବାରୁ ବାନାମ୍ବର ଜୋର ଜବରଦସ୍ତି ଘରେ ପଶିଯାଇ ଡେବେନ୍ଦ୍ରଙ୍କ ଘରେ ଥିବା ଏକ କଟୁରୀ ଧରି ହାଣିବାକୁ ଉଦ୍ୟମ କରିଥିଲା। ଦେବେନ୍ଦ୍ର ତା ହାତରୁ କଟୁରୀ ଛଡ଼ାଇ ନେବାରୁ ସେ ସେଠାରୁ ଧମକ ଦେଇ ପଳାଇଥିଲା। ପରେ ସନ୍ଧ୍ୟାରେ ପୁର୍ନବାର ଆସି ଘର ଆଗରେ ଅଶ୍ଳିଳ ଭାଷାରେ ଗାଳି ଗୁଲଜ କରି ବାପ ପୁଅଙ୍କୁ ଜୀବନରୁ ମାରିବାକୁ ଧମକ ଦେଉଥିଲା। ଖବର ପାଇ ବଳଙ୍ଗା ପୋଲିସ ଘଟଣା ସ୍ଥଳରେ ପହଞ୍ଚିବାରୁ ଜନୈକ ଯୁବକ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା ବୋଲି ଅଭିଯୋଗର ଦର୍ଶାଯାଇଛି।

## ପୋଲିସ ପ୍ରତି ବିଧାୟକଙ୍କ ଆଚରଣକୁ ନିନ୍ଦାକଲେ ବ୍ଲକ ଚେୟାର ମ୍ୟାନ

ନୟାଗଡ(ନିପ୍ର): ପ୍ରଜାମଣ୍ଡଳ ମହିଳା ମହାବିଦ୍ୟାଳୟ ସମ୍ମୁଖରେ କର୍ତ୍ତବ୍ୟରତ ପୋଲିସ କର୍ମଚାରୀଙ୍କ ପ୍ରତି ସ୍ଥାନୀୟ ବିଧାୟକଙ୍କ ଅଶାଳୀନ ବ୍ୟବହାରକୁ ନୟାଗଡ଼ ବ୍ଲକ ଚେୟାରମ୍ୟାନ ତଥା ବରିଷ୍ଠ ବିଜେପି ନେତା କିଶୋର ଚନ୍ଦ୍ର ସାହୁ ତୀବ୍ର ନିନ୍ଦା କରିଛନ୍ତି । ଏକ ପ୍ରେସ ବିବୃତି ଜାରି କରି ଶ୍ରୀ ସାହୁ କହିଛନ୍ତି ଯେ, ଜଣେ ଉଚ୍ଚ ଶିକ୍ଷିତ ତଥା ଦୀର୍ଘ ବର୍ଷର ଜନପ୍ରତିନିଧି ହୋଇ ସର୍ବସାଧାରଣରେ ଆଇନ ଶୃଙ୍ଖଳା ରକ୍ଷାକାରୀ ପୋଲିସ ପ୍ରଶାସନ ଉପରେ ଏଭଳି ଦାଦାଗିରି ଦେଖାଇବା ଅତ୍ୟନ୍ତ ଲଜ୍ଜାଜନକ । ଏହା ଜନସାଧାରଣଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ପୋଲିସ ବାହିନୀର ମନୋବଳ ଭାଙ୍ଗିବା ସହ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ଉପହାସ କରିବା ସଦୃଶ ।

### ନକଲି ମସଲା ମିଲ୍ ଉପରେ ପୁଲିସର ଚଢଉ

## ୩୦ କୁଇଣ୍ଟାଲ ନକଲି ମସଲା ସହ ୪ ମିଲିଙ୍ଗ୍ ମେସିନ୍ ଜବତ

ବ୍ରହ୍ମପୁର: ରବିବାର ବିଳମ୍ବିତ ରାତିରେ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସହରର ବଡ଼ବଜାର ଥାନା ଅନ୍ତର୍ଗତ ଲକ୍ଷ୍ମୀ ନୃସିଂହ ନଗର ଓ ପ୍ରହଲ୍ଲାଦ ନଗର ଅଞ୍ଚଳରେ ଥିବା ଦୁଇଟି ମସଲା ମିଲ୍ ଉପରେ ପୁଲିସ ଚଢଉ



କରିଥିଲା। ଏହି ଚଢଉ ସମୟରେ ବିପୁଳ ପରିମାଣର ଭେଜାଲ ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ ସହିତ ୪ଟି ମିଲିଂ ମେସିନ ଏବଂ ୩୦ରୁ ଅଧିକ ମସଲା ପ୍ୟାକେଟ ଜବତ କରାଯାଇଛି। ଏହି ନକଲି ମସଲା କାରବାର ଅଭିଯୋଗରେ ପୁଲିସ ୨ ଜଣ ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ଅନୁସାରେ, ଏହି ଅଭିଯୁକ୍ତମାନେ ପୂର୍ବରୁ ୨୦୨୨ ମସିହାରେ ମଧ୍ୟ ସମାନ ଅଭିଯୋଗରେ ଗିରଫ ହୋଇଥିଲେ। ମସଲାର ପରିମାଣ ବଢ଼ାଇବା ପାଇଁ ଏଥିରେ ଚାଉଳ କୁଣ୍ଡା ଏବଂ କୃତ୍ରିମ କେମିକାଲ ରଙ୍ଗ ମିଶାଯାଇ ଶସ୍ତା ଦରରେ ବଜାରରେ ବିକ୍ରି କରାଯାଉଥିଲା। ତେବେ ଏହି ମିଲ୍‌ଗୁଡ଼ିକର କୌଣସି ଜିଏସଟି ପଞ୍ଜୀକରଣ କିମ୍ବା ବ୍ରାଣ୍ଡ୍ ନାମ ମଧ୍ୟ ନଥିଲା। ବ୍ୟବହୃତ ହୋଇଥିବା ନିର୍ଦ୍ଦିଷ୍ଟ ବିଷାକ୍ତ ପଦାର୍ଥ ଓ ରଙ୍ଗ ଚିହ୍ନଟ କରିବା ପାଇଁ ଉଭୟ ପ୍ରକ୍ରିୟାକରଣ କେନ୍ଦ୍ରରୁ ନମୁନାଗୁଡ଼ିକୁ ବିସ୍ତୃତ ରାସାୟନିକ ପରୀକ୍ଷଣ ନିମନ୍ତେ ରାଜ୍ୟ ଖାଦ୍ୟ ପରୀକ୍ଷଣାଗାରକୁ ପଠାଯାଇଛି। ଭାରତୀୟ ନ୍ୟାୟ ସଂହିତା ଏବଂ ଖାଦ୍ୟ ସୁରକ୍ଷା ଓ ମାନକ ଆଇନର ସମ୍ପୃକ୍ତ ଧାରା ଅନୁଯାୟୀ ଦୁଇଟି ପୃଥକ ମାମଲା ରୁଜୁ କରାଯାଇଛି।

## କମ୍ ଦାମରେ ଜିନିଷ ନ ଦେବାରୁ ଖଣ୍ଡା ଚୋଟ, ନାବାଳକ ଗିରଫ

ଭୁବନେଶ୍ୱର(ନି.ପ୍ର): କମ ଦାମରେ ଜିନିଷ ନଦେବାରୁ ଦୋକାନୀକୁ ଖଣ୍ଡାରେ ଆକ୍ରମଣ କରିବା ଅଭିଯୋଗରେ କ୍ୟାପିଟାଲ ଥାନା ପୁଲିସ ଜଣେ ନାବାଳକକୁ ଗିରଫ କରିଛି। ଗିରଫ ନାବାଳକଙ୍କୁ କାବୁ କରି ଜୁଭେନାଇଲ ଜଷ୍ଟିସବୋର୍ଡଙ୍କ ନିକଟରେ ହଜାର କରାଯାଇଛି। ସୂଚନାଯୋଗ୍ୟ ଯେ, ଅଭିଯୋଗକାରୀ ଏସକେ ଇମ୍ରାନ ହୋସେନଙ୍କର ୟୁନିଟ-୨ ସ୍ଥିତ ପୁରୁଣା ବସ-ଷ୍ଟାଣ୍ଡ ନିକଟରେ ଏକ ଦୋକାନ ଅଛି। ଗତ କାଲି ୧.୩୦ ସମୟରେ ସେ ଦୋକାନ ସମ୍ମୁଖରେ ବସିଥିବା ବେଳେ, ଦୁଇଜଣ ବ୍ୟକ୍ତି ବିଶେଷ ଏକ ସ୍କୁଟି ଯୋଗେ ସେଠାକୁ ଆସି ତାଙ୍କ ସହିତ ଝଗଡା କରିଥିଲେ। ଅଭିଯୋଗକାରୀ ଏହାର ପ୍ରତିବାଦ କରିବାରୁ ଉଭୟଙ୍କ ମଧ୍ୟରୁ ଜଣେ ଏକ ଖଣ୍ଡା ବାହାର କରି ତାଙ୍କ ପେଟକୁ ଲକ୍ଷକରି ଆକ୍ରମଣ କରିଥିଲଏ। ଫଳରେ ତାଙ୍କର ଶରୀରରେ ଗଭୀର କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହୋଇଥିଲା । ଘଟଣା ପରେ ଉଭୟ ଘଟଣା ସ୍ଥଳରୁ ସ୍କୁଟି ନେଇ ଫେରାର ହୋଇଯାଇଥିବା ବେଳେ, ଅଭିଯୋଗକାରୀ ଏନେଇ ଥାନାରେ ଅଭିଯୋଗ କରିଥିଲେ। ତଦନ୍ତରୁ ଜଣାପଡ଼ିଛି ଯେ, ନାବାଳକ ଜଣକ ତା’ର ଜଣେ ସହଯୋଗୀଙ୍କ ସହ ଏକ ଟିଭିଏସ୍ ଏନ୍‌ଟର୍କ ସ୍କୁଟିରେ ୟୁନିଟ୍-୨, ପୁରୁଣା ବସ୍‌ଷ୍ଟାଣ୍ଡ ନିକଟସ୍ଥ ଏକ ଦୋକାନକୁ ଯାଇଥିଲେ । ପରେ ସେମାନେ ଅଭିଯୋଗକାରୀଙ୍କ ବେଭ୍ରିଟ୍ ଦୋକାନ ନିକଟକୁ ଆସି କମ୍ ଦାମରେ ସାମଗ୍ରୀ ଦେବାକୁ ଦାବି କରିଥିଲେ । ଏହାକୁ ନେଇ ନାବାଳକ ଜଣକ ଦୋକାନର କର୍ମଚାରୀଙ୍କ ସହ ଯୁକ୍ତିତର୍କ କରିବା ସହ ନିଜ ପାଖରେ ଲୁଚାଇ ରଖିଥିବା ଖଣ୍ଡା ଦେଖାଇଥିଲେ । ଏହା ଦେଖି ନିକଟରେ ଥିବା ଲୋକମାନେ ଭୟଭୀତ ହୋଇପଡ଼ିଥିଲେ । ଦୋକାନ ମାଲିକ ଅଭିଯୋଗକାରୀ ନାବାଳକକୁ ବୁଝାଇବାକୁ ଚେଷ୍ଟା କରିବାରୁ ଉଭୟଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା । ଏହି ସମୟରେ ନାବାଳକର ସହଯୋଗୀ ଘଟଣାସ୍ଥଳରୁ ଚାଲିଯାଇଥିଲା ଏବଂ ନାବାଳକ ଜଣକ ସ୍କୁଟି ନେଇ ସେଠାରୁ ପଳାଇଥିଲେ । କିଛି ସମୟ ପରେ ସେ ପଛପଟୁ ଆସି ଅଭିଯୋଗକାରୀଙ୍କ ପେଟରେ ଖଣ୍ଡାରେ ଆକ୍ରମଣ କରିଥିଲେ । ଫଳରେ ଅଭିଯୋଗକାରୀଙ୍କ ପେଟରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ପରେ ନାବାଳକ ଜଣକ ଉକ୍ତ ସ୍କୁଟିରେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଏହା ଦେଖି ସ୍ଥାନୀୟ ଦୋକାନୀମାନେ ତାକୁ ପିଛା କରିଥିଲେ ମଧ୍ୟ ଧରିବାରେ ସଫଳ ହୋଇନଥିଲେ। ଅଧିକ ତଦନ୍ତ କାଳରେ ପୁଲିସ ନାବାଳକ ଜଣକୁ କାବୁ କରିବାରେ ସକ୍ଷମ ହୋଇଥିବା ବେଳେ, ତାଙ୍କ ହେପାଜତରୁ ଘଟନରେ ବ୍ୟବହୃତ ଖଣ୍ଡା, ସ୍କୁଟି ଏବଂ ଏକ ମୋବାଇଲ ଫୋନ ଜବତ କରାଯାଇଥିଲା । ନାବଳକଙ୍କ ପୂର୍ବ ଅପରାଧିକ ସମ୍ପୃକ୍ତି ଯାଞ୍ଚ ବେଳେ, ତାଙ୍କ ନାମରେ କ୍ୟାପିଟାଲ ଥାନାରେ ୮ ଗୋଟି ଭିନ୍ନ ଅପରାଧିକ ମାମଲା ରହିଥିବା ଜଣପଡିଛି ।

## ପୂର୍ବତନ ଅଧ୍ୟକ୍ଷାଙ୍କ ଲାପଟପ୍ ଓ ବିଭିନ୍ନ ସାମଗ୍ରୀ ଚୋରି

ପିପିଲି(ନିପ୍ର): ପିପିଲି ଏସଡିପିଓ କାର୍ଯ୍ୟାଳୟ ଅଧିନ ବଳଙ୍ଗା ଥାନା ଅନ୍ତର୍ଗତ ବଳଙ୍ଗା - ନିମାପଡା ମୁଖ୍ୟ ରାସ୍ତାର ଦଣ୍ଡିପୁରଠାରେ ଥିବା ଏକ ବେସରକାରୀ ଆବାସିକ ବିଦ୍ୟାଳୟରୁ ପୂର୍ବତନ ଅଧ୍ୟକ୍ଷାଙ୍କ ଲାପଟପ୍, ମୋବାଇଲ ଓ ସ୍ମାର୍ଟ ୱାଚ ଚୋରି ହୋଇଥିବା ନେଇ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ପକ୍ଷରୁ ଥାନାରେ ମାମଲା ରୁଜୁ କରାଯିବା ସହ ସାଇଣ୍ଟିଫିକ୍ ଟିମ ସହାୟତାରେ ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ରିତାଞ୍ଜଳି ମିଶ୍ର ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ ରୀତାଞ୍ଜଳି ଗତ ଏପ୍ରିଲ ମାସ ୫ ତାରିଖରେ ବିଦ୍ୟାଳୟରେ ଅଧ୍ୟକ୍ଷା ଭାବେ ଯୋଗ ଦେଇଥିଲେ। ନିଯୁକ୍ତି ସମୟରେ ମାସିକ ୩୫ ହଜାର ଟଙ୍କା ବେତନ ଦିଆଯିବ ବୋଲି ବିଦ୍ୟାଳୟ ପକ୍ଷରୁ ପ୍ରତିଶୃତି ଦିଆଯାଇଥିଲା । ରିତାଞ୍ଜଳି ବିଦ୍ୟାଳୟରେ ଅନୁପସ୍ଥିତ ଥିବା ବେଳେ ବିଦ୍ୟାଳୟ ସମ୍ପାଦିକା ବିଦ୍ୟାଳୟରେ ତାଙ୍କ ସ୍ଥାନରେ ଅନ୍ୟ ଜଣଙ୍କୁ ଅଧ୍ୟକ୍ଷ ଭାବେ ରଖିଥିବା ନେଇ ଜାଣିବା ପରେ ସେ ବିଦ୍ୟାଳୟକୁ ଆସିନଥିଲେ। ତେବେ ଚଳିତ ମାସ ୯ ତାରିଖରେ ରିତାଞ୍ଜଳି ବିଦ୍ୟାଳୟରେ ପହଞ୍ଚି ସେ ରହୁଥିବା ରୁମକୁ ଯିବାରେ ତା’ ଭିତରେ ତାଙ୍କ ଲାପଟପ୍, ମୋବାଇଲ, ସ୍ମାର୍ଟୱାଚ ନଥିବା ଦେଖିବାକୁ ପାଇଥିଲେ। ଏନେଇ ବିଦ୍ୟାଳୟ ସମ୍ପାଦିକାଙ୍କୁ ଜଣାଇବାରେ ସେ କୌଣସି ପଦକ୍ଷେପ ନେଇନଥିଲେ ବୋଲି ରିତାଞ୍ଜଳୀ ଥାନାରେ ଅଭିଯୋଗ କରିଛନ୍ତି।

# ଭିଜିଲାନ୍ସ ପଞ୍ଝାରେ 'କୋଟିପତି' ଏବିଇଓ

## ଏକାଧିକ ବହୁତଳ କୋଠା ଓ ୧୯ ପ୍ଲଟ୍ ଠାବ



ଧର୍ମଶାଳା, ୧୨।୧୦: ଭିଜିଲାନ୍ସ ପଞ୍ଝାରେ ପଡିଛନ୍ତି ଧର୍ମଶାଳାର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ (ଏବିଇଓ) ଜୟଦେବ ଜେନା। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତାଙ୍କ ଘର, କାର୍ଯ୍ୟାଳୟ ଓ ସମ୍ପର୍କୀୟଙ୍କ ଘର ସମେତ ୭ଟି ସ୍ଥାନରେ ଭିଜିଲାନ୍ସ ଏକକାଳୀନ ଚଢ଼ାଉ ଫଳରେ ତାଙ୍କର ଏକାଧିକ ବହୁତଳ କୋଠା ଓ ୧୯ଟି ପ୍ଲଟ୍ ଠାବ ହୋଇଛି। ବିପୁଳ ଅଳଙ୍କାର ମିଳିଥିବା ସୂଚନା ମିଳିଛି।ସୂଚନା ଅନୁଯାୟୀ, ଜୟଦେବ ଜେନାଙ୍କ ଭୁବନେଶ୍ୱର ପାତ୍ରପଡ଼ାରେ ଏକ ୩ ମହଲା କୋଠା ଥିବା ବେଳେ ଗଞ୍ଜାମ ଜିଲ୍ଲାର ପି. ନୂଆଗାଁରେ ଦୁଇଟି ବହୁତଳ କୋଠା ଠାବ କରାଯାଇଛି। ଏହାବ୍ୟତୀତ ଭୁବନେଶ୍ୱର, ଖଲ୍ଲିକୋଟ ଓ କୋଦଳା ଅଞ୍ଚଳରେ ତାଙ୍କ ନାମରେ ୧୯ଟି ପ୍ଲଟ୍ ଥିବା ଜଣାପଡ଼ିଛି। ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ସର୍ଚ୍ଚ ୱାରେଣ୍ଟ ଆଧାରରେ ଏହି ଚଢ଼ାଉରେ ୩ ଜଣ ଅତିରିକ୍ତ ଏସପି, ୪ ଜଣ ଡିଏସପି, ୯ ଜଣ ଇନ୍ସପେକ୍ଟର ଓ ଅନ୍ୟ କର୍ମଚାରୀଙ୍କୁ ନେଇ ଗଠିତ ଟିମ୍ ଭୁବନେଶ୍ୱର, ଗଞ୍ଜାମ ଓ ଯାଜପୁର ଜିଲ୍ଲାରେ ଯାଞ୍ଚ କରିଛନ୍ତି। ଭିଜିଲାନ୍ସ ଟିମ୍ ଗଞ୍ଜାମ ଜିଲ୍ଲାର ବୁରୁଝରୀସ୍ଥିତ ଆତ୍ମୀୟଙ୍କ ଘର, ଭୁବନେଶ୍ୱର ଖଣ୍ଡଗିରିର ଜନନୀ ବିହାରସ୍ଥିତ ସମ୍ପର୍କୀୟଙ୍କ ଘର, ଯାଜପୁର ଜିଲ୍ଲାର ଜାରକାସ୍ଥିତ ଭଡ଼ାଘର ଓ କାର୍ଯ୍ୟାଳୟରେ ମଧ୍ୟ ଚଢ଼ାଉ କରିଛି। ତାଙ୍କ ଘରୁ ସୁନା, ରୁପା ଓ ହୀରା ଅଳଙ୍କାର, ରୁପାର ଗିଲାସ, ଚାମଚ ଏବଂ ଗିନା ଆଦି ଜବତ କରାଯାଇଛି ।

# ଆଜିଠୁ ବର୍ଷାରେ ଭିଜିବ ପୂର୍ବ ଓଡ଼ିଶା

## ୧୫ ପର୍ଯ୍ୟନ୍ତ ରହିପାରେ ପ୍ରଭାବ

ଭୁବନେଶ୍ୱର, ୧୨।୧୦: ଦକ୍ଷିଣ ଆଣ୍ଡାମାନ ସାଗର ନିକଟବର୍ତ୍ତୀ ଅଞ୍ଚଳରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି ୧୩ ତାରିଖ ବେଳକୁ ଏହା ଲଘୁଚାପର ରୂପ ନେଇପାରେ । ଆଗକୁ ଦଶହରା ଥିବାରୁ ସମ୍ଭାବ୍ୟ ଲଘୁଚାପକୁ ନେଇ ଲୋକଙ୍କ ମନରେ ଆଶଙ୍କା ବଢ଼ିଛି । ମଙ୍ଗଳବାରଠୁ ବର୍ଷାରେ ଭିଜିବ ପୂର୍ବ ଓଡ଼ିଶା। ୧୩ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ଏହାର ପ୍ରଭାବ ଦେଖିବାକୁ ମିଳିପାରେ । ବଙ୍ଗୋପସାଗରରୁ ଲଗାତାର ଜଳୀୟ ବାଷ୍ପ ଆସୁଥିଲେ ମଧ୍ୟ କୌଣସି ଶକ୍ତିଶାଳୀ ସିଷ୍ଟମ ନ ଥିବାରୁ ରାଜ୍ୟରେ ଅତ୍ୟଧିକ ବର୍ଷାର କୌଣସି ସମ୍ଭାବନା ନାହିଁ । ତେବେ ବାଲେଶ୍ୱର, ଭଦ୍ରକ, ଯାଜପୁର, କଟକ, ଖୋର୍ଦ୍ଧା, ନୟାଗଡ଼, ଢେଙ୍କାନାଳ ଓ ଗଞ୍ଜାମ ଆଦି ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ କାଁ ଭାଁ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସାଙ୍ଗକୁ କୁହୁଡ଼ିଆ ପରିବେଶ ଦେଖିବାକୁ ମିଳିପାରେ। ଆସନ୍ତା ୧୬ ତାରିଖ ବେଳକୁ ଆନ୍ଧ୍ର-ତାମିଲନାଡୁ ଉପକୂଳ ପାର୍ଶ୍ୱରୁ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହାର ସ୍ପଷ୍ଟ ଗତିବିଧି ଓ ପ୍ରଭାବ ଆସନ୍ତା ୧୪ ରୁ ୧୫ ତାରିଖ ସୁଦ୍ଧା ଜଣାପଡ଼ିବ ।

# ରାମଲୀଲାରେ ଅଭିନୟ କରିବେ ଜୁଏଲ ଓରାମ



**ଭୁବନେଶ୍ୱର, ୧୨।୧୦(ନିପ୍ର):** ଲବ୍ କୁଶ ରାମଲୀଳା କମିଟି ପକ୍ଷରୁ ଦିଲ୍ଲୀର ଲାଲକିଲ୍ଲା ମଇଦାନରେ ହେବାକୁ ଥିବା ରାମଲୀଳାରେ ଅଭିନୟ କରିବେ କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ। ଶବର ରାଜା ନିଷାଦ ଭୂମିକାରେ ତାଙ୍କୁ ଦେଖିବାକୁ ମିଳିବ। ତାଙ୍କର ଅଭିନୟର ଯାଦୁ ଦେଖିବେ ଦୁନିଆ । ନବରାତ୍ରୀ ସହିତ ଦିଲ୍ଲୀ ସମେତ ଉତ୍ତର ଭାରତରେ ରାମଲୀଳାର ପରମ୍ପରା ରହିଛି। ଦିଲ୍ଲୀର ପ୍ରତିଷ୍ଠିତ ଲବକୁଶ ରାମଲୀଳା କମିଟି ପକ୍ଷରୁ ଆୟୋଜିତ ରାମଲୀଳାରେ ବହୁ ପ୍ରତିଷ୍ଠିତ କଳାକାର ଅଭିନୟ କରିଥାନ୍ତି। ତେବେ ଏଥର ମଞ୍ଚରେ କେନ୍ଦ୍ରମନ୍ତ୍ରୀଙ୍କୁ ଦେଖିବାକୁ ମିଳିବ।

## ଟାଇମ୍ସ ଫ୍ୟାଶନ୍ ସପ୍ତାହରେ ଓଡ଼ିଶାର ହସ୍ତତନ୍ତ

# ଖୁସି ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨/୧୦(ନିପ୍ର): ଟାଇମ୍ସ ଫ୍ୟାଶନ୍ ୱିକ୍ରେ ଓଡ଼ିଶାର ହସ୍ତତନ୍ତ, ଆଦିବାସୀ କଳା ଓ ପାରମ୍ପରିକ ହସ୍ତଶିଳ୍ପ ପ୍ରଦର୍ଶନକୁ ଦେଖି ଖୁସି ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ। ଏକ୍ସ ହ୍ୟାଣ୍ଡେଲରେ ଏକ ବାର୍ତ୍ତା ଜାରି କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ, ପ୍ରତ୍ୟେକ ହସ୍ତତନ୍ତ, ପ୍ରତ୍ୟେକ ଜନଜାତିୟ ହସ୍ତକଳା ଏବଂ ପ୍ରତ୍ୟେକ ପାରମ୍ପରିକ ସୃଷ୍ଟି ପଛରେ ରହିଛି ଆମ ଲୋକଙ୍କ କଠିନ ପରିଶ୍ରମ, ପ୍ରତିଭା ଓ ସଂଘର୍ଷର କାହାଣୀ। ଟାଇମ୍ସ ଫ୍ୟାଶନ୍ ୱିକରେ ଆମର ମହିଳା କାରିଗର ଓ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଆତ୍ମବିଶ୍ୱାସର ସହ ରାମ୍ପରେ ଚାଲି ଆମର ସମୃଦ୍ଧ ଜନଜାତିୟ ଐତିହ୍ୟ, ଜିଆଇ ଟ୍ୟାଗ ପ୍ରାପ୍ତ ଉତ୍ପାଦ, ହସ୍ତତନ୍ତ, ଅଳଙ୍କାର ଓ ଅନ୍ୟାନ୍ୟ ଫ୍ୟାଶନ୍ ସାମଗ୍ରୀ ପ୍ରଦର୍ଶନ କରୁଥିବା ଦେଖି ମୁଁ ଅତ୍ୟନ୍ତ ଗର୍ବ ଅନୁଭବ କରୁଛି। ସେମାନଙ୍କ ହାତରେ ପିଢ଼ି ପରେ ପିଢ଼ି ସଞ୍ଚିତ କଳାକୌଶଳ ରହିଛି, ସେମାନଙ୍କ ସୃଷ୍ଟି ଆମ ସଂସ୍କୃତିର କାହାଣୀ କହୁଛି ଏବଂ ସେମାନଙ୍କ ସ୍ୱପ୍ନ ପୂରଣ ପାଇଁ ପ୍ରତ୍ୟେକ ସୁଯୋଗ ମିଳିବା ଉଚିତ।

# ୫ ଜଣଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କଲା କଂଗ୍ରେସ

**ଭୁବନେଶ୍ୱର, ୧୨/୧୦(ନିପ୍ର):** ପ୍ରଦେଶ କଂଗ୍ରେସ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ପକ୍ଷରୁ ୫ ଜଣଙ୍କ ଉପରୁ ଅତୀତରେ ହୋଇଥିବା ନିଲମ୍ବନ ଆଦେଶକୁ ପ୍ରତ୍ୟାହାର କରାଯାଇଛି। ସେମାନଙ୍କ ମଧ୍ୟରୁ ୪ ଜଣ କନ୍ଧମାଳ ଜିଲ୍ଲାର ହୋଇଥିବା ବେଳେ ଜଣେ ଗଞ୍ଜାମ ଜିଲ୍ଲା (ପଶ୍ଚିମ)ର। ଫୁଲବାଣୀ ମୁନିସିପାଲଟିର ବଳେଦବ ବେହେରା , ସେକ ଅବଦୁଲ ସକୀର ଓ ଶିବଶଙ୍କର ବେହେରା ଏବଂ ଖଜୁରୀପଡ଼ା ବ୍ଲକର ଗୌରଚରଣ ବେହେରାଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରାଯାଇଛି। ସେହିପରି ଗଞ୍ଜାମ ଜିଲ୍ଲା (ପଶ୍ଚିମ ଭଞ୍ଜନଗରର ବବି ଅନନ୍ତ ନାଗ ରଥଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରାଯାଇଛି। ଓଡ଼ିଶା ପ୍ରଦେଶ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ କମିଟି ଅଧ୍ୟକ୍ଷ ସୁଜୀତ୍ କୁମାର ପାଢ଼ୀ ଏହି ସୂଚନା ଦେଇଛନ୍ତି।

## ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆରେ ରଖିଲେ ମତ

# ଗଣତନ୍ତ୍ରର ସୁଦୃଢ଼ୀକରଣ ପାଇଁ ଲୋଡ଼ା ଏସ୍ଆଇଆର

ଭୁବନେଶ୍ୱର, ୧୨।୧୦: ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍)କୁ ଗଣତାନ୍ତ୍ରିକ ବ୍ୟବସ୍ଥାର ବିଶ୍ୱସନୀୟତା ବଜାୟ ରଖିବା ପାଇଁ ଆବଶ୍ୟକ । ରାଜ୍ୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏପରି କହିଛନ୍ତି। ସ୍ୱାଧୀନ ଓ ଅବାଧ ନିର୍ବାଚନ ଏବଂ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ମତଦାନ ଅଧିକାରର ସୁରକ୍ଷା ଗଣତନ୍ତ୍ରର ମୂଳଦୁଆ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆରେ ନିଜର ମତାମତ ସେୟାର କରି କହିଛନ୍ତି ଯେ, ଗଣତାନ୍ତ୍ରିକ ବ୍ୟବସ୍ଥାରେ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବା ପାଇଁ ଭୋଟର ତାଲିକାର ସ୍ୱଚ୍ଛତା ଓ ସଠିକତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭୋଟର ତାଲିକାରେ ଏକାଧିକ ଥର ନାମ ପଞ୍ଜୀକୃତ ହେବା, ପୁରୁଣା ତଥ୍ୟ ଏବଂ ମୃତ ବ୍ୟକ୍ତିଙ୍କ ନାମ ତାଲିକାରେ ରହିବା ଦ୍ୱାରା ଏହାର ଶୁଦ୍ଧତା ପ୍ରଭାବିତ ହୋଇପାରେ। ତେଣୁ ଭୋଟର ତାଲିକାକୁ ବିଶ୍ୱସନୀୟ କରିବା କେବଳ ପ୍ରଶାସନିକ ଆବଶ୍ୟକତା ନୁହେଁ, ବରଂ ନିର୍ବାଚନ ପ୍ରକ୍ରିୟାର ନିରପେକ୍ଷତା ସୁନିଶ୍ଚିତ କରିବା ଏବଂ ଗଣତନ୍ତ୍ର ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ସୁଦୃଢ଼ କରିବା ପାଇଁ ମଧ୍ୟ ଜରୁରୀ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏସ୍ଆଇଆର୍ ମାଧ୍ୟମରେ ଭୋଟର ତାଲିକାକୁ ଯୋଗ୍ୟ ଭୋଟରଙ୍କ ଅନୁରୂପ କରିବାରେ ସହାୟତା ମିଳିଥାଏ। ଏହି ପ୍ରକ୍ରିୟାରେ ତାଲିକାରେ ଥିବା ଅସଙ୍ଗତି ଚିହ୍ନଟ କରିବା, ଏକାଧିକ ପଞ୍ଜୀକରଣକୁ ହଟାଇବା ଏବଂ ମୃତ୍ୟୁ କିମ୍ବା ବାସସ୍ଥାନ ପରିବର୍ତ୍ତନ ପରେ ରେକର୍ଡକୁ ଅଦ୍ୟତନ କରିବା ଭଳି କାର୍ଯ୍ୟ କରାଯାଏ। ଏହାଦ୍ୱାରା କୌଣସି ଯୋଗ୍ୟ ଭୋଟର ଯେପରି ଭୋଟର ତାଲିକାରୁ ବାଦ୍ ନ ପଡ଼ନ୍ତି, ତାହା ମଧ୍ୟ ସୁନିଶ୍ଚିତ କରାଯାଇପାରେ। ମୁଖ୍ୟମନ୍ତ୍ରୀ ଏହା ମଧ୍ୟ ଜୋର୍ ଦେଇ କହିଛନ୍ତି ଯେ, ସଂଶୋଧନ ପ୍ରକ୍ରିୟା ସମୟରେ ପ୍ରତ୍ୟେକ ବୈଧ ଭୋଟରଙ୍କୁ ଅନ୍ୟାୟ ଭାବେ ଭୋଟର ତାଲିକାରୁ ବାଦ୍ ପଡ଼ିବାରୁ ସୁରକ୍ଷା ଦେବା ମଧ୍ୟ ସମାନ ଭାବେ ଆବଶ୍ୟକ। ଏଗୁଡ଼ିକ କେବଳ ପ୍ରଶାସନିକ ଔପଚାରିକତା ନୁହେଁ, ବରଂ ନିର୍ବାଚନର ନିରପେକ୍ଷତା, ସମାନ ପ୍ରତିନିଧିତ୍ୱ ଏବଂ ପ୍ରତ୍ୟେକ ଭୋଟର ମର୍ଯ୍ୟାଦା ସହ ଜଡ଼ିତ ଗୁରୁତ୍ୱପୂର୍ଣ୍ଣ ବିଷୟ। ଶ୍ରୀ ମାଝୀ ଏସ୍ଆଇଆର୍‌କୁ ନିର୍ବାଚନ ବ୍ୟବସ୍ଥାର ପବିତ୍ରତା ବଜାୟ ରଖିବା ପାଇଁ ଏକ ଆବଶ୍ୟକ ଓ ସକାରାତ୍ମକ ପ୍ରକ୍ରିୟା ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ, ନିରପେକ୍ଷତା ଓ ସମ୍ପୂର୍ଣ୍ଣ ସତର୍କତାର ସହ ଏହାର ପ୍ରଭାବଶାଳୀ କାର୍ଯ୍ୟକାରିତା ଦ୍ୱାରା ଭୋଟର ତାଲିକାର ବିଶ୍ୱସନୀୟତା ବଜାୟ ରହିବା ସହ ଗଣତାନ୍ତ୍ରିକ ପ୍ରକ୍ରିୟା ପ୍ରତି ଜନସାଧାରଣଙ୍କ ବିଶ୍ୱାସ ଆହୁରି ସୁଦୃଢ଼ ହେବ। ମୁଖ୍ୟମନ୍ତ୍ରୀଙ୍କ ଏହି ବକ୍ତବ୍ୟରେ ଭୋଟର ତାଲିକାର ଶୁଦ୍ଧତା ସୁନିଶ୍ଚିତ କରିବା ସହ ସମସ୍ତ ଯୋଗ୍ୟ ନାଗରିକଙ୍କ ମତଦାନ ଅଧିକାରର ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।





ନବରାତ୍ରୀର ଦ୍ୱିତୀୟ ଦିନରେ କାକଟପୁର ମା' ମଙ୍ଗଳା (ଫଟୋ- ତୁଷାର ଦୀକ୍ଷିତ)

# ଆଇଆଇଟି ଭୁବନେଶ୍ୱର ପକ୍ଷରୁ 'ମନସ୍ୱିତା' କର୍ମଶାଳା



ଭୁବନେଶ୍ୱର, ୧୨/୧୦(ନିପ୍ର): ଭାରତୀୟ ପ୍ରଯୁକ୍ତିବିଦ୍ୟା ସଂସ୍ଥା (ଆଇଆଇଟି) ଭୁବନେଶ୍ୱର ପକ୍ଷରୁ ୧୧-୧୨ ଅକ୍ଟୋବର ୨୦୨୬ ରେ 'ମାନସବିତା: ବିଲ୍ଡିଂ ରେଜିଲିଏନ୍ସ ଆଣ୍ଡ ସପୋର୍ଟିଭ୍ କ୍ୟାମ୍ପସ୍ କମ୍ୟୁନିଟିଜ୍' ଶୀର୍ଷକ ଏକ ଦୁଇଦିନିଆ କର୍ମଶାଳା ଆୟୋଜନ କରାଯାଇଥିଲା। ଏହି କର୍ମଶାଳାଟି ସକାରାତ୍ମକ ମାନସିକ ସ୍ୱାସ୍ଥ୍ୟ, ସହନଶୀଳତା ଏବଂ ସାମଗ୍ରିକ କଲ୍ୟାଣ ଉପରେ ଆଧାରିତ ଥିଲା। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅଧୀନସ୍ଥ ଉଚ୍ଚଶିକ୍ଷା ବିଭାଗର ସହଯୋଗରେ ଏବଂ 'ମାଲବ୍ୟ ମିଶନ୍ ଶିକ୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ' ର 'ଟିଚର୍ କନେକ୍ଟ ପ୍ରୋଗ୍ରାମ୍' ଅଧୀନରେ ଏହା ଆୟୋଜିତ ହୋଇଥିଲା। ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକରେ ଛାତ୍ରଛାତ୍ରୀଙ୍କ କଲ୍ୟାଣ ଓ ସୁସ୍ଥତାକୁ ସୁଦୃଢ଼ କରିବା ଦିଗରେ ଆଲୋଚନା କରିବା ପାଇଁ ଏହି କର୍ମଶାଳାରେ ବିଭିନ୍ନ ବିଶେଷଜ୍ଞ ଏବଂ ଶିକ୍ଷା କ୍ଷେତ୍ରର ସମ୍ପୃକ୍ତ ଅଂଶୀଦାରମାନେ ଏକତ୍ରିତ ହୋଇଥିଲେ। କର୍ମଶାଳାଟି ଚିନ୍ତାର ପ୍ରାରମ୍ଭିକ ଚିହ୍ନଟ, ସହାୟକ ଶିକ୍ଷକ-ଛାତ୍ର ସମ୍ପର୍କ, ସହକର୍ମୀ ପରାମର୍ଶ, ଜୀବନ କୌଶଳ ଏବଂ ସ୍ଥାୟୀ କ୍ୟାମ୍ପସ-ସ୍ତରୀୟ ହସ୍ତକ୍ଷେପ ମାଧ୍ୟମରେ ମାନସିକ ସ୍ୱାସ୍ଥ୍ୟ ଏବଂ ସୁସ୍ଥତାକୁ ଅନୁଷ୍ଠାନିକ ଅଭ୍ୟାସରେ ସାମିଲ କରିବା ଉପରେ ଧ୍ୟାନ ଦେଇଥିଲା। ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କରମଲକର ସୁସ୍ଥତାକୁ ପ୍ରୋତ୍ସାହିତ କରିବାରେ ଭଲ କ୍ୟାମ୍ପସ ପରିବେଶ, ମାନବୀୟ ସଂଯୋଗ ଏବଂ ଅନ୍ତର୍ଭୁକ୍ତ ଅଭ୍ୟାସର ଭୂମିକା ଉପରେ ଆଲୋକପାତ କରିଥିଲେ। 'ଜଣେ ବ୍ୟକ୍ତିଙ୍କ ସୁସ୍ଥତା ନିଜ ଉପରେ ଏବଂ ଅନ୍ୟମାନଙ୍କ ଉପରେ ନିର୍ଭର କରେ। ତେଣୁ ଛାତ୍ର, ଅଧ୍ୟାପକ, କର୍ମଚାରୀ ଏବଂ ସେମାନଙ୍କ ପରିବାରର ସୁସ୍ଥତାକୁ ଏକକାଳୀନ ଭାବରେ ବିଚାର କରିବା ଉଚିତ,' ସେ କହିଥିଲେ। ସେ ଆହୁରି କହିଥିଲେ ଯେ, "କୌଣସି ଦୁଇଟି ମନ ସମାନ ନୁହେଁ।" ଏହା ବିଭିନ୍ନ ମତାମତ ଓ ଦୃଷ୍ଟିକୋଣ ପ୍ରତି ଉନ୍ମୁକ୍ତ ଏବଂ ଗ୍ରହଣଶୀଳ ରହିବାର ଆବଶ୍ୟକତାକୁ ଦର୍ଶାଏ। ସେ ଅନୁଷ୍ଠାନର ବିଭିନ୍ନ ସୁସ୍ଥତାମୂଳକ ପଦକ୍ଷେପ ବିଷୟରେ ଉଲ୍ଲେଖ କରିଥିଲେ।

# ଏମ୍‌ସିଏଲ୍‌ରେ ବିଭିନ୍ନ ସଂସ୍ଥାନରେ ଅନୁଷ୍ଠିତ ହେଲା ଇ-ବର୍ଜ୍ୟବସ୍ତୁ ପରିଚାଳନା କାର୍ଯ୍ୟକ୍ରମ

**ସମ୍ବଲପୁର, ୧୨/୧୦(ନିପ୍ର):** ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ ଦେଶବ୍ୟାପୀ ପାଳନ କରାଯାଉଥିବା 'ବିଶେଷ ଅଭିଯାନ ୬' ରେ ସାମିଲ ହୋଇ ଏହାର ମୁଖ୍ୟାଳୟ ଏବଂ ବିଭିନ୍ନ ପରିଚାଳନା କ୍ଷେତ୍ରରେ ଦାୟିତ୍ୱବାନ ଇ-ବର୍ଜ୍ୟବସ୍ତୁ ପରିଚାଳନାକୁ ପ୍ରୋତ୍ସାହିତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରୁଛି। ୩୧ ଅକ୍ଟୋବର ୨୦୨୬ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ବିଶେଷ ଅଭିଯାନରେ ଏମ୍‌ସିଏଲ୍‌ର ସମସ୍ତ ସଂସ୍ଥାନରେ ବ୍ୟବସ୍ଥିତ ବର୍ଜ୍ୟବସ୍ତୁ ସଂଗ୍ରହ, ପରିବେଶ ସଚେତନତା ଏବଂ ସ୍ୱଚ୍ଛତା ବୃଦ୍ଧି ଉପରେ ମୁଖ୍ୟ ଧ୍ୟାନ ଦିଆଯାଉଛି। ଏହି ଅଭିଯାନର ଗୋଟିଏ ଭାଗ ସ୍ୱରୂପ, ଅବ୍ୟବହୃତ ତଥା ପରିତ୍ୟକ୍ତ ଇଲେକ୍ଟ୍ରୋନିକ୍ସ ସାମଗ୍ରୀଗୁଡ଼ିକର ସଂଗ୍ରହ ଏବଂ ଅଧିକୃତ ପୁନଃଚକ୍ରଣ ସଂସ୍ଥା ମାଧ୍ୟମରେ ସୁରକ୍ଷିତ ବିନିଯୋଗ ପାଇଁ ଏମ୍‌ସିଏଲ୍‌ର ବିଭିନ୍ନ କ୍ଷେତ୍ରରେ 'ଇ-ୱେଷ୍ଟ କଲେକ୍ସନ୍ କିଓସ୍କ' ସ୍ଥାପନ କରାଯାଇଛି। ମୁଖ୍ୟାଳୟ ଏବଂ ପରିଚାଳନା କ୍ଷେତ୍ରର କର୍ମଚାରୀମାନେ ଉତ୍ସାହର ସହିତ ଏହି ଅଭିଯାନରେ ଭାଗ ନେଇ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଯୋଗଦାନ ଦେବା ସହ ପରିବେଶ ଅନୁକୂଳ ଅଭ୍ୟାସଗୁଡ଼ିକୁ ପ୍ରୋତ୍ସାହିତ କରୁଛନ୍ତି। ଅନୁପଯୁକ୍ତ ଇ-ବର୍ଜ୍ୟବସ୍ତୁ ନିଷ୍କାସନ ଦ୍ୱାରା ହେଉଥିବା ମୃତ୍ତିକା ଓ ଜଳ ପ୍ରଦୂଷଣ ଏବଂ ଏହା ଯୋଗୁଁ ମାନବ ସ୍ୱାସ୍ଥ୍ୟ ଓ ପରିବେଶ ପ୍ରତି ସୃଷ୍ଟି ହେଉଥିବା ବିପଦ ସମ୍ପର୍କରେ କର୍ମଚାରୀ ଓ ଆଖପାଖର ସ୍ଥାନୀୟ ସମୁଦାୟକୁ ସଚେତନ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ଆୟୋଜନ କରାଯାଉଛି। ଏହି ଅଭିଯାନର କାର୍ଯ୍ୟକାରିତାର ପ୍ରଥମ ସପ୍ତାହରେ, ଏମ୍‌ସିଏଲ୍ ଚିହ୍ନଟ ହୋଇଥିବା ୨୪୦ଟି ସ୍ଥାନ ମଧ୍ୟରୁ ୭୩ଟି ସ୍ଥାନକୁ ସଫା କରିସାରିଛି। ୧୦,୦୦,୦୦୦ ବର୍ଗଫୁଟର ଲକ୍ଷ୍ୟ ବିପରୀତରେ ବର୍ତ୍ତମାନ ସୁଦ୍ଧା ୩,୦୬,୬୭୩ ବର୍ଗଫୁଟ ଅଞ୍ଚଳ ସଫା କରାଯାଇସାରିଛି।

## ● ଐତିହାସିକ ବାଲିଯାତ୍ରା କଟକ -୨୦୨୬

# ୧୦୦ରୁ ଉର୍ଦ୍ଧ୍ୱ ପ୍ଲଟ୍ ପାଇଁ ପଞ୍ଜୀକରଣ



କଟକ, ୧୨/୧୦(ନିପ୍ର) : ଐତିହାସିକ ବାଲିଯାତ୍ରା କଟକ -୨୦୨୬ ପାଇଁ ପ୍ଲଟ୍ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହେବା ସହ ବ୍ୟବସାୟୀ ଓ ବିଭିନ୍ନ ଅନୁଷ୍ଠାନ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି। ଅକ୍ଟୋବର ୧୦ ତାରିଖରୁ ଆରମ୍ଭ ହୋଇଥିବା ପଞ୍ଜୀକରଣ ପ୍ରକ୍ରିୟାରେ ସୋମବାର ସୁଦ୍ଧା ୧୦୦ରୁ ଉର୍ଦ୍ଧ୍ୱ ପ୍ଲଟ୍ ପାଇଁ ପଞ୍ଜୀକରଣ ହୋଇସାରିଛି। ଚଳିତ ବର୍ଷ ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ ସରଳ ଓ ସୁବିଧାଜନକ କରାଯାଇଛି। କ୍ଷୁଦ୍ର ବ୍ୟବସାୟୀ, ବିଭିନ୍ନ ଅନୁଷ୍ଠାନ, ଉଦ୍ୟୋଗ ସଂସ୍ଥା ତଥା ଅନ୍ୟ ଆଗ୍ରହୀ ବ୍ୟକ୍ତିବିଶେଷ ଅନଲାଇନ୍‌ରେ katakabalijatra.net କିମ୍ବା kataka.odisha.gov.in ୱେବ୍‌ସାଇଟ୍‌କୁ ଯାଇ ନିଜ ପସନ୍ଦର ପ୍ଲଟ୍ ପାଇଁ ପଞ୍ଜୀକରଣ କରିପାରିବେ। ଏଥିସହ ପୂର୍ବବର୍ଷ ପରି ବାରବାଟୀ ପ୍ୟାଲେସ୍‌ରେ ଅଫ୍‌ଲାଇନ୍ ମାଧ୍ୟମରେ ମଧ୍ୟ ପଞ୍ଜୀକରଣର ସୁବିଧା ରହିଛି। ଏହି ସୁବିଧା ସକାଳ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଉପଲବ୍ଧ ହେବ। ପ୍ରଶାସନ ପକ୍ଷରୁ ଜାରି ସୂଚନା ଅନୁଯାୟୀ, ଅକ୍ଟୋବର ୧୦ରୁ ପ୍ରଥମ ପର୍ଯ୍ୟାୟ ପଞ୍ଜୀକରଣ ଆରମ୍ଭ ହୋଇଛି । ଏହା ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହାପରେ ଦ୍ୱିତୀୟ ପର୍ଯ୍ୟାୟ ପଞ୍ଜୀକରଣ ଅକ୍ଟୋବର ୨୬ରୁ ୩୦ ତାରିଖ ପର୍ଯ୍ୟନ୍ତ ହେବ। ପଞ୍ଜୀକରଣ ପରେ ନଭେମ୍ବର ୨ରୁ ୭ ତାରିଖ ପର୍ଯ୍ୟନ୍ତ ପ୍ଲଟ୍ ନିଲାମ ଏବଂ ନଭେମ୍ବର ୯ ଓ ୧୦ ତାରିଖରେ ସ୍ୱତନ୍ତ୍ର ନିଲାମ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି। ବାଲିଯାତ୍ରା କେବଳ ଏକ ଐତିହାସିକ ଓ ସାଂସ୍କୃତିକ ମହୋତ୍ସବ ନୁହେଁ, ଏହା ହଜାର ହଜାର କ୍ଷୁଦ୍ର ବ୍ୟବସାୟୀ, ଉଦ୍ୟୋଗୀ ଓ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ପାଇଁ ଜୀବିକା ଓ ବ୍ୟବସାୟିକ ସୁଯୋଗର ଏକ ବୃହତ୍ ମଞ୍ଚ। ତେଣୁ ଆଗ୍ରହୀ ବ୍ୟବସାୟୀମାନେ ଧାର୍ଯ୍ୟ ସମୟସୀମା ମଧ୍ୟରେ ନିଜ ନିଜର ପ୍ଲଟ୍ ପଞ୍ଜୀକରଣ କରାଇନେବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି।

## ● ବରଣ୍ଡୁଆ ଗ୍ରାମ ପାର୍କର ଉନ୍ନତିକରଣ ହେବ

# ଅମୃତ ସରୋବର ଯୋଜନାରେ ସାମିଲ କରିବାକୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ଭଦ୍ରକ, ୧୨/୧୦(ନିପ୍ର):** ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ୍ ଅନ୍ତର୍ଗତ ବରଣ୍ଡୁଆ ଗ୍ରାମରେ ଥିବା ପ୍ରସ୍ତାବିତ ଗ୍ରାମ ପାର୍କର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ନେଇ ପଦକ୍ଷେପ ନିଆଯାଇଛି । ବରଣ୍ଡୁଆ ଗ୍ରାମରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ଉଠିଥିବା ଅଭିଯୋଗ ପରେ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟଙ୍କ ସମେତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶୁଭେନ୍ଦ୍ର ସାମଲ, ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ଓ ବାସୁଦେବପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ତନ୍ମିତ। କର ଉକ୍ତ ସ୍ଥାନ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ପ୍ରସ୍ତାବିତ ଗ୍ରାମ ପାର୍କର ସୌନ୍ଦର୍ଯ୍ୟକରଣ ସହ ପାର୍କର ସାମଗ୍ରିକ ଉନ୍ନତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏହି ପାର୍କକୁ ଅଧିକ ଆକର୍ଷଣୀୟ ଓ ସୁନ୍ଦର କରିବା ପାଇଁ ଏହାକୁ ଅମୃତ ସରୋବର ଯୋଜନାରେ ସାମିଲ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହିତ, ପାର୍କ ନିକଟରେ ଥିବା ପୋଖରୀର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କରି ଏହାକୁ ଏକ ଆକର୍ଷଣୀୟ ଜଳାଶୟ ଭାବେ ବିକଶିତ କରିବା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଏହା ସହିତ ଉଦ୍ୟାନ କୃଷି ବିଭାଗ ମାଧ୍ୟମରେ ଏକ ନଡ଼ିଆ ବଗିଚା ସୃଷ୍ଟି କରିବାର ଯୋଜନା ରହିଛି। ଏହାଦ୍ୱାରା ଅଞ୍ଚଳର ସବୁଜିମା ବୃଦ୍ଧି ସହ ପରିବେଶର ସୌନ୍ଦର୍ଯ୍ୟ ବଢ଼ିବା ସହ ଭବିଷ୍ୟତରେ ଏହା ଏକ ଆକର୍ଷଣୀୟ ସ୍ଥାନ ଭାବେ ପରିଚିତ ହୋଇପାରିବ। ପାର୍କ, ପୋଖରୀ ଓ ନଡ଼ିଆ ବଗିଚାର ସମନ୍ୱିତ ବିକାଶ ମାଧ୍ୟମରେ ବରଣ୍ଡୁଆ ଗ୍ରାମକୁ ଏକ ସୁନ୍ଦର, ସବୁଜ ଓ ପରିବେଶ ଅନୁକୂଳ ସ୍ଥାନ ଭାବେ ଗଢ଼ିତୋଳିବା ଆଶା କରାଯାଉଛି।

# ଦାବି ପୂରଣ ପାଇଁ ଅଙ୍ଗନୱାଡ଼ି କର୍ମୀଙ୍କ ରଣହୁଙ୍କାର



କେନ୍ଦ୍ରାପଡ଼ା, ୧୨/୧୦(ନିପ୍ର): ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାମାନଙ୍କୁ ସରକାରୀ କର୍ମଚାରୀର ମାନ୍ୟତା ପ୍ରଦାନ ସହିତ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାବି ନେଇ ଆଜି କେନ୍ଦ୍ରାପଡ଼ା ସହରରେ ଏକ ବିଶାଳ ରାଲି ଓ ପ୍ରତିବାଦସଭା ଅନୁଷ୍ଠିତ ହୋଇଯାଇଛି। 'ଅଲ୍ ଓଡ଼ିଶା ଅଙ୍ଗନୱାଡ଼ି ଲେଡିଜ୍ ୱାର୍କର୍ସ ଆସୋସିଏସନ୍' ଏବଂ 'ଭାରତୀୟ ମଜଦୁର ସଂଘ'ର ମିଳିତ ଆନୁକୂଲ୍ୟରେ ଶତାଧିକ ଅଙ୍ଗନୱାଡ଼ି କର୍ମୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକତ୍ରିତ ହୋଇ ପ୍ରଶାସନ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି। ଦୀର୍ଘଦିନ ଧରି ନିଜର ନ୍ୟାଯ୍ୟ ଦାବି ପୂରଣ ନହେବା ଯୋଗୁଁ କର୍ମୀମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆନ୍ଦୋଳନକାରୀମାନେ ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କୁ ସ୍ଥାୟୀ ସରକାରୀ କର୍ମଚାରୀର ମାନ୍ୟତା ଦେବା, ଚାକିରିର ସେବା ଅବଧି ବୟସ ସୀମାକୁ ୬୦ ବର୍ଷରୁ ୬୨ ବର୍ଷକୁ ବୃଦ୍ଧି କରିବା ଏବଂ ୫୫ ବର୍ଷ ବୟସରେ କରାଯାଉଥିବା ସମୀକ୍ଷା ପ୍ରକ୍ରିୟାକୁ ତୁରନ୍ତ ବାତିଲ କରିବା ପାଇଁ ଦୃଢ଼ ଦାବି କରିଛନ୍ତି। ଏହା ସହିତ ଅବସର ସମୟରେ ଉପଯୁକ୍ତ ଆର୍ଥିକ ସୁବିଧା ସହ ସାମାଜିକ ସୁରକ୍ଷା ଯୋଗାଇବା ଏବଂ ସହାୟିକାମାନଙ୍କ ଭତ୍ତା ଅନ୍ୟାୟ ଭାବେ କାଟିବା ବନ୍ଦ କରିବାକୁ ମଧ୍ୟ ଦାବି କରାଯାଇଛି।

# ଅଘୋଷିତ ବିଦ୍ୟୁତ୍ କାଟ୍ : ସମାଧାନ ନ ହେଲେ ଗଣ ଆନ୍ଦୋଳନ

ନିରାକାରପୁର, ୧୨।୧୦(ନିପ୍ର): ଆବାହକ ବିଜୟ କୁମାର ପାଲଟାସିଂହ ଏବଂ ଅଧ୍ୟାପକ ଗଙ୍ଗାଧର ତ୍ରିପାଠୀଙ୍କ ଯୁଗ୍ମ ସଭାପତିତ୍ୱରେ ଏଠାରେ ଅନୁଷ୍ଠିତ ସଭାରେ ଅଞ୍ଚଳର ବିଭିନ୍ନ ସମସ୍ୟା, ବିଶେଷକରି ଆଖପାଖର ୧୨ଟି ପଞ୍ଚାୟତରେ ବାରମ୍ବାର ଓ ଅଘୋଷିତ ଭାବେ ବିଦ୍ୟୁତ୍ କାଟ୍ ନେଇ ଗଭୀର ଉଦ୍‌ବେଗ ପ୍ରକାଶ ପାଇଥିଲା। ସମସ୍ତ ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ କନିଷ୍ଠ ଯନ୍ତ୍ରୀ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରି ଅଞ୍ଚଳର ବିଦ୍ୟୁତ୍ ସମସ୍ୟା ଶୀଘ୍ର ସମାଧାନ କରାଇବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଯଦି ଯଥାଶୀଘ୍ର ଏହି ସମସ୍ୟାର ସମାଧାନ ନ ହୁଏ, ତେବେ ଆଗାମୀ ଦିନରେ କମିଟି ତରଫରୁ ବ୍ୟାପକ ଗଣ ଆନ୍ଦୋଳନ କରାଯିବ ବୋଲି ବୈଠକରେ କଡ଼ା ଚେତାବନୀ ଦିଆଯାଇଛି।

# ବାଙ୍କୀ କଲେଜରେ ଛାତ୍ର ସଂସଦ ନିର୍ବାଚନ ବାତିଲ

*ବୋମାମାଡ଼ ପରେ କ୍ୟାମ୍ପସ୍‌ରେ ଉତ୍ତେଜନା, ସାଇନ୍ ଡାଏ ଘୋଷଣା*

**ବାଙ୍କୀ, ୧୨/୧୦(ନିପ୍ର):** ଆଉ ମାତ୍ର ଦୁଇ ଦିନ ପରେ ହୋଇଥାନ୍ତା ଛାତ୍ର ସଂସଦ ନିର୍ବାଚନ। ପ୍ରଚାର ମଇଦାନକୁ ଓହ୍ଲାଇ ସାରିଥିଲେ ପ୍ରାର୍ଥୀ। କିନ୍ତୁ ଲଗାତାର ବୋମାମାଡ଼ ଓ କଲେଜ ପରିସରରେ ଅଶାନ୍ତିକୁ ଦୃଷ୍ଟିରେ ରଖି ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ସଂସଦ ନିର୍ବାଚନକୁ ବାତିଲ କରାଯାଇଛି। ଆସନ୍ତା ୧୫ ତାରିଖରେ ହେବାକୁ ଥିବା ନିର୍ବାଚନକୁ କଲେଜ କର୍ତ୍ତୃପକ୍ଷ ସାଇନ୍ ଡାଏ ଘୋଷଣା କରିଛନ୍ତି। ଗତ ଶନିବାର ନାମାଙ୍କନପତ୍ର ଯାଞ୍ଚ ଓ ନାକଚକୁ ନେଇ କଲେଜ ପରିସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ନାମାଙ୍କନ ପତ୍ର ନାକଚ ହୋଇଥିବା ପ୍ରାର୍ଥୀମାନେ କଲେଜ ଅଧ୍ୟକ୍ଷଙ୍କ ପ୍ରକୋଷ୍ଠ ସମ୍ମୁଖରେ ଧାରଣାରେ ବସିଥିଲେ। ଏହା ପରେ ସେହିଦିନ ସନ୍ଧ୍ୟାରେ କଲେଜ ପରିସରରେ ବୋମାମାଡ଼ ହୋଇଥିବାରୁ ପରିସ୍ଥିତି ଆହୁରି ଅଶାନ୍ତ ହୋଇପଡ଼ିଥିଲା। ଏହି ଘଟଣାର ପୁନରାବୃତ୍ତି ରବିବାର ରାତିରେ ମଧ୍ୟ ଘଟିଥିଲା। କଲେଜର ଜିଓଲୋଜି ବିଭାଗ ପ୍ରକୋଷ୍ଠକୁ ବୋମାମାଡ଼ କରାଯିବାରୁ କୋଠର ଛାତ ଭାଙ୍ଗିବା ସହ ଆସବାବପତ୍ର ନଷ୍ଟ ହୋଇଥିଲା।

# ୨୩.୮୯ କୋଟି ଟଙ୍କାର ୬ ପ୍ରକଳ୍ପର ଶିଳାନ୍ୟାସ କଲେ ସୁରେଶ ପୂଜାରୀ



ଝାରସୁଗୁଡ଼ା, ୧୨/୧୦(ନିପ୍ର): ଝାରସୁଗୁଡ଼ା ଜିଲ୍ଲାର ବ୍ରଜରାଜନଗର ନିର୍ବାଚନମଣ୍ଡଳୀରେ ଭିତ୍ତିଭୂମି ବିକାଶକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ୨୩ କୋଟି ୮୯ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ହେବାକୁ ଥିବା ୬ଟି ବିକାଶମୂଳକ ପ୍ରକଳ୍ପର ସୋମବାର ଶିଳାନ୍ୟାସ କରିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ସଡ଼କ ନିର୍ମାଣ ଓ ଉନ୍ନତିକରଣ, ଜମ୍ବୁ ନାଳ ଉପରେ ଉଚ୍ଚସ୍ତରୀୟ ସେତୁ ନିର୍ମାଣ ଏବଂ ଲଖନପୁରଠାରେ ସହକାରୀ ଶ୍ରମ ଅଧିକାରୀଙ୍କ ନୂତନ କାର୍ଯ୍ୟାଳୟ କୋଠା ନିର୍ମାଣ ଆଦି ଅନ୍ତର୍ଭୁକ୍ତ। ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେଲେ ଗ୍ରାମାଞ୍ଚଳର ଯୋଗାଯୋଗ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବା ସହ ଲୋକଙ୍କ ଯାତାୟାତ, ମାଲ ପରିବହନ ଓ ସରକାରୀ ସେବା ପାଇବାରେ ସୁବିଧା ହେବ। ଗ୍ରାମାଞ୍ଚଳ ସଡ଼କ ଯୋଗାଯୋଗକୁ ଗୁରୁତ୍ୱ ଦିଆଯାଇ ଗ୍ରିଣ୍ଡୋଲାରୁ ରିଷବାହାଲ ପର୍ଯ୍ୟନ୍ତ ସଡ଼କ ନିର୍ମାଣ ପାଇଁ ୩ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ସେହିପରି ଜୁନିଏନ୍ ଦେଇ ଜାତୀୟ ରାଜପଥ ନମ୍ବର ୪୯ରୁ ବେହେରାଗୁଡ଼ା ଛକ ପର୍ଯ୍ୟନ୍ତ ସଡ଼କ ନିର୍ମାଣ ପାଇଁ ୪ କୋଟି ୫୬ ଲକ୍ଷ ଟଙ୍କା ବ୍ୟୟ କରାଯିବ। ଏହି ଦୁଇଟି ସଡ଼କ ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଗ୍ରାମଗୁଡ଼ିକର ଯାତାୟାତ ବ୍ୟବସ୍ଥାରେ ଉନ୍ନତି ଆସିବା ସହ ଜାତୀୟ ରାଜପଥ ସହ ସଂଯୋଗ ଅଧିକ ସୁଗମ ହେବ। ଏହା ଦ୍ୱାରା ଚାଷୀ, ଶ୍ରମିକ, ଛାତ୍ରଛାତ୍ରୀ ଓ ଦୈନନ୍ଦିନ ଯାତାୟାତ ପାଇଁ ସଡ଼କ ଉପରେ ନିର୍ଭରଶୀଳ ଲୋକମାନେ ଉପକୃତ ହୋଇପାରିବେ। ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଜମ୍ବୁ ନାଳ ଉପରେ ଉଚ୍ଚସ୍ତରୀୟ ସେତୁ ନିର୍ମାଣ ଏକ ପ୍ରମୁଖ କାର୍ଯ୍ୟ। ଜୋଗିଡିପାରୁ ଲୁହୁରାପଡ଼ା ରାସ୍ତାରେ ଏହି ସେତୁ ନିର୍ମାଣ ପାଇଁ ୫ କୋଟି ୨୩ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ବର୍ଷା ଋତୁରେ ନାଳରେ ଜଳସ୍ତର ବୃଦ୍ଧି ପାଇଲେ ଯାତାୟାତରେ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଥାଏ। ଏଭଳି ପରିସ୍ଥିତିରେ ଉଚ୍ଚସ୍ତରୀୟ ସେତୁ ନିର୍ମାଣ ଦ୍ୱାରା ଯାତାୟାତକୁ ଅଧିକ ନିରାପଦ ଓ ନିର୍ଭରଯୋଗ୍ୟ କରିବା ସହ ଗ୍ରାମାଞ୍ଚଳର ଲୋକଙ୍କ ଯାତାୟାତଜନିତ ଅସୁବିଧା ହ୍ରାସ ପାଇବ ବୋଲି ଆଶା କରାଯାଉଛି। ଏହାଦ୍ୱାରା ଶିକ୍ଷା, ସ୍ୱାସ୍ଥ୍ୟସେବା, ବଜାର ଓ ଅନ୍ୟାନ୍ୟ ଜରୁରୀ ସେବା ପାଇଁ ଯାତାୟାତ ସହଜ ହୋଇପାରିବ।

Printed and Published by Arun Kumar Dash on behalf of M/s SURYO MEDIA PVT. LIMITED and Printed at M/s SURYO MEDIA PVT. LIMITED, Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com

ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ

ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ